# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୬/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, December 16/2025 | Page 16 | ₹ 7.00 | DHENKANAL

୫୨ଶ ଭାଗ ୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 23 | ମୂଲ୍ୟ ₹୭/-




## ଶେଫାଳି ପ୍ଲେୟର ଅଫ୍ ଦି ମନ୍ଥ୍

ନଭେମ୍ବର ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି ଭାରତୀୟ ମହିଳା ବ୍ୟାଟର ଶେଫାଳି ବର୍ମା।

୧୬

୦୨

## ୨ ସନ୍ତାନ ପରେ ପ୍ରେମିକାଙ୍କ ସହ ନିର୍ବନ୍ଧ କଲେ ଅର୍ଜୁନ ରାମପାଲ

ଅଭିନେତା ଅର୍ଜୁନ ରାମପାଲ ତାଙ୍କର ଦୀର୍ଘକାଳୀନ ପ୍ରେମିକା ଗାବ୍ରିଏଲା ଡେମେଟ୍ରିଏଡେସ ସହିତ ୬ ବର୍ଷ ଡେଟିଂ ଏବଂ ୨ ସନ୍ତାନ ଜନ୍ମ ପରେ ନିର୍ବନ୍ଧ କରିଛନ୍ତି।





କେନ୍ଦୁଝର ଜିଲା କାଞ୍ଚିପାଣି ଘାଟିରେ ଏକ ଟ୍ରେଲର ଗତ ୩ ଦିନ ହେଲା ଓଲଟି ପଡ଼ିଛି। ଫଳରେ ରାଜପଥର ଗୋଟିଏ ଲେନ୍ ଅବରୋଧ ହୋଇ ରହିଥିବାରୁ ଯାତାୟାତ ପ୍ରଭାବିତ ହେଉଛି।

# ଏମ୍‌ଜିଏନ୍‌ଆର୍‌ଇଜିଏ ବଦଳାଇବାକୁ ବିଲ୍ ଆଣିବ କେନ୍ଦ୍ର

ଗ୍ରାମାଞ୍ଚଳର ଲୋକଙ୍କୁ ନିଶ୍ଚିତ ରୋଜଗାର ଯୋଗାଇବା ଲକ୍ଷ୍ୟ ନେଇ ୨୦୦୫ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସଂସଦରେ ଏନ୍‌ଆର୍‌ଇଜିଏ(ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ) ବିଲ ଗୃହୀତ କରାଇଥିଲେ। ୨୦୦୬ରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏଥିପାଇଁ ପ୍ରଥମେ ୧୧,୩୦୦ କୋଟି ଟଙ୍କାର ବଜେଟ ରଖାଯାଇଥିବାବେଳେ ୨୦୨୫-୨୬ରେ ଏହା ୮୬,୦୦୦ କୋଟିରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ୧୦୦ ଦିନ କାମ ଯୋଗାଇବାକୁ ଉଦ୍ଦିଷ୍ଟ ଏହି ଯୋଜନାର ନାଁର ଆରମ୍ଭରେ ୨୦୦୯ରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡ଼ଯାଇଥିଲା। ସେବେଠାରୁ ଏହା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ(ଏମ୍‌ଜିଏନ୍‌ଆରଇଜିଏ) ଭାବେ ପରିଚିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ସୋମବାର ଏହି ଯୋଜନାର ନାମ ପରିବର୍ତ୍ତନ କରି ଭିବି-ଜି ରାମ୍ ଜି(ବିକଶିତ ଭାରତ- ରୋଜଗାର ଗ୍ୟାରେଣ୍ଟି ଓ ଅଜୀବିକା ମିଶନ(ଗ୍ରାମୀଣ) ରଖିବାକୁ ଯାଉଛନ୍ତି। 'ଏମ୍‌ଜିଏନ୍‌ଆରଇଜିଏ' ଯୋଜନାରେ କେନ୍ଦ୍ର ସରକାର ସମସ୍ତ ଖର୍ଚ୍ଚ ବହନ କରୁଥିବାବେଳେ ବର୍ତ୍ତମାନ ଏହାର ଆର୍ଥିକ ବୋଝ ରାଜ୍ୟ ଓ କେନ୍ଦ୍ରଶାସିତ ରାଜ୍ୟ ଉପରେ ପଡ଼ିବ।

ନୂଆଦିଲ୍ଲୀ,୧୫।୧୨

### ରାଜ୍ୟ ଉପରେ ପଡ଼ିବ ୪୦% ପାଣ୍ଠି ଯୋଗାଣ ବୋଝ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ)କୁ ବଦାଇବା ପାଇଁ କେନ୍ଦ୍ର ସରକାର ଚଳିତ ସପ୍ତାହରେ ଲୋକ ସଭାରେ ବିଲ୍ ଆଣିବା ଆଶା କରାଯାଉଛି। ଏହି ବିଲ୍ ନାଁ ରହିଛି ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ବିଲ୍, ୨୦୨୫। ଏଥିରେ ଗ୍ରାମାଞ୍ଚଳର ପରିବାରଗୁଡ଼ିକୁ ଗୋଟିଏ ଆର୍ଥିକ ବର୍ଷରେ ୧୦୦ ଦିନ ☞ପୃଷ୍ଠା-୪

# ୧ ଡଲାର= ୯୦.୭୪ ଟଙ୍କା

ମୁମ୍ବାଇ,୧୫।୧୨(ପି.ଟି.)





ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ସର୍ବନିମ୍ନ ସ୍ତର ୯୦.୮୦ ଛୁଇଁବା ପରେ ୯୦.୭୪ରେ ବନ୍ଦ ରହିଛି। ଅର୍ଥାତ୍ ୧ ଡଲାର ମୂଲ୍ୟ ୯୦ ଟଙ୍କା ୭୪ ପଇସା ହୋଇଛି। ପୂର୍ବଦିନ ତୁଳନାରେ ଟଙ୍କା ମୂଲ୍ୟ ୨୫ ପଇସା ହ୍ରାସ ପାଇଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାକୁ ନେଇ ଅନିଶ୍ଚିତତା ବଢୁଥିବାବେଳେ ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ପୁଞ୍ଜି ଉଠାଇ ନେଉଥିବାରୁ ଟଙ୍କା ମୂଲ୍ୟ ନିମ୍ନଗାମୀ ହୋଇଚାଲିଛି। କ୍ଷତି ଆଶଙ୍କା ଥିବା ବଜାର ମନୋଭାବ ସାଙ୍ଗକୁ ଆମେରିକୀୟ ଡଲାର ପ୍ରତି ଆମଦାନିକାରୀଙ୍କ ଚାହିଦା ବଢୁଥିବାରୁ ନିବେଶକଙ୍କ ମନୋଭାବ ଆହୁରି ଦୁର୍ବଳ ହେଉଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଦିବସ ଆରମ୍ଭରେ ୯୦.୫୩ ଥିଲାବେଳେ ପରେ ରେକର୍ଡ ଇଣ୍ଟ୍ରା-ଡେ ନିମ୍ନ ସ୍ତର ୯୦.୮୦କୁ ଖସିଥିଲା। କାରବାର ଶେଷରେ ଏହା ସାମୟିକ ଭାବେ ୯୦.୭୪ରେ ସ୍ଥିର ରହିଥିଲା। ସୂଚନାଯୋଗ୍ୟ, ଗତ ଶୁକ୍ରବାର ଟଙ୍କା ମୂଲ୍ୟ ୧୭ ପଇସା ହ୍ରାସ ପାଇ ୯୦.୪୯ରେ ପହଞ୍ଚିଥିଲା।

# ପ୍ରେମିକାକୁ ବିଷ ପିଆଇବା ପରେ ପିଟି ମାରିଦେଲେ

ନୟାଗଡ/ଶରଣକୁଳ,୧୫।୧୨
(ଲୋକନାଥ ମିଶ୍ର/ଦୀପକ କର)

ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଚାଲିଯାଇଛି ୨ଟି ଜୀବନ। ପ୍ରେମରେ ଅସଫଳ ହେବାରୁ ସୋମବାର ଜଣେ ଯୁବକ ମନ୍ଦିର ପରିସରରେ ଜଣେ ନାବାଳିକାଙ୍କୁ ବିଷ ପିଆଇ ଲୁହା ପାଇପ୍(ଫୁଙ୍କନଳି)ରେ ପିଟି ହତ୍ୟା କରିଛନ୍ତି। ନାବାଳିକାଙ୍କୁ ରକ୍ତାକ୍ତ ଅବସ୍ଥାରେ ମନ୍ଦିରର ପାଚେରି ବାହାରକୁ ଫିଙ୍ଗି ଦେବା ପରେ ନିଜେ ବିଷ ପିଇ ଆମ୍ବୁଲାନ୍ସକୁ ଫୋନ୍ କରି ଜଣାଇଥିଲେ। ଘଟଣାଟି ଶରଣକୁଳ ଥାନା ଅନ୍ତର୍ଗତ ସାବିଦେଇପୁର ମନ୍ଦିର ପରିସରରେ ଘଟିଥିବାବେଳେ ଆକ୍ରମଣକାରୀ ଯୁବକ ହେଉଛନ୍ତି ନୟାଗଡ଼ ଜିଲା ଶରଣକୁଳ ଥାନା ମଗରବନ୍ଧ ଗାଁର ପୂର୍ଣ୍ଣଚନ୍ଦ୍ର ନାୟକ ଓରଫ ମିଥୁନ(୨୩)। ଉଭୟ ପୂର୍ଣ୍ଣଚନ୍ଦ୍ର ଏବଂ ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିବାବେଳେ ପୂର୍ଣ୍ଣଚନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟ ରାତିରେ ମୃତ୍ୟୁ ଘଟିଥିବା ଟାଉନ୍ ଥାନା ଆଇଆଇସି ରଶ୍ମୀରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ନାବାଳିକା ବାପାଙ୍କ ଅଭିଯୋଗ ଅନୁସାରେ ଥାନାରେ ନଂ.୨୬୮/୨୫ରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଶରଣକୁଳ ଥାନା ଆଇଆଇସି ସୁଜିତ କୁମାର ଦାସ କହିଛନ୍ତି।

### ବିଷ ପିଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରେମିକଙ୍କ ମୃତ୍ୟୁ

ସୂଚନା ଅନୁସାରେ, ପୂର୍ଣ୍ଣଚନ୍ଦ୍ର ଗତ ୨ବର୍ଷ ହେଲା ଉକ୍ତ ନାବାଳିକାଙ୍କୁ ଭଲ ପାଉଥିଲେ। ପରିବାର ପକ୍ଷରୁ ଏହାକୁ ବିରୋଧ ପରେ ନାବାଳିକା ପୂର୍ଣ୍ଣଚନ୍ଦ୍ରଙ୍କଠାରୁ ସମ୍ପର୍କ କାଟି ଦେଇଥିଲେ। ହେଲେ ପୂର୍ଣ୍ଣଚନ୍ଦ୍ର ଏକତରଫା ଭାବେ ନାବାଳିକାଙ୍କୁ ଭଲପାଇ ଆସୁଥିଲେ। ଘଟଣା ସମ୍ପର୍କରେ ପୂର୍ଣ୍ଣଚନ୍ଦ୍ରଙ୍କ ମା'ବାପାଙ୍କୁ ନାବାଳିକାଙ୍କ ପରିବାର ଲୋକେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ମୃତ ନାବାଳିକାଙ୍କ ବାପା ଥାନାରେ କରିଥିବା ଅଭିଯୋଗ ଅନୁସାରେ, ତାଙ୍କ ଝିଅ ଦଶମ ଶ୍ରେଣୀରେ ପଢ଼େ। ସୋମବାର ସକାଳ ୭ଟାରେ ସେ ସାବିଦେଇପୁର ଶିବ ମନ୍ଦିରକୁ ଯାଇଥିଲା। ମଗରବନ୍ଧର ପୂର୍ଣ୍ଣଚନ୍ଦ୍ର ମନ୍ଦିର ପରିସରରେ ଝିଅକୁ ଟଣାଓଟରା କରିଥିଲେ। ସେ ରାଜି ନ ହେବାରୁ ତାଙ୍କୁ ବିଷ ପିଆଇ ମନ୍ଦିରରେ ପଡ଼ିଥିବା ଏକ ଫୁଙ୍କନଳିରେ ମୁଣ୍ଡକୁ ପିଟି ଫିଙ୍ଗି ଦେଇଥିଲେ। ଏହାପରେ ନିଜେ ମଧ୍ୟ ବିଷ ପିଇ ଦେଇଥିଲେ। ପୂଜକ ଓ ସାବିଦେଇପୁର ଗାଁର କେତେକ ଲୋକ ଏହା ଜାଣିଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ମୃତ ନାବାଳିକାଙ୍କ ମା'ଙ୍କ କହିବା ହେଲା, ଝିଅ ଟିଉଶନ ଯାଇଥିଲା। କିନ୍ତୁ ସାର୍ କହିଲେ ଝିଅ ଆସି ନାହିଁ। ସାର୍‌ଙ୍କଠାରୁ ଖବର ପାଇ ଖୋଜାଖୋଜି କରିବାକୁ ଗଲାବେଳେ ଝିଅକୁ ସାବିଦେଇପୁର ମନ୍ଦିରରେ ଫୁଙ୍କନଳିରେ ପୂର୍ଣ୍ଣଚନ୍ଦ୍ର ପିଟିଥିବା ଖବର ପାଇଲୁ। ପାଖରେ ରକ୍ତଲଗା ଫୁଙ୍କନଳି ପଡ଼ିଥିଲା। ଖବରପାଇ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଦେଖିଲୁ ଝିଅ ନାହିଁ। ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ଦେଖିବାକୁ ପାଇଲୁ ବୋଲି ମା' କହିଛନ୍ତି। ଅପରପକ୍ଷରେ ପୂର୍ଣ୍ଣଚନ୍ଦ୍ରଙ୍କ ଭିଣୋଇ ଅଶୋକ ନାୟକ କୁହନ୍ତି, ଉଭୟ ପରସ୍ପରକୁ ପ୍ରାୟ ୨ବର୍ଷ ହେବ ଭଲ ପାଉଥିଲେ। ଏକତରଫା ପ୍ରେମ ବୋଲି ଝିଅ ଘର ଯେଉଁ ଅଭିଯୋଗ ଆଣିଛନ୍ତି ତାହା ମିଛ। ପୋଲିସ ତଦନ୍ତ ପରେ ସବୁ କିଛି ଜଣାପଡ଼ିବ। ଅପରପକ୍ଷରେ ଡାକ୍ତର ପୁରାଲି ସାହୁ କୁହନ୍ତି, ନାବାଳିକା ଏବଂ ଯୁବକ ୨ଜଣ ବିଷ ପିଇଥିଲେ। ଚିକିତ୍ସାଳୟକୁ ଆସିବାବେଳେ ଉଭୟେ ଗୁରୁତର ଥିଲେ। ନାବାଳିକାଙ୍କ ମୃତ୍ୟୁ ହୋଇଛି। ଯୁବକଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି ବୋଲି ଡାକ୍ତର ସାହୁ କହିଛନ୍ତି।

# ଶିମିଳିପାଳ ସମ୍ବେଦନଶୀଳ ଅଞ୍ଚଳରେ ସ୍ଥାୟୀ ନିର୍ମାଣ

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନର ଇକୋ ସେନ୍‌ସିଟିଭ ଜୋନ୍ (ପରିବେଶ ସମ୍ବେଦନଶୀଳ ଅଞ୍ଚଳ)ରେ ଆଦିବାସୀଙ୍କ ଜମିକୁ ଲିଜ୍‌ସୂତ୍ରରେ ନିଆଯାଇ କେତେକ ବେଆଇନ ନିର୍ମାଣ ଜାରି ରହିଛି। ବ୍ୟବସାୟ ପାଇଁ ଆଦିବାସୀଙ୍କୁ ହାତବାରିସି କରି ପୁଞ୍ଜିପତିମାନେ ମାଲାମାଲ ହେଉଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ପିଠାବଟାରେ ଲୁଲୁଙ୍ଗସ୍ଥିତ ସମ୍ବେଦନଶୀଳ ଅଞ୍ଚଳରେ ଜଣେ ଗରିବ ଶ୍ରେଣୀ ଲୋକଙ୍କ ଜମିରେ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ସଂଯୋଗ କରାଯାଇ ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ରିସର୍ଟ ନିମନ୍ତେ କୋଠା ନିର୍ମାଣ କାର୍ଯ୍ୟ କରାଯାଉଛି। ନିୟମ ଅନୁଯାୟୀ ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବଡ଼ ନିର୍ମାଣକୁ ସୁପ୍ରିମ୍‌କୋର୍ଟ ନିଷେଧ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଉଥିବାବେଳେ ଆଦିବାସୀଙ୍କ ଜମିରେ ନିର୍ମାଣ କାର୍ଯ୍ୟ ହେଉଥିବାରୁ ଏନେଇ ଜିଲା ପ୍ରଶାସନ ନୀରବ ରହୁଛି। ଫଳରେ ଶିମିଳିପାଳର ଜୈବବିବିଧତା ପ୍ରତି ବଡ଼ ବିପଦ ଘନେଇଛି। ରିସର୍ଟ ପାଇଁ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ସରିବା ଏବଂ କୋଠା ନିମନ୍ତେ କଂକ୍ରିଟ୍ କାର୍ଯ୍ୟ ଆରମ୍ଭ ହେବା ପରେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସଦଳବଳ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଏହାସହିତ କାହା ଦ୍ୱାରା ଏହି ନିର୍ମାଣ ହେଉଛି, ତା'ର ତଦନ୍ତ କରିବା ପାଇଁ ଗୋଗିନେନୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବାରିପଦା,୧୫।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା



ଆଦିବାସୀଙ୍କ ଜମିରେ ନିର୍ମାଣ ହୋଇଥିବା ବିଦ୍ୟୁତ୍ ଷ୍ଟ୍ରକ୍‌ଚର।

ବିଶ୍ୱରେ କଳାବାଘ ରହୁଥିବା ଶିମିଳିପାଳରେ ପର୍ଯ୍ୟଟକଙ୍କ ରହିବା, ଖାଇବା ଏବଂ ଆମୋଦପ୍ରମୋଦ ପାଇଁ କେତେକ ହୋଟେଲ ଓ ରିସର୍ଟ ନିର୍ମାଣ କାର୍ଯ୍ୟ ପ୍ରଶାସନର ବିନା ଅନୁମତିରେ ଚାଲୁ ରହିଛି। ଲୁଲୁଙ୍ଗସ୍ଥିତ ସମ୍ବେଦନଶୀଳ ଅଞ୍ଚଳରେ ଜଣେ ଆଦିବାସୀଙ୍କ ଜମିରେ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସିଛି। ଏହା ସହିତ ରିସର୍ଟ ନିର୍ମାଣ ପାଇଁ କଂକ୍ରିଟ କାର୍ଯ୍ୟ ଚାଲିଥିଲା। ଏହାକୁ ନେଇ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ସଂରକ୍ଷିତ ଜଙ୍ଗଲରୁ ୧ କି.ମି. ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ତଥାପି ନିରବଚ୍ଛିନ୍ନ ଭାବେ ଚାଲିଥିବା ବେଆଇନ ନିର୍ମାଣ ପ୍ରତି ଜିଲା ପ୍ରଶାସନର ଦୃଷ୍ଟି ପଡୁନାହିଁ। ଅଞ୍ଚଳରେ କୌଣସି କାର୍ଯ୍ୟ କରିବା ପୂର୍ବରୁ ଜିଲାପାଳଙ୍କ ଅନୁମତିର ଆବଶ୍ୟକତା ରହିଛି। ଏପରିକି ବନ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଏକ କମିଟି ମାଧ୍ୟମରେ ନିୟମକୁ ଅନୁପାଳନ ପୂର୍ବକ ଅନୁମତି ଦେବାର ବ୍ୟବସ୍ଥା ରହିଛି। ୨୦୨୨ରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ପ୍ରତ୍ୟେକ ସଂରକ୍ଷିତ ଅଞ୍ଚଳରେ ଅତି କମ୍‌ରେ ☞ପୃଷ୍ଠା-୪

# କଂଗ୍ରେସର ପ୍ରାଥମିକ ପଦରୁ ମୋକିମ୍ ବହିଷ୍କାର

### ବିଚାରଧାରାରୁ କେହି ଦୂରେଇପାରିବେ ନାହିଁ: ମୋକିମ୍

ଭୁବନେଶ୍ୱର/କଟକ,୧୫।୧୨
(ରବିନାରାୟଣ ଜେନା/ଶିଲ୍ପା ପ୍ରିୟଦର୍ଶିନୀ)

ନୂଆପଡ଼ା ଉପନିର୍ବାଚନ ପରେ କଂଗ୍ରେସରେ ଏକପ୍ରକାର ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। କିଛିଦିନ ପୂର୍ବରୁ କଂଗ୍ରେସର ଜାତୀୟ ଏବଂ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ଉପରେ ବାରବାଟୀ-କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ପ୍ରଶ୍ନ ଉଠାଇବା ମହଙ୍ଗା ସାବ୍ୟସ୍ତ ହୋଇଛି। ପିସିସିର ସୁପାରିସକୁ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ଅନୁମୋଦନ କରିବା ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳର ପ୍ରାଥମିକ ସଦସ୍ୟ ପଦରୁ ମୋକିମ୍‌ଙ୍କୁ ବହିଷ୍କାର କରିଛନ୍ତି। ଏସଂକ୍ରାନ୍ତରେ ଡିସେମ୍ବର ୧୩ରେ ଭକ୍ତ ବିଧିବଦ୍ଧ ଭାବେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମୋକିମ୍‌ଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ରାଜ୍ୟ ତଥା କଂଗ୍ରେସ ରାଜନୀତିରେ ଏକପ୍ରକାର ଚହଳ ସୃଷ୍ଟି ହୋଇଛି।

ମୋକିମ୍‌ଙ୍କ ଏଭଳି ହୁଙ୍କାପିଟା ନୀତିକୁ କେତେକ ବରିଷ୍ଠ କଂଗ୍ରେସ ନେତା ସମାଲୋଚନା କରୁଥିବାବେଳେ ଆଉ କେତେକ ଏହାର ପୁନର୍ବିଚାର କରିବା ଦଳ ପାଇଁ ଠିକ୍ ହେବ ବୋଲି କହୁଛନ୍ତି। ଏହି ପରିପ୍ରେକ୍ଷୀରେ ମୋକିମ୍ ଖବରଦାତା ସମ୍ମିଳନୀରେ କହିଛନ୍ତି, ମୁଁ ରାଜନୀତିରେ ଥିଲି, ଅଛି ଏବଂ ଆଗକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜଗନ୍ନାଥ ଗ୍ରହଣୀୟ**

# ଭୁବନେଶ୍ୱରରେ ହେବ 'ଗ୍ଲୋବାଲ ଭିଜା ଆପ୍ଲିକେଶନ ସେଣ୍ଟର'

ଭୁବନେଶ୍ୱର,୧୫।୧୨(ସୁନିତ୍ ମିଶ୍ର)

### ■ ଭିଏଫ୍‌ଏସ୍ ଗ୍ଲୋବାଲ ଘରୋଇ ସଂସ୍ଥା ଯୋଗାଇବ ସେବା

ଭୁବନେଶ୍ୱରଠାରେ ଗ୍ଲୋବାଲ ଆପ୍ଲିକେଶନ ସେଣ୍ଟର ସ୍ଥାପନ ହେବ। ଭିଏଫ୍‌ଏସ୍ ଗ୍ଲୋବାଲ ନାମକ ଏକ ଘରୋଇ ସଂସ୍ଥା ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରିବ। ଏହି ସଂସ୍ଥା ଜରିଆରେ ଓଡ଼ିଶାର ଲୋକମାନେ ଯେଉଁ ଦେଶକୁ ଯିବେ ସେଥିଲାଗି ଭିଜା ପାଇଁ ଆବେଦନ କରିପାରିବେ। ପୂର୍ବରୁ ବିଭିନ୍ନ ଏମ୍ବାସି ଏବଂ କନ୍‌ସୁଲେଟ୍‌ସ ପାଖରେ ଭିଜା ପାଇଁ ଲୋକଙ୍କୁ ବହୁ ଲମ୍ବା ଧାଡ଼ି ଲଗାଇବାକୁ ପଡୁଥିଲା। ଫଳରେ ଏହି ସମସ୍ୟାର ସମାଧାନ କରିବାକୁ ଯାଇ କେତେକ ଦେଶ ମିଳିତ ଭାବେ ଭିଏଫଏସ୍ ଗ୍ଲୋବାଲ ନାମକ ଏକ ସଂସ୍ଥାକୁ ଭିଜା ଆବେଦନ କରିବାକୁ ଦାୟିତ୍ୱ ଦେଇଛନ୍ତି। ପୂର୍ବରୁ ଏହି ସଂସ୍ଥା ଭାରତର ଦିଲ୍ଲୀ, ହାଇଦ୍ରାବାଦ ଓ କୋଲକାତା ଭଳି କେତେକ ରାଜ୍ୟରେ ନିଜର କାର୍ଯ୍ୟାଳୟ କରିବାକୁ ଅନୁମତି ପାଇ ସେବା ଯୋଗାଇ ଆସୁଛି। ବର୍ତ୍ତମାନ ଏହି ସଂସ୍ଥା ପକ୍ଷରୁ ଓଡ଼ିଶାରେ କାର୍ଯ୍ୟାଳୟ ଖୋଲିବାକୁ ଆବେଦନ କରିଥିବା ବେଳେ ତାକୁ ଅନୁମୋଦନ ମିଳିଛି। ଫଳରେ ଓଡ଼ିଶା ଲୋକଙ୍କ ଭିଜା ପାଇବା ପାଇଁ ଏବେ ଅନ୍ୟ ରାଜ୍ୟକୁ ଯିବାକୁ ପଡ଼ି ନ ପାରେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ 'ଗ୍ଲୋବାଲ ଭିଜା ☞ପୃଷ୍ଠା-୪

# ୨ ନୂତନ ପ୍ରଜାତିର କୀଟ ସନ୍ଧାନ

ବ୍ରହ୍ମପୁର,୧୫।୧୨(ସୁବାସ ଚନ୍ଦ୍ର ପାଢ଼ୀ)



ନାମାଲିକାଷ୍ଟିସ ସୋଲେନୋଟୋଗ୍ନାଥା



ନେରେଇସ ଧ୍ରିତିୟେ

ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥାର ବୈଜ୍ଞାନିକ ଓ ଗବେଷକମାନେ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ଅନ୍ତର୍ଗତ ଦିଘା ଓ ବାଙ୍କିପୁଟ ବଙ୍ଗୋପସାଗର ଉପକୂଳ ଅଞ୍ଚଳରୁ ୨ଟି ନୂତନ ସମୁଦ୍ର କୀଟର ସନ୍ଧାନ ପାଇଛନ୍ତି। ଏହି ୨ଟି ନୂତନ ପ୍ରଜାତିର କୀଟ ନାମ 'ନାମାଲିକାଷ୍ଟିସ ସୋଲେନୋଟୋଗ୍ନାଥା' ଓ 'ନେରେଇସ ଧ୍ରିତିୟେ' ରଖାଯାଇଛି। ବଙ୍ଗୋପସାଗର ଅଞ୍ଚଳରୁ ନେରେଇଡିଡ ପରିବାରର ଏହି ୨ଟି ନୂତନ ପ୍ରଜାତିର କୀଟ ସମ୍ବନ୍ଧୀୟ ଗବେଷଣାପତ୍ର ଭାବେ ଏକ ଅନ୍ତର୍ଜାତୀୟ ବୈଜ୍ଞାନିକ ପତ୍ରିକାରେ ପ୍ରକାଶ ପାଇଛି। ପୃଥିବୀରେ ପ୍ରଥମଥର ପାଇଁ ଏହି କୀଟର ସନ୍ଧାନ ମିଳିଛି ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଅନିଲ ମହାପାତ୍ର କହିଛନ୍ତି। ନାମାଲିକାଷ୍ଟିସ ସୋଲେନୋଟୋଗ୍ନାଥା ପ୍ରଜାତି ଗଡ଼ିପଡ଼ିଥିବା ହେନ୍ତାଳ ଗଛ, ଗଛର ଛେଲି ଓ କଠିନ ମାଟି ସହିତ ସମ୍ପୃକ୍ତ। ନେରେଇସ ଧ୍ରିତିୟେ ପ୍ରଜାତି ବାଲୁକାମୟ ସମୁଦ୍ରତଟରେ ପଡ଼ିଥିବା କାଠ ଗୁଣ୍ଡୁଡ଼ା ମଧ୍ୟରେ ବାସ କରେ। ଯାହା ଉଚ୍ଚ ଜୁଆର ସମୟରେ ଜଳମଗ୍ନ ହୋଇଯାଏ। ଏହି ପ୍ରଜାତିଗୁଡ଼ିକ ପରିବେଶର ସ୍ଥିତି ଚିହ୍ନଟ କରିବାରେ ସୂଚକ ଭାବେ ମଧ୍ୟ ଉପଯୋଗୀ ହୋଇପାରନ୍ତି। ଅଧ୍ୟୟନରୁ ପ୍ରକାଶ ପାଇଛି ଯେ ଏହି ପ୍ରଜାତିଗୁଡ଼ିକ ଅଧିକାଂଶ ଦୂଷିତ ଉପକୂଳୀୟ ଅଞ୍ଚଳ ଓ ମାନବ ସୃଷ୍ଟ କାର୍ଯ୍ୟକଳାପରେ ପ୍ରଭାବିତ କ୍ଷେତ୍ରରେ ମିଳିଥାନ୍ତି। ଗବେଷକ ଜ୍ୟୋସ୍ନା ପ୍ରଧାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଅନିଲ ମହାପାତ୍ର ଏବଂ ମେକ୍ସିକୋର ବୈଜ୍ଞାନିକ ଟୁଲିଓ ଭିଲାଲୋବୋସଗୁ ଏରେରୋ କହିଛନ୍ତି ଯେ ବଙ୍ଗୋପସାଗରର ଉତ୍ତର ଅଞ୍ଚଳରେ କୀଟମାନଙ୍କ ଜୈବ ବିବିଧତା ଓ ତାହାର ପରିସ୍ଥିତିଗତ ଗୁରୁତ୍ୱ ବୁଝିବାରେ ଏହି ଆବିଷ୍କାର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ।

## ଦିଲ୍ଲୀରେ ଆଜି



ଭାଜପାର ନବନିଯୁକ୍ତ ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ଦଳୀୟ ନେତ୍ରୀ ତଥା ସାଂସଦ ଡି. ପୁରନ୍ଦେଶ୍ୱରୀ ସୋମବାର ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟକୁ ସ୍ୱାଗତ କରୁଛନ୍ତି। (ଫଟୋ- ଚମନ ଗୌତମ)

# ସଡ଼କ ଦୁର୍ଘଟଣା ରୋକିବାକୁ ଗାଇଡ୍‌ଲାଇନ ଆଣିପାରନ୍ତି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୧୨(ପି.ଟି.)

ରାଜସ୍ଥାନର ଫାଲୋଡ଼ିରେ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୧୫ ଜଣଙ୍କ ଜୀବନ ଯାଇଥିଲା। ତେଣୁ ଏକ୍ସପ୍ରେସ୍‌ୱେ ଏବଂ ଜାତୀୟ ରାଜପଥଗୁଡ଼ିକରେ ସଡ଼କ ଦୁର୍ଘଟଣା ରୋକିବା ନିମନ୍ତେ ସାରା ଦେଶ ପାଇଁ ଏକ ମାର୍ଗଦର୍ଶିକା ଆଣିବା ନିମନ୍ତେ ସୁପ୍ରିମକୋର୍ଟ ବିଚାର କରୁଥିବା ସୋମବାର କହିଛନ୍ତି। ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ୍‌ୱେଗୁଡ଼ିକର ଉଭୟ ପାର୍ଶ୍ୱରେ ବେଆଇନ ଢାବା ନିର୍ମାଣ ସଡ଼କ ଦୁର୍ଘଟଣାର ସମ୍ଭାବ୍ୟ କାରଣ ହୋଇପାରେ ବୋଲି ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ବିଜୟ ବିଷ୍ଣୋଇଓଙ୍କ ଖଣ୍ଡପୀଠ ଆଶଙ୍କା ବ୍ୟକ୍ତ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବୈଧାନିକ ନିୟମାବଳୀ ଉପସ୍ଥାପନ କରିବା ନିମନ୍ତେ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି। ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ତରଫରୁ ମେହେଟ୍ଟା କୋର୍ଟରେ ଉପସ୍ଥିତ ଥିଲେ। ବେଆଇନ ଢାବା ଖୋଲିଥିବା ଲୋକମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଏଥିପାଇଁ କିଏ ଉତ୍ତରଦାୟୀ ଏବଂ କେଉଁ ସଂସ୍ଥା ଉକ୍ତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିନାହାନ୍ତି, ଜଣାଇବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆମିକସ୍ କ୍ୟୁରି ଏବଂ ସଲିସିଟର ଜେନେରାଲଙ୍କ ମଧ୍ୟରେ ଆଲୋଚନା ପରେ ମାମଲାର ସମାଧାନ ହୋଇଛି, ଯାହା ଗାଇଡ୍‌ଲାଇନ ପ୍ରସ୍ତୁତ କରିବା ଓ ଜାରି କରିବାରେ ସହାୟକ ହୋଇପାରେ। ମେହେଟ୍ଟା କହିଥିଲେ, ରାସ୍ତାପାର୍ଶ୍ୱ ବେଆଇନ ଢାବା ଏବଂ ହୋଟେଲଗୁଡ଼ିକୁ ହଟାଇଦିଆଯିବା କ୍ଷମତା ଆମ ପାଖରେ ରହିଛି। ତେବେ ସ୍ଥାନୀୟ ଜିଲାପାଳଙ୍କୁ ଏଥିପାଇଁ କ୍ଷମତା ଦିଆଯାଇଛି। ସ୍ଥାନୀୟ ପୋଲିସ ଓ କର୍ତ୍ତୃପକ୍ଷ ତାଙ୍କ ନିର୍ଦ୍ଦେଶରେ କାମ କରିଥାନ୍ତି, ଯାହାକି ଏନ୍‌ଏଚ୍‌ଏଆଇର ନାହିଁ। ତେଣୁ ଏହାର ସମାଧାନ କରିବାକୁ ହେବ ବୋଲି ମେହେଟ୍ଟା କହିଥିଲେ। ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଗାଡ଼ିଗୁଡ଼ିକୁ ରଖିବା ପାଇଁ ପ୍ରତି ଏକ୍ସପ୍ରେସ୍‌ୱେ ଏବଂ ଜାତୀୟ ରାଜପଥଠାରୁ କିଛି ଦୂରରେ ସର୍ଭିସ ରୋଡ୍ ରହିବା ଆବଶ୍ୟକ ବୋଲି ସଲିସିଟର ଜେନେରାଲ କହିଥିଲେ।

# ଆଣବିକ କ୍ଷେତ୍ରରେ ଘରୋଇ କମ୍ପାନୀଙ୍କୁ ମିଳିବ ଅନୁମତି

ନୂଆଦିଲ୍ଲୀ,୧୫।୧୨(ପି.ଟି.)

## ଲୋକ ସଭାରେ ଆସିଲା ବିଲ୍

ଭାରତର ବେସାମରିକ ଆଣବିକ ସେକ୍ଟର ପରିଚାଳନା ପାଇଁ ଥିବା ଆଇନରେ ପରିବର୍ତ୍ତନ ନିମନ୍ତେ କେନ୍ଦ୍ର ସରକାର ଲୋକ ସଭାରେ ନୂଆ ବିଲ୍ ଆଣିଛନ୍ତି। ପ୍ରସ୍ତାବିତ ସଂଶୋଧନରେ ଘରୋଇ ସଂସ୍ଥାକୁ ଆଣବିକ ସେକ୍ଟର ପରିଚାଳନା ଅନୁମତି ମିଳିବ। ସଷ୍ଟେନ୍‌ବଲ୍ ହାର୍ନେସିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ ବିଲ୍, ୨୦୨୫କୁ ଭାରତର ପୂର୍ଣ୍ଣ ଆଣବିକ ଶକ୍ତି ସାମର୍ଥ୍ୟକୁ ନିୟନ୍ତ୍ରଣ କରିବାରେ ଏକ ବିସ୍ତୃତ ଆଇନ ଭାବେ ଦେଖାଯାଉଛି। ଆଣବିକ ଶକ୍ତି ଆଇନ, ୧୯୬୨ ଏବଂ ସିଭିଲ୍ ଲାଏବିଲିଟି ଫର୍ ନ୍ୟୁକ୍ଲିୟର ଡ୍ୟାମେଜ୍ ଆକ୍ଟ, ୨୦୨୦ ସ୍ଥାନରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏହି ବିଲ୍ ଆଣବିକ କ୍ଷତି ପାଇଁ ବ୍ୟାବହାରିକ ନାଗରିକ ଦାୟିତ୍ୱ ବ୍ୟବସ୍ଥା ଦେଇପାରିବ ଏବଂ ଆଣବିକ ଶକ୍ତି ନିୟାମକ ବୋର୍ଡକୁ ବୈଧାନିକ ପାହ୍ୟା ଦେବ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ସେହିପରି ବ୍ୟବହାରରେ ଲାଗୁ ନ ଥିବା ୭୧ଟି ପୁରୁଣା ଆଇନକୁ ଉଚ୍ଛେଦ କରିବା ନିମନ୍ତେ ଲୋକ ସଭାରେ ସୋମବାର ଏକ ବିଲ୍ ଆଗତ ହୋଇଛି।

# ହାସିନାଙ୍କ ମନ୍ତବ୍ୟ: ଭାରତୀୟ ଉଚ୍ଚାୟୁକ୍ତଙ୍କୁ ବାଂଲାଦେଶର ସମନ

ଢାକା,୧୫।୧୨

ବାଂଲାଦେଶରେ ଗତ ଅଗଷ୍ଟରେ ହିଂସାତ୍ମକ ଆନ୍ଦୋଳନ ପରେ ଦେଶ ଛାଡ଼ି ଭାରତକୁ ପଳାୟନ କରିଥିବା ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା(୭୮)ଙ୍କୁ ନଭେମ୍ବରରେ ସେଠାକାର ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ମାନବତା ବିରୋଧରେ ଅପରାଧ ଅଭିଯୋଗରେ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚୁଥିବା, ଏବଂ ଦେଶକୁ ଧ୍ୱଂସ କରିବା ଲାଗି ଆତଙ୍କବାଦୀଙ୍କୁ ମୁକ୍ତ କରୁଥିବା ହାସିନା ଅଭିଯୋଗ ଆଣିଥିଲେ। ତାଙ୍କ ମନ୍ତବ୍ୟ ଉପରେ ଆପତ୍ତି ଉଠାଇ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରଣାଳୟ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ସମନ କରିଛି।

# ୧୭୦ ବିମାନ ଉଡ଼ାଣ ବାତିଲ

## ଅଧିକ ଖରାପ ହେଉଛି ଦିଲ୍ଲୀ ବାୟୁ

ନୂଆଦିଲ୍ଲୀ,୧୫।୧୨(ପି.ଟି.)



ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳର ବାୟୁ ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ସୋମବାର ସକାଳେ ରାଜଧାନୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୯୮ରେ ପହଞ୍ଚିଥିଲା। ଅତ୍ୟଧିକ ଧୂଆଁ, କୁହୁଡ଼ି ଯୋଗୁ ଅଧିକ ଦୂରତା ପର୍ଯ୍ୟନ୍ତ ଦୃଶ୍ୟମାନ ହେଉ ନ ଥିଲା। ଦୃଶ୍ୟମାନ ଶୂନ ନିକଟତର ହୋଇଥିଲା। ଫଳରେ ଗାଡ଼ିଗୁଡ଼ିକ ମନ୍ଥର ଗତିରେ ଚାଲିବା ଯୋଗୁ ସକାଳେ ଦିଲ୍ଲୀର ରାସ୍ତା ଜାମ୍ ରହିଥିଲା। ଦିଲ୍ଲୀ ସମେତ ଅମୃତସର, ବାରାଣସୀ, ନଏଡ଼ା ଓ ଉତ୍ତର ଭାରତର ବିଭିନ୍ନ ଏୟାରପୋର୍ଟରେ ସୋମବାର ୧୭୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ବାତିଲ ହୋଇଛି। ଏଥିସହିତ ଦିନ ସାରା ବହୁ ବିମାନ ବିଳମ୍ବରେ ଉଡ଼ାଣ କରିଥିଲା। ଦିଲ୍ଲୀର ୪୦ଟି ବାୟୁ ଗୁଣବତ୍ତା ପର୍ଯ୍ୟବେକ୍ଷଣ କେନ୍ଦ୍ର ମଧ୍ୟରୁ ୩୮ଟିରେ ଏକ୍ୟୁଆଇ ଅତ୍ୟନ୍ତ ନିକୃଷ୍ଟ ସ୍ତରରେ ରହିଥିଲା। ୪୯୮ ଏକ୍ୟୁଆଇ ସହ ଜାହାଙ୍ଗୀରପୁରୀ ସବୁଠୁ ପ୍ରଦୂଷିତ ଅଞ୍ଚଳ ରହିଛି। ରବିବାର ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ ୪୬୧ ରହିଥିଲା, ଯାହା ଦିଲ୍ଲୀକୁ ଶୀତଋତୁର ସବୁଠୁ ପ୍ରଦୂଷିତ ଦିନରେ ପରିଣତ କରିଥିଲା। ଏହା ଡିସେମ୍ବରରେ ବର୍ତ୍ତମାନ ସୁଦ୍ଧା ଦ୍ୱିତୀୟ ସବୁଠୁ ଖରାପ ବାୟୁ ଗୁଣବତ୍ତା ରେକର୍ଡ। ପ୍ରତିକୂଳ ପାଗ ଯୋଗୁ ପ୍ରଦୂଷଣ ସ୍ତର ଅଧିକ ବଢ଼ିଯାଇଛି।

## ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ: ମହିଳା, ଏସ୍‌ସି/ଏସ୍‌ଟି ଅଫିସରଙ୍କୁ ଡେପୁଟେଶନ୍‌ରେ ପଠାଅ

ନୂଆଦିଲ୍ଲୀ,୧୫।୧୨

ମହିଳା ଏବଂ ଏସ୍‌ସି/ଏସ୍‌ଟି ବର୍ଗର ଅଧିକାରୀମାନଙ୍କୁ କେନ୍ଦ୍ରୀୟ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ କରିବା ସକାଶେ ଡେପୁଟେଶନ୍‌ରେ ପଠାଇବା ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ମହିଳା, ଏସ୍‌ସି/ଏସ୍‌ଟି ଅଫିସରମାନଙ୍କ ପ୍ରତିନିଧିତ୍ୱ ବଢ଼ାଇବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିବା ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବମାନଙ୍କୁ ଏକ ପତ୍ରରେ କାର୍ମିକ ମନ୍ତ୍ରଣାଳୟ ସୂଚନା ଦେଇଛି। ସେଣ୍ଟ୍ରାଲ୍ ଷ୍ଟାଫିଙ୍ଗ୍ ସ୍କିମ୍ (ସିଏସ୍‌ଏସ୍) ଅଧୀନରେ ଏବଂ ସେଣ୍ଟ୍ରାଲ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ) ରୂପେ ଏମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

## ୟୁନିଭର୍ସିଟିରେ ପରୀକ୍ଷାବେଳେ ଗୁଳି: ୨ ମୃତ, ୯ ଆହତ

ୱାଶିଂଟନ୍,୧୫।୧୨

ଆମେରିକାର ରୋଡ୍ ଆଇଲାଣ୍ଡସ୍ଥିତ ବ୍ରାଉନ୍ ୟୁନିଭର୍ସିଟିରେ ଶନିବାର ଗୁଳିକାଣ୍ଡରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯ ଆହତ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ଚୂଡ଼ାନ୍ତ ପରୀକ୍ଷା ଦେଉଥିବାବେଳେ ଜଣେ ବନ୍ଧୁକଧାରୀ ଗୁଳି ଚଳାଇଥିଲେ। ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ଏନେଇ ତଦନ୍ତ ଚଳାଇଛି। ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି।

## ନାଟୋ ସଦସ୍ୟତା ପରିବର୍ତ୍ତେ ସୁରକ୍ଷା ଗ୍ୟାରେଣ୍ଟି ଦିଅ: ଜେଲେନ୍‌ସ୍କି

ବର୍ଲିନ୍/କିଭ୍,୧୫।୧୨(ରଏଟର୍ସ)

ଭବିଷ୍ୟତରେ ରୁଷିଆ ଯେପରି ୟୁକ୍ରେନ୍ ଉପରେ ଆଉ ଆକ୍ରମଣ କରିବ ନାହିଁ, ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ତାହାର ସୁରକ୍ଷା ଗ୍ୟାରେଣ୍ଟି ଦେଲେ କିଭ୍ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟତା ହାସଲ ଉଦ୍ୟମ ଭୁଲିଯିବ। ୟୁକ୍ରେନ୍ ଯୁଦ୍ଧକୁ ବନ୍ଦ କରିବା ପାଇଁ ବର୍ଲିନ୍‌ରେ ଉଦ୍ୟମ ଆରମ୍ଭ ହୋଇଛି। ଆମେରିକା, ୟୁରୋପ ଓ ଅନ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ଦିଅନ୍ତୁ। ୟୁକ୍ରେନ୍ ନାଟୋ ସଦସ୍ୟତା କ୍ଷେତ୍ରରେ ସାଲିସ କରିବାକୁ ପ୍ରସ୍ତୁତ ବୋଲି ଏହାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିନିଧିଙ୍କୁ କହିଛନ୍ତି।

# ବନ୍ଧୁକ ଆଇନ କଡ଼ାକଡ଼ି କରିବ ଅଷ୍ଟ୍ରେଲିଆ

ସିଡ୍‌ନୀ,୧୫।୧୨


## ସିଡ୍‌ନୀ ଆକ୍ରମଣକାରୀ ବାପ-ପୁଅ

ଅଷ୍ଟ୍ରେଲିଆର ସିଡ୍‌ନୀସ୍ଥିତ ବଣ୍ଡାଇ ବିଚ୍‌ରେ ରବିବାର ଯିହୁଦୀଙ୍କ ହାନୁକ୍କା ଉତ୍ସବର ପ୍ରଥମ ଦିନରେ ୨ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ୧୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଅଷ୍ଟ୍ରେଲିଆରେ ପ୍ରାୟ ୩୦ ବର୍ଷ ମଧ୍ୟରେ ଏହା ସବୁଠୁ ବଡ଼ ଗଣଗୁଳିକାଣ୍ଡ ଘଟଣା। ଏହି ଗୁଳିକାଣ୍ଡ ପଛରେ ବାପପୁଅ ସମ୍ପୃକ୍ତ ଥିବା ପୋଲିସ କହିବା ପରେ ଅଷ୍ଟ୍ରେଲିଆ ସରକାର ବନ୍ଧୁକ ଆଇନକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୋଲିସ ଗୁଳିରେ ୫୦ ବର୍ଷୀୟ ବନ୍ଧୁକଧାରୀ ନିହତ ହୋଇଥିବାବେଳେ ତାଙ୍କ ୨୪ ବର୍ଷୀୟ ପୁଅ ଗୁରୁତର ଆହତ ହୋଇଥିଲେ। ସୁରକ୍ଷା ସେବା କର୍ତ୍ତୃପକ୍ଷ ସହ ଆକ୍ରମଣକାରୀ ଜଣାଶୁଣା ବୋଲି କୁହାଯାଉଛି। ତେବେ ସେମାନଙ୍କର ଆକ୍ରମଣ ଯୋଜନାର କୌଣସି ସୂଚନା ପୂର୍ବରୁ ମିଳି ନ ଥିଲା। ପୋଲିସ କହିବା ଅନୁଯାୟୀ, ଆକ୍ରମଣକାରୀ ୨୦୧୫ରୁ ବନ୍ଧୁକ ସମେତ ୬ଟି ପଞ୍ଜୀକୃତ ଅସ୍ତ୍ର ପାଇଁ ଲାଇସେନ୍ସ ହାସଲ କରିଥିଲେ। ଗୁଳିମାଡ଼ରେ ଆହତ ୪୦ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ପୋଲିସ ଅଫିସର ରହିଛନ୍ତି।

ଦେଶର ବନ୍ଧୁକ ଆଇନ କଠୋର କି ନୁହେଁ, ତାହା ସମୀକ୍ଷା କରିବା ଆବଶ୍ୟକ ହୋଇପଡ଼ିଛି। ଇହୁଦୀଙ୍କୁ ଟାର୍ଗେଟ କରି ହୋଇଥିବା ଏହି ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ଜାତୀୟ ବନ୍ଧୁକ ଆଇନକୁ ଅଧିକ କଡ଼ାକଡ଼ି କରିବା ନିମନ୍ତେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍‌ଙ୍କ କ୍ୟାବିନେଟ ସହମତ ହୋଇଛି।

## ଫୁରସତ

# ସମସ୍ତେ ଏକାଠି ଭୋଜନ କରୁଥିବା ଗାଁ



ଶତାବ୍ଦୀ ଧରି ଭାରତୀୟ ଗ୍ରାମଗୁଡ଼ିକ ସେମାନଙ୍କର ସରଳତା ଏବଂ ପରମ୍ପରା ପାଇଁ ଜଣାଶୁଣା। ଏପରି ଏକ ଗ୍ରାମ ଗୁଜରାଟରେ ଅଛି, ଯେଉଁଠାରେ କାହାରି ଘରେ ରୋଷେଇ ଘର କିମ୍ବା ଚୁଲି ନାହିଁ, ତଥାପି ସମଗ୍ର ଗ୍ରାମବାସୀ ଏକାଠି ବସି ଖାଆନ୍ତି ଏବଂ କେହି ଭୋକିଲା ରୁହନ୍ତି ନାହିଁ।

ଏହି ଗ୍ରାମକୁ 'ଚନ୍ଦକି' କୁହାଯାଏ। ପ୍ରାୟ ୧,୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମର ସାମୂହିକ ରୋଷେଇ ଘରର ଏକ ଅନନ୍ୟ ପରମ୍ପରା ଅଛି। ଏଠାରେ ପ୍ରତିଦିନ ଗୋଟିଏ ସ୍ଥାନରେ ସମଗ୍ର ଗ୍ରାମ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଏ ଏବଂ ସମସ୍ତ ଗ୍ରାମବାସୀ ଏକାଠି ବସି ଖାଆନ୍ତି। ଏହି ବ୍ୟବସ୍ଥା କେବଳ ଖାଦ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଗ୍ରାମର ଏକତା ଏବଂ ସାମାଜିକ ସମନ୍ୱୟର ପ୍ରତୀକ।

ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସୂଚନା ଅନୁଯାୟୀ, ଯେତେବେଳେ ଗ୍ରାମର ଯୁବକମାନେ ସହର ଏବଂ ବିଦେଶରେ ବସବାସ କରିବାକୁ ଲାଗିଲେ, ସେତେବେଳେ ଗ୍ରାମରେ ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଲା। ପ୍ରତ୍ୟେକ ପରିବାର ପାଇଁ ପୃଥକ ଭାବରେ ରୋଷେଇ କରିବା କଷ୍ଟକର ହୋଇଗଲା। ତେଣୁ ସମସ୍ତେ ଏକାଠି ରୋଷେଇ କରିବା ଏବଂ ଖାଇବା ଆରମ୍ଭ କଲେ। ସମୟ ସହିତ ଏହି ପରମ୍ପରା ଗ୍ରାମର ପରିଚୟ ହୋଇଗଲା। ଗ୍ରାମବାସୀ ଦୈନନ୍ଦିନ ରୋଷେଇ ଦାୟିତ୍ୱ ବାଣ୍ଟି ନିଅନ୍ତି। ପର୍ବ ଏବଂ ବିଶେଷ ଅବସର ପାଇଁ ବିଭିନ୍ନ ପ୍ରକାରର ଖାଦ୍ୟ ମଧ୍ୟ ପ୍ରସ୍ତୁତ କରାଯାଏ।

ଚନ୍ଦକିର ସାମୂହିକ ରୋଷେଇ ଘର ଏବେ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି। ପରିଦର୍ଶକମାନେ କେବଳ ଖାଦ୍ୟର ମଜା ନେଉନାହାଁନ୍ତି ବରଂ ଗାଁର ସଂସ୍କୃତି, ଏକତା ଏବଂ ସହାବସ୍ଥାନର ଅନୁଭବ ମଧ୍ୟ କରନ୍ତି। ଚନ୍ଦାକିର ଲୋକମାନେ ବିଶ୍ୱାସ କରନ୍ତି ଯେ, ଏଠାରେ କେହି ଏକା ନୁହଁନ୍ତି। ସୁଖ ଏବଂ ଦୁଃଖରେ ପରସ୍ପରକୁ ସମର୍ଥନ କରିବାର ପରମ୍ପରା ସମଗ୍ର ଗାଁକୁ ଏକ ପରିବାରରେ ପରିଣତ କରିଛି।

# ୨ ସନ୍ତାନ ପରେ ପ୍ରେମିକାଙ୍କ ସହ ନିର୍ବନ୍ଧ କଲେ ଅର୍ଜୁନ ରାମପାଲ

ମୁମ୍ବାଇ



ଅର୍ଜୁନ ରାମପାଲଙ୍କ ସହ ପ୍ରେମିକା ଗାବ୍ରିଏଲା ଡେମେଟ୍ରିଏଡେସ

ଅଭିନେତା ଅର୍ଜୁନ ରାମପାଲ ଶେଷରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚାଲିଥିବା ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି। ଫିଲ୍ମ ସେ ତାଙ୍କର ଦୀର୍ଘକାଳୀନ ପ୍ରେମିକା ଗାବ୍ରିଏଲା ଡେମେଟ୍ରିଏଡେସ ସହିତ ନିର୍ବନ୍ଧ କରିଛନ୍ତି। ଅର୍ଜୁନ ୬ ବର୍ଷ ଡେଟିଂ ଏବଂ ଦୁଇଟି ସନ୍ତାନ ଜନ୍ମ କରିବା ପରେ ନିର୍ବନ୍ଧ କରିଥିବା ଖୁଲାସା କରିଛନ୍ତି।

ଅର୍ଜୁନ ରିଆ ଚକ୍ରବର୍ତ୍ତୀଙ୍କ ପୋଡକାଷ୍ଟରେ ଏହି ଖୁସି ଖବର ଶେୟାର କରିଛନ୍ତି। ଅର୍ଜୁନ ଏବଂ ଗାବ୍ରିଏଲା ପ୍ରାୟ ୬ ବର୍ଷ ଧରି ଏକାଠି ଅଛନ୍ତି ଏବଂ ସେମାନଙ୍କର ଦୁଇଟି ପୁଅ ଅଛି। ସେମାନଙ୍କର ବଡ଼ପୁଅ ଆରିକ ଏପ୍ରିଲ ୨୦୧୯ରେ ଏବଂ ସାନପୁଅ ଆରିଭ ୨୦୨୩ରେ ଜନ୍ମଗ୍ରହଣ କରିଥିଲେ। ସର୍ବସାଧାରଣ ବ୍ୟକ୍ତିତ୍ୱ ହେବା ସତ୍ତ୍ୱେ, ଦୁହେଁ ସେମାନଙ୍କର ପାରିବାରିକ ଜୀବନକୁ ପ୍ରାୟତଃ ବ୍ୟକ୍ତିଗତ ରଖିଛନ୍ତି।

୨୦୨୪ ପ୍ରାରମ୍ଭରେ ଅର୍ଜୁନ ବିବାହ ବିଷୟରେ ଖୋଲାଖୋଲି କହିଥିଲେ। ସେ କହିଥିଲେ ଯେ, ବିବାହ ତାଙ୍କ ପାଇଁ 'କେବଳ ଏକ କାଗଜ ଖଣ୍ଡ'। ତାଙ୍କ ଅନୁସାରେ, ସେ ଏବଂ ଗାବ୍ରିଏଲା ଉଭୟ ବିଶ୍ୱାସ କରନ୍ତି ଯେ ସେମାନଙ୍କର ସମ୍ପର୍କ ସମ୍ପୂର୍ଣ୍ଣ ଏବଂ ଦୃଢ଼, କୌଣସି ଆଇନଗତ ଔପଚାରିକତା ବିନା ମଧ୍ୟ। ସେମାନେ ସେମାନଙ୍କର ସମ୍ପର୍କକୁ ସ୍ୱାଭାବିକ ଭାବରେ, କୌଣସି ଚାପ କିମ୍ବା ଲେବଲ ବିନା ବୃଦ୍ଧି କରିବାକୁ ଚାହାଁନ୍ତି। ଗାବ୍ରିଏଲାଙ୍କ ପୂର୍ବରୁ ଅର୍ଜୁନ ରାମପାଲ ମଡେଲ ମେହର ଜେସିଆଙ୍କୁ ବିବାହ କରିଥିଲେ। ଏହି ସମ୍ପର୍କରୁ ସେମାନଙ୍କର ଦୁଇଟି ଝିଅ, ମାହିକା ଏବଂ ମାଇରା ଅଛନ୍ତି। ଅର୍ଜୁନ ତାଙ୍କ ପିଲାମାନଙ୍କ ପାଇଁ ପୂର୍ବତନ ପତ୍ନୀଙ୍କ ସହିତ ଏକ ସୁସ୍ଥ ସମ୍ପର୍କ ବଜାୟ ରଖିଛନ୍ତି।

DSPL-394

ODISHA
NEW OPPORTUNITIES





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ODISHA PHARMA SUMMIT

16 DECEMBER 2025, BHUBANESWAR

## ଫାର୍ମା ଏବଂ ମେଡିକାଲ୍ ଡିଭାଇସ୍ କ୍ଷେତ୍ରରେ ନୂତନ ପୁଞ୍ଜି ବିନିଯୋଗ, ଓଡ଼ିଶାରେ ସୃଷ୍ଟି ହେବ ରୋଜଗାରର ନୂଆ ସୁଯୋଗ

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

### ମୁଖ୍ୟ ଆକର୍ଷଣ

- ଫାର୍ମା ଏବଂ ମେଡିକାଲ୍ ଡିଭାଇସ୍ ଶିଳ୍ପନୀତିର ଉନ୍ମୋଚନ
- ଫାର୍ମାସ୍ୟୁଟିକାଲ୍ ପାର୍କର ଶୁଭାରମ୍ଭ
- ମେଡିକାଲ୍ ଡିଭାଇସ୍ ପାର୍କର ଶୁଭାରମ୍ଭ
- ୨୦୦ ରୁ ଅଧିକ ଶିଳ୍ପପତିଙ୍କ ସମାଗମ ଓ ଏକାଧିକ MoU ସ୍ୱାକ୍ଷର

**୧୬ ଡିସେମ୍ବର ୨୦୨୫ | ଦିବା ୧୦ ଘଟିକା**
**ହୋଟେଲ ତାଜ୍ ଭିଭାନ୍ତା, ଭୁବନେଶ୍ୱର**

ଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-14005/13/0077/2526

ScarecrowM&CSaatchi/2025/Dec

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିଦ୍ୟା ଫାଉଣ୍ଡେଶନ୍ ପକ୍ଷରୁ ଓଡ଼ିଆ ଅସ୍ମିତାର ପରିଚୟ 'ଅ ରୁ କ୍ଷ' ପ୍ରତିଯୋଗୀତା, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।
- ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସ୍କୁଲ ପରିସର, ପୋଖରୀପୁଟ, ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**
- ଶୀତ ମହୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୫ଟା।

**ଗଞ୍ଜାମ**
- କିଶୋରୀ ଅନ୍ୱେଷଣ କାର୍ଯ୍ୟକ୍ରମ,ସ୍ଥାନ: ମିଶନ ଶକ୍ତି ଭବନ, ଆସିକା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା,ପାଣିକେଶର ଓ କାନକୁରୁରୁ, ସମୟ: ଅପରାହ୍ନ ୩ ଟା।

**ଢେଙ୍କାନାଳ**
- ୩୭ତମ ଜୁନିୟର ରେଡକ୍ରସ ତାଲିମ ଶିବିର ଉଦଘାଟନ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସୁନ୍ଦରିଖାଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ସାଢେ ୧୧ଟା।

**ଅନୁଗୋଳ**
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିଅମ ଖେଳ ପଡ଼ିଆ,ସମୟ: ସକାଳ ୮ ଟା ୩୦।

**ଜଗତ୍‌ସିଂହପୁର**
- କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବାଲିଫ୍ଲଟ, ଅଠରବାଙ୍କୀ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବାଜପେୟୀ ମେମୋରିଆଲ ଟ୍ରଷ୍ଟ, ନୁଆବଜାର ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ପହିଲି ଭୋଗ ଅର୍ପଣ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀମହାପୁରୁଷ ମଧୁସୂଦନ ଦାସ ପୀଠ, କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଧ୍ୟାନ ମନ୍ଦିର, ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଇଣ୍ଟର କଲେଜ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ। ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ପଡ଼ିଆ। ସମୟ: ସକାଳ ସାଢେ ୭ଟା।
- ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣଙ୍କ ଚତୁର୍ଦ୍ଦଶତମ ମହୋତ୍ସବ। ସ୍ଥାନ: କୋରେଇ ବ୍ଲକ ଶଙ୍ଖଚିଲା ହାଟ ପଡ଼ିଆ। ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ୨୦ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା। ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖଣ୍ଡପଡାର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ମଧୁବନ କ୍ରୀଡାଙ୍ଗନ, ସମୟ: ସକାଳ ୭ଟା ୩୦ରୁ ଅପରାହ୍ନ ୧ଟା।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଊନବିଂଶ ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଭାପୁର ବ୍ଲକ ଧାନଚାଙ୍ଗଡା ଧାଙ୍ଗେଡି ପାହାଡ ବିଶ୍ୱାବସୁ ପୀଠ, ସମୟ:ପୂର୍ବାହ୍ନ ୧୦ରୁ ସନ୍ଧ୍ୟା ୬ଟା।
- ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ; ପ୍ରଥମ ସେମି ଫାଇନାଲରେ ସମ୍ବଲପୁର ବନାମ ଭୁବନେଶ୍ୱର ସାଇ ଏକାଦଶ, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଳିସାଗର ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ୧୭ ବର୍ଷରୁ କମ ବାଳକ ବାଳିକା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ନେଟବଲ୍ ପ୍ରତିଯୋଗିତାର ଉଦ୍‌ଘଟନ, ସ୍ଥାନ: ରଣପୁର ବି.ସି ହାଇସ୍କୁଲ, ସମୟ: ଅପରାହ୍ନ ୨ଟା।
- ଧନୁଯାତ୍ରା ମହୋତ୍ସବରେ 'ଭାଗ୍ୟ ଖେଳୁଛି ଖେଳ' ସାମାଜିକ ନାଟକ, ସ୍ଥାନ: ଭାପୁର ବ୍ଲକ ଧାନଚାଙ୍ଗଡା ଧାଙ୍ଗେଡି ପାହାଡ ବିଶ୍ୱାବସୁ ପୀଠ, ସମୟ: ରାତ୍ର ୯ଟା।

**ରାୟଗଡ଼ା**
- ମୁନିଗୁଡ଼ା ନୋଡାଲ ହାଇୟର ସେକେଣ୍ଡାରୀ ସ୍କୁଲରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ, ସ୍ଥାନ: ସ୍କୁଲ ଖେଳ ପଡିଆ, ସମୟ: ସକାଳ ୯ଟା।

**ନବରଙ୍ଗପୁର**
- ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ, ସ୍ଥାନ: ନବରଙ୍ଗପୁର ବଡ଼ ମସିଗାଁ ହାଇସ୍କୁଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ଜିଲାସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଓ ଜିଲାସ୍ତରୀୟ ବିଜ୍ଞାନ ମେଳା ସ୍ଥାନ: ନବରଙ୍ଗପୁର ମ୍ୟୁନିସିପାଲିଟି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ସଂସଦ ଖେଳ ମହୋତ୍ସବ, ପ୍ରତିଯୋଗିତା, ସ୍ଥାନ: ଭୈରବ ପଡ଼ିଆ ଓ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଦେଓମାଳି ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଦେଓମାଳି ପର୍ଯ୍ୟଟନସ୍ଥଳୀ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶାସନ ଦିବସ ପାଳନ ନେଇ ନନ୍ଦପୁର ଭାଜପାର ପ୍ରସ୍ତୁତି ବୈଠକ, ସ୍ଥାନ: ଭେଜା ପଥପ୍ରାନ୍ତ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ବିଜେଡିର ରାଜ୍ୟସ୍ତରୀୟ ନେତା ଓ କର୍ମୀମଣ୍ଡଳୀଙ୍କ ଗସ୍ତ, ସ୍ଥାନ: ମାଲକାନଗିରି ଏମ୍‌ଭି-୨୬ ଓ ରାଖାଲଗୁଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ବୀଣାପାଣି କଳା ବିକାଶ କେନ୍ଦ୍ର ପକ୍ଷରୁ ଶ୍ରୀମତୀ ସମ୍ବଲପୁର -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରଜ ମହୋତ୍ସବ -୨୦୨୫, ସ୍ଥାନ: ସାକ୍ଷୀପଡ଼ାସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ସମ୍ବଲପୁରୀ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ଅପରାହ୍ନ ୫ଟା।
- ସମ୍ବଲପୁର ବନ୍ଦ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ନାଟକ ପ୍ରସ୍ତୁତି ବୈଠକ, ସ୍ଥାନ : ଖାଡୁଆପଡାସ୍ଥିତ ଯୁବ ଉଦୟନ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ୍ ଉଦ୍‌ଘାଟନୀ, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ୱାଟରସେଡ୍ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ପାଟଣାଗଡ଼ ଉଲ୍‌ବା ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଖରିଫ ଧାନକ୍ରୟ ଶୁଭାରମ୍ଭ, ସ୍ଥାନ: ବୁର୍ଡା କଳାସୀ ଯାତ୍ରା ପଡିଆ,ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଟାଉନ୍ ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ, ସ୍ଥାନ: ଟାଉନ୍ ବାଳକ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।

**ରାଉରକେଲା**
- ରାଧାମାଧବ ବେଶ, ସ୍ଥାନ: ଡୁମକେଲା ମନ୍ଦିର, ସମୟ: ସକାଳ ୬ଟା।
- ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଖିରପାଣି ନିଳାଦ୍ରୀ ବିହାରୀ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପଥପ୍ରାନ୍ତ ବୈଠକ, ସ୍ଥାନ: ବିଶ୍ରା ଛକ, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଲିଙ୍ଗଭିତ୍ତିକ ହିଂସା ଉପରେ ସଚେତନତା ସୃଷ୍ଟି କରିବା ପାଇଁ ୧୬ ଦିନିଆ ସକ୍ରିୟତା ଅବଧି ପାଳନର ସମାପନୀ କାର୍ଯ୍ୟକ୍ରମ, ସ୍ଥାନ: ସଦଭାବନା ଭବନ, ସମୟ: ପୂର୍ବାହ୍ନ୧୧ଟା।
- ସଂସଦ ଖେଳ ମହୋତ୍ସବର ସମାପନୀ ସମାରୋହ, ସ୍ଥାନ: ଭବାନୀପୁର କ୍ରୀଡା କମ୍ପ୍ଲେକ୍ସ, ସମୟ:ପୂର୍ବାହ୍ନ ୧୧ଟା।
- ଜିଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟନ ସମାରୋହ, ସ୍ଥାନ: ସୁନ୍ଦରଗଡ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆ,ସମୟ: ପୂର୍ବାହ୍ନ ୧୨ଟା।

**ବରଗଡ଼**
- ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ- ନିଷ୍ଠା, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ,ସ୍ଥାନ: ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

**କଳାହାଣ୍ଡି**
- ଜୁନାଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ସରସରା, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ସପ୍ତମ ସନ୍ଧ୍ୟା ଓ କଂସବଧ ନାଟ୍ୟାଭିନୟ, ସ୍ଥାନ: ଭୈରବୀ ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ମଠସାହିସ୍ଥିତ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ : ଦେବଗଡ଼, ଗୋପାଳଜୀ ମନ୍ଦିର ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଧାନମଣ୍ଡିରେ ପୂଜାର୍ଚ୍ଚନା ଓ ଶୁଭାରମ୍ଭ, ସ୍ଥାନ: ବହଳପଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନରେ ଭାଗବତ ଓ ରାମାୟଣ ପାଠ, ସ୍ଥାନ: ବରିଷ୍ଠ ନାଗରିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୨ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା'ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ପ୍ରସିଦ୍ଧ ବକୁଳ ଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବାଘପାଲି, ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଫୁଟ୍‌ବଲ ଖେଳପଡିଆ ତରବୋଡ, ସମୟ: ସନ୍ଧ୍ୟା ୬ଟା।
- ପ୍ରଥମ ଜୋନସ୍ତରୀୟ ୟୁନିଟ କ୍ରିକେଟ କପ ଦ୍ୱିତୀୟ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡିଶା ଆବାସିକ ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀ, ସ୍ଥାନ: ବିଦ୍ୟାଳୟ ପରିସର ଖଡିଆଳ, ସମୟ: ସନ୍ଧ୍ୟା ୬ଟା।

## ବଢ଼ିଲା ଆୟୁର୍ବେଦିକ, ହୋମିଓପାଥିକ କଲେଜର ପିଜି ଛାତ୍ରୀଛାତ୍ରଙ୍କ ଭତ୍ତା

■ **ପିଜି ଛାତ୍ରଙ୍କ ଲାଗି ଜାନୁଆରୀ, ହାଉସସର୍ଜନଙ୍କ ପାଇଁ ଅଗଷ୍ଟ ପହିଲାରୁ ଲାଗୁ ହେବ**

ଭୁବନେଶ୍ୱର,୧୫।୧୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ କଲେଜରେ ପଢୁଥିବା ପିଜି ଛାତ୍ରୀଛାତ୍ରଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡ(ଭତ୍ତା)ରେ ବ୍ୟାପକ ବୃଦ୍ଧି କରିଛନ୍ତି। ଆୟୁର୍ବେଦ ଓ ହୋମିଓପାଥିକ ଚିକିତ୍ସା କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଛାତ୍ରୀଛାତ୍ର ଉପକୃତ ହେବେ। ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସରକାରଙ୍କ ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡରେ ୫୫% ବୃଦ୍ଧି କରାଯାଇଛି। ପୂର୍ବରୁ ସେମାନଙ୍କ ମାସିକ ଷ୍ଟାଇପେଣ୍ଡ ୩୧ ହଜାର ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୪୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ୨ୟ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଏହା ୩୨ ହଜାରରୁ ୫୨ ହଜାରକୁ ବୃଦ୍ଧି ପାଇଛି। ଏହା ହେଉଛି ୬୨% ବୃଦ୍ଧି। ୩ୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଷ୍ଟାଇପେଣ୍ଡ ପରିମାଣ ମାସକୁ ୩୩ ହଜାରରୁ ୫୫ ହଜାରକୁ ବୃଦ୍ଧି ପାଇଛି, ଏହାଦ୍ୱାରା ୬୭% ବଢ଼ିଛି। ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ହାଉସ୍ ସର୍ଜନମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାରକୁ ବୃଦ୍ଧି କରାଯାଇଛି। ଏହା ୨୦୨୬ ଅଗଷ୍ଟ ପହିଲାରୁ ଲାଗୁହେବ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଶିକ୍ଷା ଓ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ସପ୍ତମ ଚନ୍ଦ୍ର ପ୍ରଭାବରେ ବନ୍ଧୁଙ୍କ ସହ ଯାତ୍ରାରମ୍ଭ କରି ଖୁସି ମନେଇବେ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ କାମକୁ ଆସିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇବାରେ ସମର୍ଥ ହୋଇପାରନ୍ତି। ବନ୍ଧୁଙ୍କ ସହ ଆଲୋଚନାରେ ଯୁକ୍ତିଯୁକ୍ତ କଥା କହି ବିବାଦ ଭିତରକୁ ପଶିଯାଇପାରନ୍ତି।

**ବୃଷ**
ରାଶି ପାଇଁ ଚନ୍ଦ୍ରଙ୍କ ସ୍ଥିତି ଆତ୍ମୀୟ, ସହକର୍ମୀ କିମ୍ବା ପଡୋଶୀଙ୍କ ସମର୍ଥନ ଲାଭ କରାଇବ। ଚଳିତ ପରିସ୍ଥିତି ଭଲ ନ ଥିବାରୁ ଯାହା କହିଲେ ଅନ୍ୟମାନେ ଭୁଲ୍ ବୁଝିବେ। ବାରମ୍ବାର ଚେଷ୍ଟା ବିଫଳତାଜନିତ ଟେନ୍‌ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇ ଦେଇପାରେ।

**ମିଥୁନ**
ମଙ୍ଗଳଙ୍କ ଅଷ୍ଟମଦୃଷ୍ଟି ମୁଖଭାବକୁ ଥିବାରୁ ଆପଣଙ୍କ କଡ଼ା କଥା ଓ ଅଶାଳୀନ ବ୍ୟବହାରରୁ ସମସ୍ୟା ଉପୁଜିବ। ଆର୍ଥିକ ଉନ୍ନତି ପରିପ୍ରେକ୍ଷୀରେ ବିଭିନ୍ନ ଧନ୍ଦା ସକାଶେ ବନ୍ଧୁ ପ୍ରୋତ୍ସାହିତ କରିପାରନ୍ତି। ଜଣାଶୁଣା ବ୍ୟକ୍ତିଙ୍କ ଦ୍ୱାରା ପରିବହନ ସମସ୍ୟା ସମାଧାନ ହେବ। ମାଲିମକଦ୍ଦମା, ସଭାସମିତି, କ୍ରୀଡ଼ା ଓ ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ନବମଭାବସ୍ଥ ଶନିଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ସମ୍ପର୍କକୁ ତିକ୍ତ କରିବାର ଆଶଙ୍କା ରହିଛି। ସାଧାରଣ କଥାକୁ ବଡ କରି ନିକଟସ୍ଥ ବ୍ୟକ୍ତି ଜଣେ କଳହର ମାତ୍ରାକୁ ବଢାଇବେ। ଅବଶ୍ୟ ଆପଣ ପରକ୍ଷଣରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ଶୁଣି ଖୁସି ହେବେ।

**ସିଂହ**
ପରିବାର ସକାଶେ ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସନ୍ତୁଷ୍ଟ ହେବେ ନାହିଁ। ଏକା ସାଙ୍ଗରେ ଅନେକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ବନ୍ଧୁ ମିଳନ ଓ ନୂତନ ଅତିଥିଙ୍କ ଆଗମନ ଯୋଗୁ ହସଖୁସିର ସୁଅ ଛୁଟିବାର ସୂଚନା ରହିଛି। ମାଲିମକଦ୍ଦମା, ଜମିଜମା ସମସ୍ୟା, ଚୁକ୍ତିପତ୍ର ପ୍ରଭୃତିରେ ସଫଳତା ପାଇପାରିବେ।

**କନ୍ୟା**
ଧନ ସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି ହେତୁ ବନ୍ଧୁଙ୍କ ଆଦର, ବକେୟା ଅର୍ଥ, କର୍ମକ୍ଷେତ୍ରରେ ସମ୍ମାନ ଓ ବିଳାସବ୍ୟସନର ସୁଯୋଗ ଜୁଟିପାରେ। ମାଙ୍ଗଳିକ କାମ ସକାଶେ ଗୃହ ସାଜସଜ୍ଜା, ଗାଡି ମରାମତି କରିବାରେ ମନୋନିବେଶ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ତୁଳା**
ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଦିନଟି ଶୁଭଦାୟକ ରହିବ। ପାରିବାରିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କଚେରି ମାମଲା କ୍ଷେତ୍ରରେ ପାରସ୍ପରିକ ବୁଝାମଣା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ରାଜନୈତିକ କ୍ଷେତ୍ର କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ବିଛା**
ଦ୍ୱିତୀୟସ୍ଥ ମଙ୍ଗଳଜନିତ ଅପ୍ରିୟ ସତ୍ୟ ଭାଷଣ ବନ୍ଧୁଙ୍କ ମନରେ ଆଘାତ ଦେବ। ଅଭାବ ଦୂରେଇବାକୁ କରଜ କରିବାକୁ ମନସ୍ଥ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରି ଲକ୍ଷ୍ୟପୂରଣରେ ସମର୍ଥ ହୋଇପାରନ୍ତି।

**ଧନୁ**
କଠୋର ବାକ୍ୟାଳାପଜନିତ ବନ୍ଧୁଙ୍କ ସହ ମନାନ୍ତର କାରଣରୁ ସୁସମ୍ପର୍କରେ ବ୍ୟାଘାତ ସୃଷ୍ଟି ହେବ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ଆମଦାନୀ କାରବାର କ୍ଷେତ୍ରରେ ଖୁସି ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆନନ୍ଦ ଲଭିବେ।

**ମକର**
ଚତୁର୍ଥଭାବ ପ୍ରତି ଚନ୍ଦ୍ରଙ୍କ ଶୁଭଦୃଷ୍ଟି ନୂତନ ଭାବନାରେ ନିମଜ୍ଜିତ କରାଇପାରେ। ଧର୍ମକାର୍ଯ୍ୟ, ବନ୍ଧୁପ୍ରୀତି, ଶୁଭ ଖବର ଓ ପାରିବାରିକ ସମର୍ଥନରେ ଅଗ୍ରଗାମୀ ହେବେ। ସାଧାରଣ କଥାକୁ ନେଇ ସମ୍ପର୍କୀୟଙ୍କ ଆକ୍ଷେପୋକ୍ତି ମନରେ ଭାବାନ୍ତର ସୃଷ୍ଟି କରିବ। ବିଳାସବ୍ୟସନ ପ୍ରତି ବିଶେଷ ଅନୁରକ୍ତି ଜାଗ୍ରତ ହେବାର ମଉକା ପାଇପାରିବେ।

**କୁମ୍ଭ**
ରାହୁ ପ୍ରଭାବରେ ବୃଥାସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପରିବାରରେ ମତଭେଦ ଉପୁଜିପାରେ। ପର୍ଯ୍ୟଟନ, ତୀର୍ଥାଟନ, ଦୂର ଯାତ୍ରା ଏବଂ କର୍ମନିଯୁକ୍ତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପରିବହନ କିମ୍ବା ବ୍ୟବସାୟରେ ବକେୟା ଆଦାୟରେ ସକ୍ଷମ ହେବେ। ଭୂ-ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦର ସୂତ୍ରପାତ ହୋଇପାରେ।

**ମୀନ**
ଭାଗ୍ୟସ୍ଥ ସପ୍ତମାଧିପତି ଯୋଗୁ ଆଜିର ଯାତ୍ରା, ବାଣିଜ୍ୟ, ମକଦ୍ଦମାରେ ସଫଳତା ପାଇବେ। କିନ୍ତୁ ସଂଗଠନ, ଲେଖାପଢ଼ା ଓ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ସମସ୍ୟା ଲାଗି ରହିବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ରାଜନୈତିକ କ୍ଷେତ୍ରରେ ସ୍ଥିତିକୁ ସୁଦୃଢ ରଖିବାରେ ସମର୍ଥ ହୋଇପାରନ୍ତି।

ଆଜି ଡିସେମ୍ବର ୧୬ ତାରିଖ, ଧନୁସଂକ୍ରାନ୍ତି, ଶ୍ରୀମନ୍ଦିରରେ ପହିଲିଭୋଗ ଆରମ୍ଭ, ବୈଷ୍ଣବସମ୍ମତ ପକ୍ଷବର୍ଦ୍ଧିନୀ ଏକାଦଶୀ ଉପବାସ, ପୌଷ କୃଷ୍ଣ ଦ୍ୱାଦଶୀ ମଙ୍ଗଳବାର, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଦିବା ଘ.୦୬।୧୭ ମି. ଗତେ, ଘ.୦୭।୦୧ ଗତେ, ଘ.୦୯।୦୦ ଗତେ, ଘ.୧୧।୨୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨।୨୪ ଗତେ, ଘ.୦୩।୪୫ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଏମ୍‌ଜିଏନ୍‌ଆର୍‌ଇଜିଏ...

ପ୍ରଥମ ପୃଷ୍ଠାରୁ...

ପରିବର୍ତ୍ତେ ୧୨୫ ଦିନ କାମ ଯୋଗାଇଦେବାର ପ୍ରସ୍ତାବ ରହିଛି। ଏଥିରେ ସବୁଠୁ ବଡ଼ ପରିବର୍ତ୍ତନ ହେଉଛି ସଂଶୋଧିତ ପାଣ୍ଠି ଶେୟାରିଂ ଢାଞ୍ଚା। ଯୋଜନାର ଆର୍ଥିକ ଦାୟିତ୍ୱର ଏକ ବଡ଼ ଭାଗ ରାଜ୍ୟଗୁଡ଼ିକୁ ବହନ କରିବାକୁ ପଡ଼ିବ। ବିଲ୍ ଅନୁଯାୟୀ, କେନ୍ଦ୍ର ସରକାର ଯୋଜନାର ୬୦ ପ୍ରତିଶତ ବ୍ୟୟ ବହନ କରିବାକୁ ଥିବାବେଳେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ୪୦ ପ୍ରତିଶତ ବହନ କରିବେ। ଅନ୍ୟପକ୍ଷରେ ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର ଆଦି ହିମାଳୟାନ ରାଜ୍ୟଗୁଡ଼ିକ ଯୋଜନା ପାଣ୍ଠିର ୧୦ ପ୍ରତିଶତ ଦେବାକୁ ଥିବାବେଳେ କେନ୍ଦ୍ର ୯୦ ପ୍ରତିଶତ ଭରଣା କରିବ।

କେନ୍ଦ୍ରର ଉପା ସରକାର ୨୦୦୫ରେ ଏମ୍‌ଜିଏନ୍‌ଆର୍‌ଇଜିଏ ଆଣିଥିଲା। ଏହି ଯୋଜନାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବ୍ୟୟ ବହନ କରୁଥିଲେ। ନୂଆ ବିଲ୍‌ରେ ପାଣ୍ଠି ଯୋଗାଣ ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି। ପ୍ରସ୍ତାବିତ ବିଧେୟକରେ କେନ୍ଦ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାଉନ୍‌ସିଲ୍ ଏବଂ ରାଜ୍ୟ ଗ୍ରାମୀଣ ଗ୍ୟାରେଣ୍ଟି କାଉନ୍‌ସିଲ୍ ଗଠନ ବ୍ୟବସ୍ଥା ରହିଛି। ଏହି କାଉନ୍‌ସିଲ୍‌ଗୁଡ଼ିକ ଯୋଜନାର ସମୀକ୍ଷା ଓ ଅନୁଧ୍ୟାନ କରିବା ସହ ଏହାର ପ୍ରଭାବୀ କାର୍ଯ୍ୟକାରିତା ଦେଖିବ। ମାନକ ଆବଣ୍ଟନ ଏବଂ ଅନ୍ୟାନ୍ୟ କାର୍ଯ୍ୟକାରିତା ପ୍ରସଙ୍ଗରେ ସୁପାରିସ କରିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଷ୍ଟିୟରିଂ କମିଟି ରହିବ। ଅନ୍ୟ ଏକ ଉଲ୍ଲେଖନୀୟ ବ୍ୟବସ୍ଥା ହେଲା ବ୍ୟସ୍ତବହୁଳ କୃଷି ଋତୁ ଯଥା ବୁଣାବୁଣି ଏବଂ ଫସଲ ଅମଳ ସମୟରେ ରାଜ୍ୟଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ପାଇଁ ବିଜ୍ଞପ୍ତି ପ୍ରକାଶ କରି ଯୋଜନାର କାମକୁ ବନ୍ଦ ରଖିପାରିବେ। ଫଳରେ କୃଷିକାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ କୃଷି ଶ୍ରମିକ ଉପଲବ୍ଧ ହୋଇପାରିବେ। ଏହା ବ୍ୟତୀତ ମହିଳା, ବୟସ୍କ, ଭିନ୍ନକ୍ଷମ ଏବଂ ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଏହି ଯୋଜନାରେ ଉପଯୁକ୍ତ କାର୍ଯ୍ୟକୁ ସାମିଲ କରାଯିବ, ଯେପରି ସେମାନେ ଭାଗନେଇପାରିବେ। ଆବେଦନର ୧୫ ଦିନ ମଧ୍ୟରେ ଯଦି କାମ ଯୋଗାଇ ଦିଆ ନ ଯାଏ, ତେବେ ଦୈନିକ ବେରୋଜଗାର ଭତ୍ତା ପ୍ରଦାନ ବ୍ୟବସ୍ଥା ରହିବ। ଏହି ଖର୍ଚ୍ଚ ସମ୍ପୃକ୍ତ ରାଜ୍ୟ ସରକାର ବହନ କରିବେ।

ବିଲ୍ ଗୃହୀତ କରାଇବା ପାଇଁ ଭାଜପା ଏମ୍‌ପିମାନଙ୍କୁ ପାର୍ଲାମେଣ୍ଟରେ ଉପସ୍ଥିତ ରହିବା ଲାଗି ହୁଇପ୍ ଜାରି କରାଯାଇଛି। ସରକାରଙ୍କ କହିବା ଅନୁଯାୟୀ ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ପୂରଣ କରିବା ଲକ୍ଷ୍ୟରେ ନୂଆ ବିଲ୍ ଅଣିବାକୁ ସରକାର ଯୋଜନା ରଖିଥିବା କହିଛନ୍ତି। ନୂଆ ଜି ରାମ ଜି ଯୋଜନାରେ ପ୍ରସ୍ତାବିତ ବାର୍ଷିକ ବ୍ୟୟ ୧.୫୧ ଲକ୍ଷ କୋଟି ଟଙ୍କା ରହିବ। ସେଥିରୁ ୯୫.୬୯୨ କୋଟି ଟଙ୍କା କେନ୍ଦ୍ର ଯୋଗାଇଦେବ। ତେବେ ବିଲ୍ ପଛର ଲକ୍ଷ୍ୟକୁ ନେଇ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଶ୍ନ କରିଛନ୍ତି। ସେମାନେ କାହିଁକି ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଉଛନ୍ତି। ନାଁ ହଟାଇ କେବଳ କାଗଜକଲମରେ ଅନେକ ବ୍ୟୟ କରାଯାଇଛି। ଏହାର ଲକ୍ଷ୍ୟ କ'ଣ ବୁଝିହେଉନାହିଁ ବୋଲି ପ୍ରିୟଙ୍କା କହିଛନ୍ତି। ଏଭଳି ଏକ ପ୍ରସଙ୍ଗରେ ଆଲୋଚନା କରାଯାଉନାହିଁ। ଜନସାଧାରଣଙ୍କ ଟଙ୍କାର ଅପଚୟ ହେଉଥିବା କଂଗ୍ରେସ ନେତ୍ରୀ କହିଛନ୍ତି। ସେହିପରି କଂଗ୍ରେସ ଏମ୍‌ପି ରଞ୍ଜିତ ରଞ୍ଜନ କହିଛନ୍ତି, ଜବାହରଲାଲ୍ ନେହେରୁ ଏବଂ ଇନ୍ଦିରା ଗାନ୍ଧୀଙ୍କୁ ନେଇ ଭାଜପାର ପୂର୍ବରୁ ସମସ୍ୟା ଥିଲା। ଏବେ ବାପୁଙ୍କୁ ନେଇ ସେମାନଙ୍କର ସମସ୍ୟା ଦେଖାଯାଉଥିବା ଦେଶ ଦେଖୁଛି। ଏମ୍‌ଜିଏନ୍‌ଆର୍‌ଇଜିଏରେ ରାଜ୍ୟଗୁଡ଼ିକୁ ଠିକ୍ ସମୟରେ ପାଣ୍ଠି ଯୋଗାଣ ସୁନିଶ୍ଚିତ କରିବାକୁ ରଞ୍ଜିତ କହିଛନ୍ତି।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଳୁକୁଟି ବୋଲ ମାଳୁକୁଟି ବୋଲ,**
**ଭାତ ପରି କିଏ ହେବରେ,**
**ମାଉସୀ ବୋଲ ପିଉସୀ ବୋଲ,**
**ମାଆ ପରି କିଏ ହେବରେ ?**

ଯେତେ ଜଳଖିଆ ଖାଇଥିଲେ ମଧ୍ୟ ଭାତ ଯଦି ଖିଆଯାଇ ନ ଥାଏ ତେବେ ପେଟ ପୂରିଲା ଭଳି ଲାଗି ନ ଥାଏ। ସେହିପରି ମାଉସୀ ଏବଂ ପିଉସୀ ଯେତେ ସ୍ନେହ ଶ୍ରଦ୍ଧା କଲେ ମଧ୍ୟ ସେମାନେ ମା' ପରି କେବେ ହୋଇପାରି ନ ଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଆଖୁ ଖଣ୍ଡିଏ ଦବୁନି**
**ଗୁଡ଼ ଖଣ୍ଡିଏ ଦବୁ।**

ଅଳ୍ପ ନ ଦେଇ ବହୁତ ଦେବା। ମଣିଷର ଅପରିଣାମଦର୍ଶିତା ପାଇଁ ପାଞ୍ଚ ଜାଗାରେ ବେଳେ ବେଳେ ପଚିଶ ଖର୍ଚ୍ଚ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ଅଳ୍ପରେ ଋଣମୁକ୍ତ ନ ହୋଇ ବହୁ ଅର୍ଥ ଦେବାକୁ ବାଧ୍ୟ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### କଂଗ୍ରେସର ପ୍ରାଥମିକ...

ରହିବି। ସେ କହିଛନ୍ତି, ୨୪ ଘଣ୍ଟା ସମାଜ ପାଇଁ କାମ କରିବି, ରାଜନୀତି ଗୋଟିଏ ପ୍ଲାଟଫର୍ମ। ତେବେ ସମର୍ଥକ, ଶୁଭେଚ୍ଛୁଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେ କହିଛନ୍ତି, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କଟକ ଓ ଓଡ଼ିଶାବାସୀଙ୍କ ପାଇଁ କାମ କରିବି। ଜାତୀୟ ଏବଂ ରାଜ୍ୟ ନେତୃବୃନ୍ଦଙ୍କୁ ନେଇ ଯେଉଁ ପ୍ରଶ୍ନ ଉଠାଇଛି ତାହା କେବଳ ଦଳକୁ ଆଗାମୀ ଦିନରେ ସୁସଂଗଠିତ କରିବାପାଇଁ ବୋଲି ମୋକିମ୍ କହିଛନ୍ତି।

ସେ କହିଛନ୍ତି, କଂଗ୍ରେସ ମୋତେ ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରିଛି, କିନ୍ତୁ ମୋ ବିଚାରଧାରାରୁ କଂଗ୍ରେସକୁ କେହି ଦୂରେଇ ପାରିବେ ନାହିଁ। ଦଳକୁ ଆଇନ ଦେଖାଇବାରୁ ଯଦି କାର୍ଯ୍ୟାନୁଷ୍ଠାନ ହୋଇଛି, ଏହାକୁ ଗ୍ରହଣ କରୁଛି। ଆମେ ରାହୁଲଙ୍କୁ ଅନୁସରଣ କରୁଥିଲୁ। ସେ କୁହନ୍ତି କଂଗ୍ରେସ କାହାକୁ ଡରେନାହିଁ। ତେଣୁ ମୁଁ କାହାକୁ ନ ଡରି ଚିଠି ଲେଖିଥିଲି, କିନ୍ତୁ ମୋ ଉପରେ କାର୍ଯ୍ୟାନୁଷ୍ଠାନ ହେଲା। ଯାହା କରିଛି ସେଥିରେ ଅନୁଶୋଚନା ନାହିଁ, ଆଗକୁ କଂଗ୍ରେସ ପାଇଁ ଭଲ ହେବ ବୋଲି ଆଶା କରୁଛି।

### ଭୁବନେଶ୍ୱରରେ ହେବ...

ଆପ୍ଲିକେଶନ ସେଣ୍ଟର' ସ୍ଥାପନ ପାଇଁ ଅନୁମୋଦନ କରିଥିବା ବିଷୟ ତାଙ୍କ ଅଫିସ୍ ସୋମବାର ସୂଚନା ଦେଇଛି। ଏହି ପ୍ରସ୍ତାବିତ ଭିଜା ସେଣ୍ଟର ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେବ। ଯାହା ପାଇଁ ଓଡ଼ିଶା ସରକାର ୩ ହଜାର ବର୍ଗଫୁଟର ଜାଗା ଯୋଗାଇ ଦେବେ ବୋଲି ଜଣାପଡ଼ିଛି। ଭୁବନେଶ୍ୱରରେ ଏକ ଭିଜା ସେଣ୍ଟର ସ୍ଥାପନ କରିବା ପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବି ରହିଆସୁଥିଲା। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି।

### ଶିମିଳିପାଳ ସମ୍ବେଦନଶୀଳ...

୧ କି.ମି. ପର୍ଯ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ରହିବ ବୋଲି ନିର୍ଦ୍ଦେଶ ରହିଛି। ମାତ୍ର ତାହାକୁ ଅବମାନନା କରି ବେଧଡ଼କଭାବେ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି। ପରିବେଶଗତ କ୍ଷତିକୁ ରୋକିବା ଏବଂ ବିକାଶମୂଳକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରି ସଂରକ୍ଷିତ ଅଞ୍ଚଳକୁ ସୁରକ୍ଷା ଯୋଗାଇବା ନେଇ ୨୦୧୧ ଗାଇଡ୍‌ଲାଇନ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଣିଜ୍ୟ, ଖଣି ଖନନ, ପ୍ରଦୂଷଣ ସୃଷ୍ଟି କରୁଥିବା ଉଦ୍ୟୋଗ, ବଡ଼ ଜଳବିଦ୍ୟୁତ ପ୍ରକଳ୍ପ, ନୂତନ ଉଚ୍ଚତା ବିଶିଷ୍ଟ ହୋଟେଲ କିମ୍ବା ରିସର୍ଟ ସ୍ଥାୟୀ ନିର୍ମାଣକୁ ଉକ୍ତ ଅଞ୍ଚଳରେ ନିଷେଧ କରାଯାଇଛି। ସେହିପରି ନିୟନ୍ତ୍ରିତ କାର୍ଯ୍ୟକଳାପ କ୍ଷେତ୍ରରେ ହୋଟେଲ ଏବଂ ରିସର୍ଟ ନିର୍ମାଣ, ବୃକ୍ଷ କାଟିବା, ବାଣିଜ୍ୟିକ ଜଳ ବ୍ୟବହାର, ରାସ୍ତା ବୃଦ୍ଧି ସହିତ ନୂତନ କଂକ୍ରିଟ ନିର୍ମାଣ, କୃଷି ପ୍ରଣାଳୀରେ ବଡ଼ ପରିବର୍ତ୍ତନ ଭଳି କାର୍ଯ୍ୟଗୁଡ଼ିକ ପାଇଁ ମନିଟରିଂ କମିଟି ବା ସମ୍ବନ୍ଧିତ ଅଧିକାରୀଙ୍କଠାରୁ ଅନୁମତିର ଆବଶ୍ୟକତା ରହିଛି।


ଅନ୍ୟପକ୍ଷେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଏକ ଡ୍ରାଫ୍ଟ ନୋଟିଫିକେସନ ୨୦୧୯ ଜାନୁଆରୀରେ ପ୍ରକାଶ ପାଇଥିଲା। ଏଥିରେ ୦-୧୦କି.ମି. ପର୍ଯ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ ପରେ ଏହା ୦-୫ କି.ମି. ପର୍ଯ୍ୟନ୍ତ ସଂଶୋଧିତ ହୋଇଥିଲା। ଉକ୍ତ ଘଟଣାକୁନେଇ ଅଦ୍ୟାବଧି ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ରହିଥିବା ବେଳେ ଖଣି, ପର୍ଯ୍ୟଟନ ଏବଂ ସ୍ଥାନୀୟ ବିକାଶ ସହ ଜଡ଼ିତ ବିବାଦ ରହିଛି। ଅନ୍ତିମ ନୋଟିଫିକେସନ ପ୍ରକାଶ ପାଇ ନ ଥିବାରୁ ପ୍ରସ୍ତାବିତ ଅଞ୍ଚଳରେ ଅନିୟନ୍ତ୍ରିତ କାର୍ଯ୍ୟକଳାପକୁ ନେଇ ଅଭିଯୋଗ ଉଠିଛି। ଏହାକୁ ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଅତିରିକ୍ତ ସଚିବଙ୍କୁ ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସଂକ୍ରାନ୍ତରେ ଆରସିସିଏଫ ଗୋଗିନେନୀ କହିଛନ୍ତି, ବେଆଇନ ନିର୍ମାଣକୁ ରୋକ ଲଗାଇବା ପାଇଁ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ। ଏପରିକି ବିଦ୍ୟୁତ୍ ସଂଯୋଗ କରୁଥିବା ଟିପିଏନ୍‌ଓଡିଏଲ ସଂସ୍ଥା ପକ୍ଷରୁ କୌଣସି ଅନୁମତି ନ ନେଇ ଏଭଳି କାର୍ଯ୍ୟକଳାପ ଜାରିରହିଥିବାରୁ ବିଭାଗକୁ ଜଣାଯାଇଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର କ୍ଷେତ୍ର ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି, ଶିମିଳିପାଳ ଜାତୀୟ ଉଦ୍ୟାନର ସମ୍ବେଦନଶୀଳ ଅଞ୍ଚଳକୁ ନେଇ ଏକ ପ୍ରସ୍ତାବ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦିଆଯାଇଛି। କେଉଁ ଅଞ୍ଚଳ କେତେ ଦୂର ମଧ୍ୟରେ ସମ୍ବେଦନଶୀଳ ଭାବେ ରଖାଯିବ, ତାହା ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ ହୋଇଛି। କେନ୍ଦ୍ର ଜଳବାୟୁ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ନୋଟିଫିକେଶନ ପ୍ରକାଶିତ ହୋଇ ନ ଥିବାରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହୋଇ ପାରୁନାହୁଁ ବୋଲି କହିଥିଲେ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ତରରେ ଆଇନଗତ ଭାବେ ବୈଧ ସରକାରୀ ଡକ୍ୟୁମେଣ୍ଟ ମାଧ୍ୟମରେ ନୂତନ ଆଇନ, ନିୟମ, ସଂଶୋଧନ, ନିଯୁକ୍ତି କିମ୍ବା ଗୁରୁତ୍ୱପୂର୍ଣ୍ଣ ଧାରାକୁ ଘୋଷଣା କରାଯାଇଥାଏ। ଏହା ଦ୍ୱାରା ସାଧାରଣରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଏବଂ ଯାଞ୍ଚ ପୂର୍ବକ ଆଇନଗତ ପ୍ରମାଣଭାବେ କାର୍ଯ୍ୟ କରିବା ପାଇଁ ସରକାରଙ୍କ ପକ୍ଷରୁ ଗେଜେଟ୍ ପ୍ରକାଶ କରାଯାଇଥାଏ। ଏହା ହୋଇ ନ ଥିବାରୁ ନୂତନ ହୋଟେଲ, ରେଷ୍ଟୁରାଣ୍ଟ ଗଢ଼ି ଉଠୁଥିବା ସଂସ୍ଥା ଉପରେ କୌଣସି ପ୍ରକାର ରୋକ ଲାଗିପାରୁନାହିଁ। ଜିଲା ପ୍ରଶାସନର ପୂର୍ଣ୍ଣ ମାତ୍ରାରେ ଦାୟିତ୍ୱ ରହିଥିବା ବେଳେ କମିଟି ଗଠନ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କୁହାଯାଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ଆଦିବାସୀ ଜମି ଲିଜ୍ ଦେବା ଭଳି କୌଣସି ପ୍ରକ୍ରିୟା ହୋଇନାହିଁ। ଏଭଳି ଘଟଣା ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କ ଉପସ୍ଥିତିରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସୋମବାର ଧରିତ୍ରୀ ମୁଖ୍ୟାଳୟଠାରେ ସମୁଦ୍ର ତଟ ଅଞ୍ଚଳକୁ ପ୍ଲାଷ୍ଟିକ୍ ଆବର୍ଜନାମୁକ୍ତ ଦିଗରେ କାର୍ଯ୍ୟ କରୁଥିବା ବାପି ଗୋଛାୟତଙ୍କୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୫ର 'କ୍ଲାଇମେଟ୍ ଗ୍ରାଣ୍ଟ (ବ୍ୟକ୍ତିଗତ ବର୍ଗ)' ବିଜେତା ବାବଦରେ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟାଳୟଠାରେ ସୋମବାର 'ଧରିତ୍ରୀ'ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ 'ସ୍ୱତନ୍ତ୍ର ଗ୍ରାଣ୍ଟ' ବାବଦରେ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।




# ନୂଆ ବଜେଟ ସମୀକ୍ଷା କରିବେ ନିର୍ମଳା

## ସବୁ ବିଭାଗଠାରୁ ଲୋଡ଼ାଗଲା ସ୍ୱତନ୍ତ୍ର ପ୍ରସ୍ତାବ

ଭୁବନେଶ୍ୱର,୧୫।୧୨ (ରବିନାରାୟଣ ଜେନା)

ବିଧାନସଭାର ଶୀତ ଅଧିବେଶନ ଶେଷ ହେବାର ସପ୍ତାହେ ନ ପୂରୁଣୁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ବଜେଟ ଅଧିବେଶନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ରାଜ୍ୟ ବଜେଟରେ ଯେଉଁ ପରିମାଣର କେନ୍ଦ୍ରୀୟ ଅଂଶଧନର ପ୍ରାବଧାନ କରାଯାଉଛି ତାହା ବାସ୍ତବକ୍ଷେତ୍ରରେ ମିଳୁ ନ ଥିବାରୁ ବିରୋଧୀମାନେ ଗୃହରେ ହଇଗୋଳ କରୁଛନ୍ତି; ଯାହାର ଚିତ୍ର ନିକଟରେ ୨୦୨୫-୨୬ବର୍ଷର ଅତିରିକ୍ତ ବଜେଟ ଅଧିବେଶନକାଳରେ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ରାଜ୍ୟ ସରକାର କିଭଳି ଏକ ଜନହିତକର ବଜେଟ ଆଣିବେ ସେଥିନେଇ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି। ତେବେ ଆସନ୍ତା ବଜେଟ ଅଧିବେଶନ ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନୂତନ ପ୍ରାକ୍‌ବଜେଟ ବୈଠକ ନେବେ। କେଉଁ ବିଭାଗ କି ପ୍ରକାର କେନ୍ଦ୍ରୀୟ ଅନୁଦାନ ଚାହୁଁଛନ୍ତି, ଖର୍ଚ୍ଚ କରୁଛନ୍ତି ଏବଂ ରାଜ୍ୟ ପାଇଁ ଆଉ ଅଧିକ କେଉଁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ରହିଛି ତାକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ନିର୍ମଳା ପରାମର୍ଶ ଦେବାର ରହିଛି ବୋଲି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗୀୟ ସଚିବଙ୍କୁ ଅବଗତ କରାଇଛନ୍ତି।

ସଚିବସ୍ତରୀୟ ବୈଠକରେ ମୁଖ୍ୟସଚିବ କହିଛନ୍ତି, କେନ୍ଦ୍ର ଅର୍ଥମନ୍ତ୍ରୀ ସମସ୍ତ ଅଂଶୀଦାରଙ୍କ ସହିତ ଏକ ପ୍ରାକ୍ ବଜେଟ ବୈଠକ କରିବେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ମେମୋରାଣ୍ଡମ୍ ପ୍ରଦାନ କରାଯିବାକୁ ରହିଛି। ତେଣୁ ବିଭାଗୀୟ ସଚିବମାନେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍ଏସ୍)କୁ ନେଇ ସେମାନଙ୍କର ପ୍ରସ୍ତାବ ତୁରନ୍ତ ପଠାଇବାକୁ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଅତ୍ୟନ୍ତ କମ୍ ଖର୍ଚ୍ଚ କରୁଥିବା ବିଭାଗଗୁଡ଼ିକ ଓ ଯେଉଁ ବିଭାଗରେ ରାଜସ୍ୱ ସଂଗ୍ରହ ସମସ୍ୟା ରହିଛି ସେସବୁ ବିଭାଗର ସମୀକ୍ଷା ପରବର୍ତ୍ତୀ ପର୍ଯ୍ୟାୟରେ କରାଯିବ।

ସୂଚନାଯୋଗ୍ୟ, ଚଳିତ ଆର୍ଥିକବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ଅଂଶଧନକୁ ଦୃଷ୍ଟିରେ ରଖି ଯେଉଁ ୧ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଥିଲା, ସେଥିମଧ୍ୟରୁ ଅକ୍ଟୋବର ଶେଷ ସୁଦ୍ଧା ଅଧିକାଂଶ ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ ରହିଛି। ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ସରକାର ୨୨ହଜାର ୭୪୧କୋଟି ଟଙ୍କାର ବଜେଟ ପ୍ରାବଧାନ କରିଥିବାବେଳେ ବିଭାଗ ସେଥିରୁ ୯୬୦୭କୋଟି ଟଙ୍କା ଖର୍ଚ୍ଚ କରିବାରେ ସମର୍ଥ ହୋଇଥିଲା। ସେହିପରି ଗୃହ ନିର୍ମାଣ ବିଭାଗ ୯୯୮୪.୭୦କୋଟି ମଧ୍ୟରୁ ୩୨୮୭.୬୫କୋଟି ଖର୍ଚ୍ଚ କରିଥିବାବେଳେ ଗୃହ ବିଭାଗ ୧୦ହଜାର ୮୪୦କୋଟିରୁ ୪୭୯୦କୋଟି, ସାଧାରଣ ପ୍ରଶାସନ ୧୯୧୩କୋଟିରୁ ୮୮୪କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୩୧ହଜାର ୧୮୫କୋଟିରୁ ୧୩ହଜାର ୩୬୬କୋଟି, ପଞ୍ଚାୟତିରାଜ ବିଭାଗ ୨୯ହଜାର ୨୦୧କୋଟି ମଧ୍ୟରୁ ୬୭୭୭କୋଟି, ଜଳସମ୍ପଦ ବିଭାଗ ୧୪ହଜାର ୯୦୧କୋଟିରୁ ୪୩୨୬କୋଟି, କୃଷି ବିଭାଗ ୧୫ହଜାର ୯୫୦କୋଟିରୁ ୫୬୫୬କୋଟି, ଗ୍ରାମ୍ୟ ଉନ୍ନୟନ ବିଭାଗ ୧୦ହଜାର ୨୦କୋଟିରୁ ମାତ୍ର ୨୯୫୪କୋଟି ଏବଂ ଶକ୍ତି ବିଭାଗ ୩୯୬୨କୋଟିରୁ ୧୧୪୩କୋଟି ଟଙ୍କା ଖର୍ଚ୍ଚ କରିବାରେ ସକ୍ଷମ ହୋଇଥିବା ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତମାସ ୮ରେ ଗୃହକୁ ଜଣାଇଛନ୍ତି।

# କୃଷି ବିଦ୍ୟାନିଧି ଯୋଜନାର ଆବେଦନ ସମୟ ଆସନ୍ତା ୨୦ ପର୍ଯ୍ୟନ୍ତ ବଢ଼ିଲା

## ଆସନ୍ତା ୨୫ ସୁଦ୍ଧା ଯାଞ୍ଚ ସରିବ, ଜାନୁଆରୀ ୨୫ ସୁଦ୍ଧା ବୃତ୍ତି ପ୍ରଦାନ

ଭୁବନେଶ୍ୱର, ୧୫।୧୨ (ସୁନିତ୍ ମିଶ୍ର)

କୃଷି ବିଦ୍ୟାନିଧି ଯୋଜନା ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ଛାତ୍ରବୃତ୍ତି ଯୋଜନା। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ସିଏମ୍ କିଷାନ୍ ଯୋଜନା ଅଧୀନରେ ଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ସନ୍ତାନସନ୍ତତିଙ୍କ ଉଚ୍ଚଶିକ୍ଷା ସ୍ୱପ୍ନକୁ ସୁଗମ କରିବା ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି, ଯାହା ସେମାନଙ୍କ ଉଚ୍ଚଶିକ୍ଷା ପାଇଁ ସାହାଯ୍ୟ କରୁଛି। ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ କୃଷି ବିଦ୍ୟାନିଧି ଯୋଜନାର ଅନ୍‌ଲାଇନ ଆବେଦନ ସମୟସୀମା ଅକ୍ଟୋବର ୧୫ରୁ ନଭେମ୍ବର ୩୦ ଯାଏ ରଖାଯାଇଥିଲା। କିନ୍ତୁ ଆବେଦନ ସମୟସୀମା ଅତିକ୍ରାନ୍ତ ପରେ ମଧ୍ୟ ବହୁ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ଅନୁରୋଧକ୍ରମେ, ବିଭାଗ ପକ୍ଷରୁ ଅନ୍‌ଲାଇନ ଆବେଦନ ଏବଂ ଯାଞ୍ଚ ପ୍ରକ୍ରିୟାର ଅବଧିକୁ ବୃଦ୍ଧି କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭାଗୀୟ ନିଷ୍ପତ୍ତି ଅନୁଯାୟୀ, ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନ୍‌ଲାଇନ ଆବେଦନ ଶେଷ ତାରିଖ ଆସନ୍ତା ୨୦କୁ ରଖାଯାଇଛି। ସେହିଭଳି ଶିକ୍ଷାନୁଷ୍ଠାନସ୍ତରରେ ଆବେଦନ ପତ୍ରର ଯାଞ୍ଚ ଶେଷ ତାରିଖ ଆସନ୍ତା ୨୫କୁ ରଖାଯାଇଛି। ଜିଲାସ୍ତରରେ ଜିଲା ମୁଖ୍ୟ କୃଷି ଅଧିକାରୀମାନେ ଜାନୁଆରୀ ୨୫ ସୁଦ୍ଧା ଆବେଦନଗୁଡ଼ିକର ଅନୁମୋଦନ କରି ରାଜ୍ୟସ୍ତରରେ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ଉପସ୍ଥାପନ କରିବେ। ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ କୃଷି ବିଦ୍ୟାନିଧି ଯୋଜନାର ସୁଯୋଗ ନେବା ପାଇଁ ବିଭାଗ ତରଫରୁ ଅନୁରୋଧ କରାଯାଇଛି।

# ବିଧାୟକଙ୍କ ଦରମା ବୃଦ୍ଧିକୁ ସିପିଆଇଏମ୍‌ର ବିରୋଧ

ଭୁବନେଶ୍ୱର, ୧୫।୧୨ (ରବିନାରାୟଣ ଜେନା)

ବିଧାୟକ, ମନ୍ତ୍ରୀ, ଉପବାଚସ୍ପତି ଏବଂ ବାଚସ୍ପତିଙ୍କ ଦରମା ବୃଦ୍ଧିକୁ ବିରୋଧ କରି ସିପିଆଇ(ଏମ୍) ପକ୍ଷରୁ ରାଜ୍ୟପାଳଙ୍କୁ ସୋମବାର ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସହିତ ଏହାକୁ ବନ୍ଦ କରିବାକୁ ଅନୁରୋଧ କରାଯାଇଛି। ଏନେଇ ପାର୍ଟିର ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାରେ ଲୋକଙ୍କ ମୁଣ୍ଡପିଛା ଆୟ ମାସିକ ୧୪ହଜାର ଟଙ୍କା; ଯାହା କି ଜାତୀୟସ୍ତର ଅପେକ୍ଷା କମ୍। ଏହି ପରିପ୍ରେକ୍ଷୀରେ ବିଧାୟକ, ମନ୍ତ୍ରୀ, ଉପବାଚସ୍ପତି ଏବଂ ବାଚସ୍ପତିଙ୍କ ଦରମା ସାଢ଼େ ତିନିଗୁଣା ବୃଦ୍ଧି ଠିକ୍ ହୋଇନାହିଁ। ରାଜ୍ୟରେ କାମ ଅଭାବରୁ ୧୦% ବେକାର ଯୁବତୀଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏହି ସମୟରେ ବିଧାୟକଙ୍କ ଦରମା ବୃଦ୍ଧି ରାଜ୍ୟ ରାଜକୋଷ ଉପରେ ବଡ଼ ପ୍ରଭାବ ପକାଇବ। ତେଣୁ ଏହି ଦରମା ବୃଦ୍ଧି ନିଷ୍ପତ୍ତିକୁ ସାମ୍ବିଧାନିକ ଦୃଷ୍ଟିକୋଣରୁ ସ୍ଥଗିତ ରଖିବା ଲାଗି ପାଣିଗ୍ରାହୀ ଦାବି କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସଦସ୍ୟ ଦୁଷ୍ମନ୍ତ କୁମାର ଦାସ, ବଦ୍ରିନାରାୟଣ ଦାସ, ପୁଷ୍ପା ଦାସ ପ୍ରମୁଖ ସାମିଲ ଥିଲେ।

# ରାଜ୍ୟପାଳଙ୍କ ଏଡିସି ହେଲେ ଲ୍ୟୁଟ୍‌ନାଣ୍ଟ ହର୍ଷିତ ଦେଓ

ଭୁବନେଶ୍ୱର, ୧୫।୧୨ (ସୁଚିସ୍ମିତା ସାହୁ)



ଲୋକସେବା ଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଲ୍ୟୁଟ୍‌ନାଣ୍ଟ ହର୍ଷିତ ଦେଓଙ୍କୁ ଆନୁଷ୍ଠାନିକ ଭାବେ ନୂଆ ପଦବୀ ପ୍ରଦାନ କରୁଛନ୍ତି।

ନୌସେନା ଅଧିକାରୀ ଲ୍ୟୁଟ୍‌ନାଣ୍ଟ ହର୍ଷିତ ଦେଓ ସୋମବାର ଓଡ଼ିଶା ରାଜ୍ୟପାଳଙ୍କ ଏଡ୍-ଡି-କ୍ୟାମ୍ପ (ଏଡିସି) ଭାବେ ନିଯୁକ୍ତ ହୋଇଛନ୍ତି। ଲୋକସେବା ଭବନରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ତାଙ୍କୁ ଏହି ସମ୍ମାନଜନକ ପଦବୀ ପ୍ରଦାନ କରିଛନ୍ତି।

ଲ୍ୟୁଟ୍‌ନାଣ୍ଟ ଦେଓ ଆଇଏନ୍ଏସ୍ ଆଦିତ୍ୟରେ ୱାଚ୍ କିପିଂ ଅଫିସର(ଡବ୍ଲ୍ୟୁକେଓ) ଥିଲେ। ସେ ପ୍ରତିଷ୍ଠିତ ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ)ର ପୂର୍ବତନ ଛାତ୍ର ଏବଂ ଆପ୍ଲାଏଡ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନରେ ବି.ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ୨୦୨୨ ମେ'ରେ ଆଇଏନ୍ଏସ୍ ଦିଲ୍ଲୀରେ ସବ୍-ଲ୍ୟୁଟ୍‌ନାଣ୍ଟ (ଆଫ୍ଲୋଟ) ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିବା ପରେ ସେ ଏସ୍‌ଏଲ୍‌ଟି (ଏକ୍ସ) ଟେକ୍ କୋର୍ସ କରିଥିଲେ। ୨୦୨୩ ଏପ୍ରିଲରେ ୱାଚ୍ କିପିଂ ଡ୍ୟୁଟି ପାଇଁ ଆଇଏନ୍ଏସ୍ ଆଦିତ୍ୟରେ ନିଯୁକ୍ତ ହୋଇଥିଲେ ଓ ଡିସେମ୍ବରରେ ଆଇଏନ୍ଏସ୍ ଆଦିତ୍ୟରେ ୱାଚ୍ କିପିଂ ଅଫିସର ଭାବେ ନିଯୁକ୍ତ ହୋଇଥିଲେ। ନିଜ କାର୍ଯ୍ୟକାଳ ମଧ୍ୟରେ ସେ ଏକାଧିକ ଫ୍ଲିଟ୍ ଡିପ୍ଲୟମେଣ୍ଟ ଏବଂ ଅନ୍ତର୍ଜାତୀୟ ନୌସେନା ଅଭ୍ୟାସରେ ଭାଗ ନେଇ ବହୁ ଅପରେଶନାଲ ଅଭିଜ୍ଞତା ହାସଲ କରିଛନ୍ତି।

ଲ୍ୟୁଟ୍‌ନାଣ୍ଟ ଦେଓ ହେଉଛନ୍ତି ଉତ୍ତରାଖଣ୍ଡ ଚମ୍ପାଓଟ ଜିଲା ଲୋହାଘାଟର ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନରେଶ ଦେଓଙ୍କ ପୁତ୍ର। ସେ ନିଜର ଉତ୍ତମ ଶୈକ୍ଷିକ ପୃଷ୍ଠଭୂମି ଏବଂ ପେସାଦାର ନୌସେନା ଅଭିଜ୍ଞତା ସହିତ ଏହି ନୂଆ ଦାୟିତ୍ୱରେ ଯୋଗଦେଇଛନ୍ତି। ସୂଚନାଯୋଗ୍ୟ, ଭାରତୀୟ ନୌସେନା ଏବଂ ରାଜ୍ୟ ପୋଲିସର ଦୁଇଜଣ ଏଡିସି ଓଡ଼ିଶା ରାଜ୍ୟପାଳଙ୍କୁ ସହଯୋଗ କରିଥାନ୍ତି। ବର୍ତ୍ତମାନ ରାଜ୍ୟ ପୋଲିସର ଆଇପିଏସ୍ ଅଧିକାରୀ କୁଲଦୀପ ମୀନା ରାଜ୍ୟପାଳଙ୍କ ଅନ୍ୟତମ ଏଡିସି ଭାବେ କାର୍ଯ୍ୟରତ ଅଛନ୍ତି।

# ୧୦ ଡିଗ୍ରୀ ତଳେ ୮ ସହର, ୫ ଜିଲାକୁ କୁହୁଡ଼ି ସତର୍କତା

ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)

ରାଜ୍ୟରେ ଶୀତ ଲହରି ଜାରି ରହିଥିବାବେଳେ ସର୍ବନିମ୍ନ ତାପମାତ୍ରାରେ ବୃଦ୍ଧି ଘଟୁଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୮ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବାବେଳେ ସର୍ବନିମ୍ନ ତାପମାତ୍ରା ଜି.ଉଦୟଗିରିରେ ୫ଡିଗ୍ରୀ ରେକର୍ଡ କରାଯାଇଛି। ଏହା ତଳକୁ ଦାରିଙ୍ଗବାଡି ଓ ଫୁଲବାଣୀରେ ୬ ଡିଗ୍ରୀ, କୋରାପୁଟ ୬.୮, ସେମିଳିଗୁଡା ୭.୪, ଚିପିଲିମା ୮.୮, ନବରଙ୍ଗପୁର ୯, ବୌଦ୍ଧ ୯.୭, କେନ୍ଦୁଝରଗଡ ୧୦.୮, ରାଉରକେଲା ୧୧, କିରେଇ ୧୧.୧, ଭୁବନେଶ୍ୱର ଏବଂ କଟକରେ ସର୍ବନିମ୍ନ ତାପମାତ୍ରା ୧୨.୬ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ରାଉରକେଲାରେ ଘନ କୁହୁଡି ଓ କୋରାପୁଟରେ ମଧ୍ୟମ ଧରଣର କୁହୁଡି ଦେଖାଦେଇଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ଡିଗ୍ରୀ ବୃଦ୍ଧି ପାଇଛି। ଅପରପକ୍ଷେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ତାପମାତ୍ରା ପ୍ରାୟ ୬ ଡିଗ୍ରୀ ହ୍ରାସ ପାଇଛି। ସେହିପରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇଛି। ଆଗାମୀ ୬ରୁ ୭ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିଲେ ମଧ୍ୟ କୁହୁଡ଼ି ନେଇ ସତର୍କତା ଜାରି କରାଯାଇଛି। ଦୁଇଦିନ ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଏବଂ ଝାରସୁଗୁଡାରେ ମଧ୍ୟମରୁ ସାମାନ୍ୟ ଧରଣର କୁହୁଡି ଦେଖାଦେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଯୁକ୍ତ୨ ପରୀକ୍ଷା: ବିନା ଆଡ୍‌ମିଟ କାର୍ଡରେ ଇଣ୍ଟରନାଲ ଦେଇପାରିବେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୫।୧୨ (ସୁଚିସ୍ମିତା ସାହୁ)

ଯୁକ୍ତ୨ ପରୀକ୍ଷା ପାଇଁ ଫର୍ମ ପୂରଣ କ୍ଷେତ୍ରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସଇ) ପକ୍ଷରୁ କୋହଳ କରାଯାଇଛି। ଯେଉଁ ଛାତ୍ରୀଛାତ୍ର କୌଣସି କାରଣ ଯୋଗୁ ଆବେଦନ କରିପାରି ନାହାନ୍ତି, ସେମାନେ ଆସନ୍ତା ୧୮ ତାରିଖ ଭିତରେ ସିଏଚ୍ଏସ୍‌ଇ କାର୍ଯ୍ୟାଳୟକୁ ଆସିଲେ ବାସ୍ତବ ସମସ୍ୟା ଅନୁଧ୍ୟାନ ପରେ ଫର୍ମ ପୂରଣ ପାଇଁ ସୁଯୋଗ ଦିଆଯିବ। ସେହିପରି ପୂର୍ବରୁ ଫର୍ମ ପୂରଣ କରିଥିବା ପିଲାମାନେ ୧୮/୧୯ ତାରିଖ ମଧ୍ୟରେ ଆଡ୍‌ମିଟ କାର୍ଡ ପାଇଯିବେ ଓ ବିଳମ୍ବରେ ଫର୍ମ ପୂରଣ କରୁଥିବା ପିଲାଙ୍କ ପାଇଁ ଆଡ୍‌ମିଟ କାର୍ଡ ଆସିବାକୁ ସମୟ ଲାଗିବ। ତେବେ ଛାତ୍ରୀଛାତ୍ର ବିନା ଆଡ୍‌ମିଟ କାର୍ଡରେ ଇଣ୍ଟରନାଲ ପରୀକ୍ଷା ଦେଇପାରିବେ ବୋଲି ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି। ରେଜିଷ୍ଟ୍ରେଶନ ନମ୍ବର ଆଧାରରେ ପିଲାମାନେ ଇଣ୍ଟରନାଲ ଦେଇପାରିବେ। କେବଳ ପ୍ରାକ୍ଟିକାଲ ପରୀକ୍ଷା ଓ ମେନ୍ ପରୀକ୍ଷା ପାଇଁ ଆଡ୍‌ମିଟ କାର୍ଡ ଆବଶ୍ୟକ ହେବ। ଏଯାବତ୍ ବହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ପାଇଁ ଫର୍ମ ପୂରଣ କରିନାହାନ୍ତି। ସେମାନେ ପରୀକ୍ଷା ଦେବାରୁ ଯେପରି ବଞ୍ଚିତ ନ ହେବେ ଓ ଡ୍ରପ୍ ଆଉଟ ହାର କମାଇବା ହେଉଛି ଫର୍ମ ପୂରଣ ତାରିଖ କୋହଳ କରିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପରୀକ୍ଷା ନିୟନ୍ତ୍ରକ ପରିଡା କହିଛନ୍ତି।

# ବାଦ୍ ପଡ଼ିବେ 'ଅଯୋଗ୍ୟ ନିର୍ଦ୍ଦେଶକ'

## ଅର୍ଥ ମନ୍ତ୍ରଣାଳୟର ନୂଆ ପଦକ୍ଷେପ

ଭୁବନେଶ୍ୱର, ୧୫।୧୨ (ରବିନାରାୟଣ ଜେନା)

ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଏଣିକି ଅଯୋଗ୍ୟ ନିର୍ଦ୍ଦେଶକଙ୍କୁ ଚିହ୍ନଟ କରାଯିବା ସହିତ ସେମାନଙ୍କୁ ବ୍ୟବସ୍ଥାରୁ ବାଦ୍ ଦିଆଯିବ। ତେବେ ଯେଉଁମାନଙ୍କଠାରେ ଆର୍ଥିକ, କୃଷି ଏବଂ ଆଇନର ଅନୁଭବ ନ ଥିବ ସେମାନେ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ରହିପାରିବେ ନାହିଁ। ଯଦି କୌଣସି ବ୍ୟାଙ୍କରେ ଏଭଳି 'ଅଯୋଗ୍ୟ ନିର୍ଦ୍ଦେଶକ' ରହିଥିବେ ସେମାନଙ୍କୁ ମଧ୍ୟ ବାଦ୍ ଦିଆଯିବ। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଡିସେମ୍ବର ୧୦ରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଛି।

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଯୁଗ୍ମ ସଚିବ ଶାଳିନୀ ପଣ୍ଡିତ ଦର୍ଶାଇଛନ୍ତି, ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ବ୍ୟାଙ୍କିଙ୍ଗ ରେଗୁଲେଶନ (ସହକାରୀ ସମିତି) ନିୟମ-୧୯୬୬ରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଛି। ଏହା ମାଧ୍ୟମରେ ଏଣିକି ସହକାରୀ ବ୍ୟାଙ୍କଗୁଡ଼ିକରେ ଅଯୋଗ୍ୟ ନିର୍ଦ୍ଦେଶକମାନଙ୍କୁ ଚିହ୍ନଟ କରାଯିବା ସହିତ କେଉଁ ନିର୍ଦ୍ଦେଶକଙ୍କୁ ପଦ ଛାଡ଼ିବାକୁ ପଡ଼ିବ ସେଥିପାଇଁ ସ୍ପଷ୍ଟ ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇପାରିବ। ଏହି ନୂତନ ନିୟମଗୁଡ଼ିକ ୧୫ ଡିସେମ୍ବର ୨୦୨୫ଠାରୁ ସହରାଞ୍ଚଳ, ରାଜ୍ୟ ଓ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ଉପରେ ଲାଗୁ ହେବ। ତେବେ ବ୍ୟାଙ୍କିଙ୍ଗ ରେଗୁଲେଶନ ଆଇନର ଧାରା ୧୦-ଏ(୨) (କ) ଏବଂ (ଖ) ଅନୁଯାୟୀ, ଯୋଗ୍ୟତା ପୂରଣ କରୁ ନ ଥିବା କୌଣସି ନିର୍ଦ୍ଦେଶକଙ୍କୁ ଅଯୋଗ୍ୟ ନିର୍ଦ୍ଦେଶକ ବୋଲି ଗଣାଯିବ । ନିୟମ ଅନୁଯାୟୀ, ବ୍ୟାଙ୍କର ମୋଟ ନିର୍ଦ୍ଦେଶକ ମଣ୍ଡଳୀର ଅତି କମ୍‌ରେ ୫୧% ସଦସ୍ୟଙ୍କଠାରେ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଶେଷ ଜ୍ଞାନ କିମ୍ବା ବ୍ୟବହାରିକ ଅନୁଭବ ରହିଥିବା ଆବଶ୍ୟକ। ସେଥିମଧ୍ୟରେ ହିସାବ ରଖିପାରୁଥିବା ଜ୍ଞାନ ସହିତ କୃଷି ଓ ଗ୍ରାମୀଣ ଅର୍ଥନୀତି, ବ୍ୟାଙ୍କିଙ୍ଗ, ସହକାରିତା, ଅର୍ଥନୀତି, ଆର୍ଥିକ ବ୍ୟବସ୍ଥା, ଆଇନ ଏବଂ ଛୋଟ ଶିଳ୍ପ ସମ୍ବନ୍ଧୀୟ ଜ୍ଞାନ ରହିଥିବା ଆବଶ୍ୟକ। ବୋର୍ଡ ପୁନର୍ଗଠନ ସମୟରେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ ଯେତେବେଳେ ବୋର୍ଡର ଗଠନ ପରିବର୍ତ୍ତନ କରିବାକୁ ଆଗକୁ ଯିବେ ସେ କ୍ଷେତ୍ରରେ ଏଭଳି ଅଯୋଗ୍ୟ ନିର୍ଦ୍ଦେଶକମାନେ କିପରି ପଦ ଛାଡ଼ିବେ, ତାହା ପାଇଁ ସରକାର ଏବେ ଔପଚାରିକ ପ୍ରକ୍ରିୟା ନିର୍ଦ୍ଧାରଣ କରିବାକୁ ହେବ। ନୂତନଭାବେ ଯୋଡ଼ାଯାଇଥିବା ନିୟମ ୫-ଏ ଅଯୋଗ୍ୟ ନିର୍ଦ୍ଦେଶକମାନଙ୍କ ମଧ୍ୟରୁ କେଉଁମାନେ ପଦ ଛାଡ଼ିବେ ସେନେଇ ବିଜ୍ଞପ୍ତିରେ ସ୍ପଷ୍ଟ ଦର୍ଶାଯାଇଛି। ଯେପରି କି, ପ୍ରଥମେ ଅଯୋଗ୍ୟ ନିର୍ଦ୍ଦେଶକମାନଙ୍କୁ ସେମାନେ କେତେ ସମୟ ଧରି ପଦରେ ଅଛନ୍ତି ସେମାନଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତ କରାଯିବ । ଯଦି ଦୁଇଟି କିମ୍ବା ଦୁଇଟିଠାରୁ ଅଧିକ ସଂଖ୍ୟକ ରହିଥାନ୍ତି, ତେବେ ସବୁଠାରୁ କମ୍ ସମୟ ପଦଧାରଣ କରିଥିବା ବ୍ୟକ୍ତିବିଶେଷଙ୍କୁ ବାଦ୍ କରାଯିବ। ଯଦି ଏପରି ବାଦ୍ ଦେବାରେ ଅପସାରଣ ପାଇଁ ଆବଶ୍ୟକ ସଂଖ୍ୟାଠାରୁ କମ୍ ନାମ ରହିଯାଏ, ତେବେ ଏହି ବାଦ୍ ପ୍ରକ୍ରିୟା ଲାଗୁ ହେବ ନାହିଁ । ଲଟେରି ପାଇଁ ଯୋଗ୍ୟ ନାମଗୁଡ଼ିକ ଶେଷ ହେବା ପରେ, ସମ୍ବନ୍ଧିତ ଆଇନ ଧାରା ଅନୁଯାୟୀ ନିର୍ଦ୍ଦେଶକ ମଣ୍ଡଳୀ କିମ୍ବା ରିଜର୍ଭ ବ୍ୟାଙ୍କର ଅନୁମୋଦିତ ଅଧିକାରୀ ଲଟେରି କରିବେ। ସେହିପରି ବିଜ୍ଞପ୍ତିରେ ଷ୍ଟାଣ୍ଡିଂ ଡିପୋଜିଟ୍ ଫାସିଲିଟି ଅଧୀନରେ ରଖାଯାଇଥିବା ଜମାରାଶିକୁ ସାମିଲ କରିବା ପାଇଁ ମଧ୍ୟ ଏକ ଅତିରିକ୍ତ ଏଣ୍ଟ୍ରି ଯୋଡ଼ାଯାଇଥିବା ଜଣାଯାଇଛି।

# ବୈଜୟନ୍ତ ହେଲେ ଆସାମ ନିର୍ବାଚନ ପ୍ରଭାରୀ

## ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା

ଭୁବନେଶ୍ୱର, ୧୫।୧୨ (ସୁନିତ୍ ମିଶ୍ର)

ଭାଜପାର ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ଆସାମର ନିର୍ବାଚନୀ ପ୍ରଭାରୀ ଭାବେ ନିଯୁକ୍ତି ମିଳିଛି। ୨୦୨୬ରେ ଆସାମରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ବୈଜୟନ୍ତ ପ୍ରଭାରୀ ଭାବେ ମାର୍ଗଦର୍ଶନ କରିବେ। ବୈଜୟନ୍ତଙ୍କୁ ଏହି ନୂଆ ଦାୟିତ୍ୱ ମିଳିବା ପରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଅଭିନନ୍ଦନ ଜଣାଇଛନ୍ତି। ସେ ତାଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ବୈଜୟନ୍ତଙ୍କ ନେତୃତ୍ୱରେ ଲଗାତର ୩ୟ ଥର ଲାଗି ଆସାମରେ ବିଜୟୀ ହେବେ। ଏହାସହ ସହ ପ୍ରଭାରୀ ଭାବେ ଦାୟିତ୍ୱ ପାଇଥିବା କେନ୍ଦ୍ରମନ୍ତ୍ରୀ ଦର୍ଶନା ଜାର୍ଦୋଶ ଏବଂ ବିଧାୟକ ସୁନୀଲ କୁମାର ଶର୍ମାଙ୍କୁ ମଧ୍ୟ ସେ ଅଭିନନ୍ଦନ ଜଣାଇଛନ୍ତି। ସମସ୍ତେ ଏକାଠି କାମ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଆସାମ ଭିଜନକୁ ପୂରଣ କରିବେ ବୋଲି ହିମନ୍ତ ଉଲ୍ଲେଖ କରିଛନ୍ତି।

ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ

ଧନୁ ସଂକ୍ରାନ୍ତି, ପହିଲି ଭୋଗ ଓ ହଳ ନିଷେଧ



# ଜଗନ୍ନାଥ ଗ୍ରହଣୀୟ

'ନାମରେ କ'ଣ ଅଛି ? ଯାହାକୁ ଆମେ ଗୋଲାପ କହୁଛୁ, ଅନ୍ୟ କୌଣସି ନାମରେ ଡାକିଲେ ମଧ୍ୟ ତା'ର ସୁଗନ୍ଧ ସେହିପରି ମିଠା ରହିବ।' ନାମକୁ ନେଇ କେତେବେଳେ ଯଦି ଚର୍ଚ୍ଚା ହୋଇଥାଏ ସେକ୍ସପିୟରଙ୍କ ପ୍ରସିଦ୍ଧ ନାଟକ 'ରୋମିଓ ଆଣ୍ଡ୍ ଜୁଲିଏଟ୍'ରୁ ଉଦ୍ଧୃତ ହୋଇଥିବା ଏହି ବାକ୍ୟକୁ ଅନେକେ ବ୍ୟବହାର କରିଥାଆନ୍ତି। କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ)ର ଏବେ ନାମ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାର ଅବତାରଣା କରାଯାଇପାରେ। ୨୦୦୫ରେ ତତ୍କାଳୀନ ଉପା ସରକାର ଅମଳରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏନ୍‌ଆର୍‌ଇଜିଏ) ପ୍ରଣୟନ କରାଯାଇଥିଲା। ପ୍ରଥମେ କେନ୍ଦ୍ର ବଜେଟରେ ଏଥିଲାଗି ୧୧,୩୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ୨୦୦୯ରେ ଏହାର ନାମରେ ମହାତ୍ମା ଗାନ୍ଧୀ ଯୋଡ଼ାଯାଇଥିଲା। ସେତେବେଳେ 'କାର୍ଯ୍ୟ କରିବାର ଅଧିକାର'କୁ ସିଦ୍ଧ କରିବା ସକାଶେ ଗ୍ରାମୀଣ ଭାରତର ଲୋକଙ୍କୁ ଜୀବିକା ନିର୍ବାହ ଲାଗି ବର୍ଷକୁ ୧୦୦ ଦିନର କାମ ଦେବାକୁ ସୁନିଶ୍ଚିତ କରିବା ଲାଗି ଏହି ଆଇନ ଅଭିପ୍ରେତ ଥିଲା। ଏବେ ତାହାର କ୍ରମବିକାଶ କଥା ଦେଖିଲେ ୧୨ ଡିସେମ୍ବରରେ କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏ ନାମ ପରିବର୍ତ୍ତନ କରି ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (ପିବିଜିଆର୍‌ୱାଇ) ଭାବେ ତାହାକୁ ନାମିତ କରିଥିବା ନେଇ କେତେକ ଜାତୀୟ ସ୍ତରୀୟ ଘରୋଇ ଗଣମାଧ୍ୟମରୁ ଜଣାପଡ଼ିଥିଲା। ୧୫ ଡିସେମ୍ବରରେ ଏମ୍‌ଜିଏନ୍‌ଆର୍‌ଇଜିଏକୁ ବଦଳାଇ କେନ୍ଦ୍ର ସରକାର 'ଭିବି-ଜି ରାମ୍ ଜି' ବିଲ୍ ୨୦୨୫ ଆଣିବାକୁ ଯାଉଛନ୍ତି। ନୂଆ ବିଲ୍‌ର ପୂରା ନାମ ହେଉଛି 'ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ (ଗ୍ରାମୀଣ) ବିଲ୍-୨୦୨୫। ଏହି ବିଲ୍‌ରେ ଥିବା ବ୍ୟବସ୍ଥା ଅନୁଯାୟୀ ପୂର୍ବରୁ ଥିବା ୧୦୦ ଦିନର ଗ୍ୟାରେଣ୍ଟି ବଦଳରେ ମଜୁରିଆଙ୍କୁ ୧୨୫ ଦିନର କାମ ମିଳିବ। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରାଯାଇଆସୁଥିବା ସମ୍ପୂର୍ଣ୍ଣ ଅର୍ଥ ଏବେ ନୂଆ ବିଲ୍‌ରେ ରାଜ୍ୟ ଉପରେ ବୋଝ ପଡ଼ିବ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ 'ଭିବି-ଜି ରାମ୍ ଜି'ରେ ଉତ୍ତରପୂର୍ବାଞ୍ଚଳ, ହିମାଳୟ ସନ୍ନିବେଷ୍ଟିତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଯଥା ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଜମ୍ମୁ ଓ କଶ୍ମୀର ପାଇଁ କେନ୍ଦ୍ର-ରାଜ୍ୟ ଅନୁପାତ ୯୦:୧୦ ରଖାଯାଇଛି। ଅନ୍ୟ ରାଜ୍ୟ କ୍ଷେତ୍ରରେ ଲୋକଙ୍କୁ ଦିଆଯିବାକୁ ଥିବା ସମ୍ପୂର୍ଣ୍ଣ ମଜୁରିର ୬୦ ପ୍ରତିଶତ କେନ୍ଦ୍ର ଦେବାକୁ ଥିବା ବେଳେ ରାଜ୍ୟଗୁଡ଼ିକୁ ୪୦ ପ୍ରତିଶତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ।

'ଭିବି-ଜି ରାମ୍ ଜି' ବିଲ୍ ଯେତେବେଳେ ଆଇନରେ ପରିଣତ ହେବ ସେତେବେଳେ ସେଥିରେ ଥିବା ବ୍ୟବସ୍ଥା ବିଷୟରେ ଅଧିକ ଜାଣିହେବ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଜାଗାରେ 'ରାମ୍ ଜି' ଭଳି ନାମକରଣର ଯଥାର୍ଥତା କ'ଣ ହୋଇପାରେ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହାର ନିର୍ଦ୍ଦିଷ୍ଟ ଉତ୍ତର ନ ମିଳିଲେ ମଧ୍ୟ ସରକାର ଗ୍ରାମୀଣ ଭାରତର ଲୋକଙ୍କ ସାମାଜିକ ସୁରକ୍ଷା ପରିସର ବଢ଼ାଇବାରେ ଏହା ସହାୟକ ହେବ ବୋଲି କହିପାରନ୍ତି। ଏହି ସନ୍ଧିକ୍ଷଣରେ ଅନେକଙ୍କ ମନରେ ଚିନ୍ତା ଜନ୍ମୁଛି ଯେ, ଯଦି ମହାତ୍ମା ଗାନ୍ଧୀଙ୍କ ନାମ ବଦଳାଯାଇ ରାମ ଜି କରାଯାଉଛି, କାଲି ହୁଏତ ଅନ୍ୟ ସରକାର ଆସିଲେ ଅଲଗା ନାମ କରିଦେଇପାରନ୍ତି। ଥରେ ପୁରୁଣା ଯୋଜନାର ନାମ ବଦଳିଲେ ତାହା ଏକ ଦୃଷ୍ଟାନ୍ତ ସୃଷ୍ଟି କରିଥାଏ ଏବଂ ପରବର୍ତ୍ତୀ ସମୟରେ ଏହି 'ଜି ରାମ ଜି' ବଦଳାଇବାକୁ ଅନ୍ୟମାନେ ମଧ୍ୟ ତତ୍ପର ହୋଇପାରନ୍ତି। ପୁରୁଣା ପରିବର୍ତ୍ତେ ନୂଆ ଯୋଜନା କରି ଏଭଳି ନାମ ଦେଇଥିଲେ ସମ୍ଭବତଃ ଭବିଷ୍ୟତରେ କାହାରି ପାଇଁ ଏହା ଆଖିଦୃଶିଆ ହୋଇ ନ ଥାଆନ୍ତା। ନାମ ପରିବର୍ତ୍ତନ ସଡକ ଦେଶର ବିଭିନ୍ନ ରାଜ୍ୟ, ନଗର ଓ ସହର ଆଦି କ୍ଷେତ୍ରରେ ପୂର୍ବରୁ ଢେର ଦେଖାଯାଇ ଆସିଛି। ତେଣୁ ଏଭଳି ସ୍ଥଳେ ଆମେ ଓଡ଼ିଶାବାସୀ ଖୁସି ହୋଇଥାଆନ୍ତୁ 'ରାମ' ପରିବର୍ତ୍ତେ 'ଜଗନ୍ନାଥ' ହୋଇଥାଆନ୍ତା। ଉତ୍ତର ଭାରତର ରାମ-ଆଲ୍ଲା ବିବାଦଠାରୁ ଜଗନ୍ନାଥ ଅଧିକ ଧର୍ମନିରପେକ୍ଷ ହେବେ। ଏମିତି ଦେଖିଲେ ୨୦୨୪ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ କେନ୍ଦ୍ର ସରକାରଙ୍କୁ ସ୍ଥିର ରଖିବାରେ ଓଡ଼ିଶାରୁ ଯାଇଥିବା ୨୦ ଏମ୍‌ପିଙ୍କ ଯୋଗଦାନ ଗୁରୁତ୍ୱ ବହନ କରିଥିଲା। ସେତେବେଳେ ଭାଜପାକୁ ଓଡ଼ିଶାରୁ ବିପୁଳ ସମର୍ଥନ ମିଳିବା ପରେ ନୂଆଦିଲ୍ଲୀ ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ଥର 'ଜୟ ଜଗନ୍ନାଥ' ଉଚ୍ଚାରଣ କରିଥିଲେ। ସେହି ଦୃଷ୍ଟିରୁ ଦେଖିଲେ ଜଗନ୍ନାଥଙ୍କ ନାମ ମଧ୍ୟ ସର୍ବମତେ ଗ୍ରହଣୀୟ ହୋଇଥାଆନ୍ତା।

ଆଜି ବିଶ୍ୱର ବୃହତ୍ ଦେଶକୁ ଦେଖିଲେ ବିଭିନ୍ନ କ୍ଷେତ୍ରରେ ପ୍ରଯୁକ୍ତି, ଗବେଷଣା ଓ ଅଭିନବତ୍ୱକୁ ଗୁରୁତ୍ୱ ଦିଆଯାଇ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ଦିଗରେ ସେମାନେ ଧାବମାନ। ହେଲେ ଏଠାରେ ବାସ୍ତବ କାର୍ଯ୍ୟ ଅପେକ୍ଷା ସୁନ୍ଦର ଶବ୍ଦ ବ୍ୟବହାର କରାଯାଇ ସମସ୍ତଙ୍କୁ ସଙ୍ଖୁଳିବାର ପ୍ରଚେଷ୍ଟା ଏବଂ ଅଦ୍ଭୁତ ନାମକରଣରେ ସରକାର ମଜ୍ଜିଯାଇଥିବା ଭଳି ମନେ ହେଉଛି। ରଙ୍ଗ କିମ୍ବା ନାମ ବଦଳାଇବାକୁ ସମାଲୋଚନା କରାଯାଆନ୍ତା ନାହିଁ ଯଦି ତାହା ଦ୍ୱାରା ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ହୁଅନ୍ତା।

# ସରକାର ଚାହୁଁଛନ୍ତି



ଅକ୍ଷୟ କୁମାର ମିଶ୍ର

ଲୋକଙ୍କର ଉପକାରରେ ଆସୁ ବା ନ ଆସୁ ରାଜ୍ୟର ଲାଭ ହେଉ ବା କ୍ଷତି, ବ୍ୟବସ୍ଥାରେ କିଛି ପରିବର୍ତ୍ତନ ହେଉ ବା ନ ହେଉ ସରକାର ଚାହୁଁଛନ୍ତି ମାନେ ହେବ। ଏହାଦ୍ୱାରା ଭବିଷ୍ୟତ ପିଢ଼ି କେତେ ଉପକୃତ ହେବେ ସେ ସମ୍ପର୍କରେ ବିଚାରବିମର୍ଶ ହେଉ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ ସବୁ କ୍ଷେତ୍ରରେ ସମାନ କଥା। ତଳ ସ୍ତରରେ ଥିବା ଲୋକଙ୍କର ମତାମତ ନିଆଯାଉ ନାହିଁ। ବିଶେଷଜ୍ଞ, ବୁଦ୍ଧିଜୀବୀଙ୍କ ଉପଦେଶ ଗ୍ରହଣ କରାଯାଉ ନାହିଁ। ଗଣସଂଗଠନ କିମ୍ବା ବିରୋଧୀ ଦଳଙ୍କ ଅଭିଯୋଗକୁ ଶୁଣାଯାଉନାହିଁ। ଯିଏ ଯେତେବେଳେ ସରକାରରେ ରହିଲେ ସେ ତାଙ୍କ ଦୃଷ୍ଟିଭଙ୍ଗୀକୁ ଜନସାଧାରଣଙ୍କ ଉପରେ ଲଦିଦେଲେ। ଫଳରେ ସାମଗ୍ରିକ ବିକାଶ ହେଉନାହିଁ। ବିଫଳତାକୁ ଲକ୍ଷ୍ୟକରି ବାରମ୍ବାର ମତ, ମାର୍ଗ, ନୀତି ବଦଳୁଛି। ଏହାର କୁପ୍ରଭାବ ସବୁଠାରୁ ଶିକ୍ଷା ବିଭାଗ ଉପରେ ପଡ଼ିଛି। ନିକଟ ଅତୀତରେ ଏବଂ ବର୍ତ୍ତମାନ କେମିତି ଘଡ଼ିକେ ଘୋଡ଼ା ଛୁଟୁଛି ସେ ସମ୍ପର୍କରେ ସମ୍ୟକ ଆଲୋଚନା କରିବା।

୨୦୦୯ ମସିହାରେ ଶିକ୍ଷା ଅଧିକାର ଆଇନ ଲୋକସଭାରେ ଗୃହୀତ ହେଲା। ୮୬ ତମ ସମ୍ବିଧାନ ସଂଶୋଧନ ଜରିଆରେ ଏହା ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର ବୋଲି ୨୧ଏରେ ଲିପିବଦ୍ଧ ହେଲା। ନିର୍ଦ୍ଦେଶିତ ହେଲା - ଏଣିକି ୬ ରୁ ୧୪ ବର୍ଷର ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଶିକ୍ଷା ଦେବାର ଦାୟିତ୍ୱ ଦେଶର ଅର୍ଥାତ୍ ସରକାରଙ୍କର। ସେଥିରେ ଛାତ୍ର ଓ ଶିକ୍ଷକର ଅନୁପାତ ସ୍ଥିର ହେଲା। ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ହେଲା, କୌଣସି ପରିସ୍ଥିତିରେ ପିଲାଙ୍କୁ ଶ୍ରେଣୀ ପଦୋନ୍ନତିରୁ ରୋକାଯାଇପାରିବ ନାହିଁ ବୋଲି ନିୟମ ହେଲା। ନିୟମିତ ଓ ନିରନ୍ତର ମୂଲ୍ୟାୟନ ବ୍ୟବସ୍ଥା ଲାଗୁହେଲା। ଏହି ଆଇନକୁ ୨୦୧୦ରେ ଆମ ରାଜ୍ୟରେ କାର୍ଯ୍ୟକାରୀ କରାଗଲା।

ଆଇନ ସିନା କାର୍ଯ୍ୟକାରୀ ହେଲା କିନ୍ତୁ ସରକାର ନିଜର ଉତ୍ତରଦାୟିତ୍ୱ ପାଳନ କଲେନାହିଁ। ଅବଶ୍ୟ ପିଲାମାନେ କେମିତି ବିଦ୍ୟାଳୟକୁ ଆସିବେ ସେଥିପାଇଁ ମଧ୍ୟାହ୍ନଭୋଜନ, ମାଗଣା ପୁସ୍ତକ, ପୋଷାକ, ବ୍ୟାଗ୍, ଜୋତା ଦେବାର ବ୍ୟବସ୍ଥା ହେଲା। କିନ୍ତୁ ଯେତିକି ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦେବା କଥା ତାହା କଲେ ନାହିଁ। ଫଳରେ ପାଠପଢ଼ା କେମିତି ଚାଲିଛି କେହି ଦେଖିବାକୁ ନାହାନ୍ତି। ପୁସ୍ତକ ଯୋଗାଇବା ଦାୟିତ୍ୱ ସରକାର ନେଲେ କିନ୍ତୁ ପିଲାଙ୍କ ନିକଟରେ ପୁସ୍ତକ ପହଞ୍ଚିଲା ବେଳକୁ ଅଧା ବରଷ ଅତିକ୍ରମ କରିଯାଏ। ପୁଣି ସବୁ ପୁସ୍ତକ ମିଳେ ନାହିଁ। ଏଣେ ନିୟମ ଅଛି କେହି ପିଲା ଫେଲ୍ ହେବେ ନାହିଁ। ଯଦି କେହି ଶିକ୍ଷକ ସାହସ କରି ଉପର ଅଫିସରଙ୍କୁ ପଚାରିଲେ, ''ସାର୍, ମୁଁ କରିବି କ'ଣ ? ମଧ୍ୟାହ୍ନଭୋଜନ କଥା ବୁଝିବି କେତେବେଳେ, ଗଦାଏ ଖାତା କାମ କରିବି କେତେବେଳେ, ପିଲାଙ୍କୁ ପଢ଼ାଇବି କେତେବେଳେ ଆଉ ନିୟମିତ ଓ



ନିରନ୍ତର ପରୀକ୍ଷଣକରି ପିଲାଙ୍କୁ ମୂଲ୍ୟାୟନ କରିବି କେତେବେଳେ ?'' ଉତ୍ତର ଆସିଲା, 'ସରକାର ଚାହୁଁଛନ୍ତି'। ନବମ ଶ୍ରେଣୀ ପର୍ଯ୍ୟନ୍ତ କେହି ଛାତ୍ରୀ କିମ୍ବା ଛାତ୍ର ଫେଲ୍ ହେବେ ନାହିଁ କି ଅଧାରୁ ପାଠପଢ଼ା ଛାଡ଼ିବେ ନାହିଁ। ଯାହା କରୁଛ କର। ଏହାପରେ ଯାହା ହେବାକଥା ତାହା ହିଁ ହେଲା। ବିଦ୍ୟାଳୟ ନ ଆସିଲେ ବି କାଗଜପତ୍ରରେ ପିଲାମାନଙ୍କର ନାମ ରହିଲା। ଅକ୍ଷର ଚିହ୍ନିପାରୁ ବା ନ ପାରୁ, ମିଶାଣ, ଫେଡ଼ାଣ, ଗୁଣନ, ହରଣ ଜାଣିଥାଉ ବା ନ ଥାଉ, ଓଡ଼ିଆ ଲେଖିପାରୁ ବା ନ ପାରୁ, ଇଂରାଜୀ ପଢ଼ିପାରୁ ବା ନ ପାରୁ ପ୍ରଥମରୁ ଦଶମ ଯାଏଁ କେଉଁଠି ପ୍ରତିବନ୍ଧକ ନାହିଁ। ଏହା ଦେଖି ବହୁ ଅଭିଭାବକ ତାଙ୍କ ପିଲାଙ୍କ ଭବିଷ୍ୟତ କଥା ଚିନ୍ତାକରି ଘରୋଇ ବିଦ୍ୟାଳୟକୁ ନେଇଯିବାକୁ ଉଚିତ ମଣିଲେ। ଫଳରେ କ୍ରମଶଃ ସରକାରୀ ବିଦ୍ୟାଳୟରେ ପିଲା ସଂଖ୍ୟା କମିବାକୁ ଲାଗିଲା। ସରକାର ଚାହିଁଲେ ଯେଉଁଠି ପିଲା ସଂଖ୍ୟା କମ୍ ସେହି ବିଦ୍ୟାଳୟକୁ ନିକଟବର୍ତ୍ତୀ ବିଦ୍ୟାଳୟ ସହ ମିଶାଇ ଦେବେ କିମ୍ବା ବନ୍ଦ କରିଦେବେ। ୨୦୨୨ରେ ତତ୍କାଳୀନ ସରକାର ରାଜ୍ୟରେ ୭୪୭୮ଟି ବିଦ୍ୟାଳୟକୁ ବନ୍ଦ କରିଦେବା ପାଇଁ ଚାହିଁଥିଲେ। କିନ୍ତୁ ଜାଣିବାକୁ ଚାହିଁଲେ ନାହିଁ, ଏହି ସବୁ ବିଦ୍ୟାଳୟର ପିଲା ସଂଖ୍ୟା କମିଲା କାହିଁକି ? ବନ୍ଦ କରିଦେଲେ ସେ ଅଞ୍ଚଳର ପିଲାମାନେ ପଢ଼ିବେ କେଉଁଠି ? ସରକାରଙ୍କ ଇଚ୍ଛାର ଲଗାମ ଶିକ୍ଷା ଅଧିକାର ଆଇନକୁ ଲଗାମ ଦେଇଦେଲା।

ସରକାର ବଦଳିଲା। ନୂତନ ସରକାର କହିଲେ, ବିଦ୍ୟାଳୟ ବନ୍ଦ ହେବ ନାହିଁ। ସେଠାକାର ଲୋକମାନେ ଖୁସି ହେଲେ। କିନ୍ତୁ ଏବେ ପୁଣି ଶୁଣିବାକୁ ମିଳିଲାଣି ସରକାର ଚାହୁଁଛନ୍ତି ୨୦ ରୁ କମ୍ ପିଲା ସଂଖ୍ୟା ଥିବା ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବେ। ଏମାନଙ୍କ ସଂଖ୍ୟା ୫୬୩୦। ପୁଣି ପଶ୍ଚିମ ଓଡ଼ିଶାରେ ବନ୍ଦ ହେବ ୧୮୫୬ଟି ବିଦ୍ୟାଳୟ, ପାହାଡ଼ ପର୍ବତ ଘେରା ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୩୯୭। ଦୁର୍ଭାଗ୍ୟଜନକ ବିଷୟ ତତ୍କାଳୀନ ସରକାର ତର୍ଜମା କରି ନ ଥିଲେ, ବର୍ତ୍ତମାନର ସରକାର ମଧ୍ୟ ପିଲା ସଂଖ୍ୟା ହ୍ରାସ ହେବାର କାରଣ ଖୋଜିଲେ ନାହିଁ।

ପିଲାଙ୍କ ପାସ୍ ଫେଲ୍‌କୁ ନେଇ ପ୍ରଚାର ହେଲା ସରକାର ଚାହୁଁଛନ୍ତି ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ। ୫ମ ଓ ୮ମ ଶ୍ରେଣୀରେ ପିଲାଙ୍କୁ ବୋର୍ଡ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଯିଏ ଏଥିରେ ପାସ୍ କରିବ ସେ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବ, ନ ହେଲେ ସେହି ଶ୍ରେଣୀରେ ପଢ଼ିବାକୁ ହେବ। ଏହା ଶୁଣି ଶିକ୍ଷାବିତ୍‌ଙ୍କ ମତ ହେଲା, ଶିକ୍ଷା ଅଧିକାର ଆଇନର ଏହା ପରିପନ୍ଥୀ। ମାନବାଧିକାର କର୍ମୀମାନେ କହିଲେଣି, ଅଧାରୁ ପାଠପଢ଼ା ଛାଡ଼ିବେ ଏହି ଧରଣର ପିଲାମାନେ। ପୁଣି ସରକାର ଚାହିଁଲେଣି ପରୀକ୍ଷାରେ ଯିଏ ଅକୃତକାର୍ଯ୍ୟ ହେବ ତା' ପାଇଁ ଏକ ସପ୍ଲିମେଣ୍ଟାରି ପରୀକ୍ଷାର ବ୍ୟବସ୍ଥା ରହିବ। ଏହି ପରୀକ୍ଷା ଦେବା ପରେ ସେ ଉତ୍ତୀର୍ଣ୍ଣ ହେବ। ଏଭଳି ପରୀକ୍ଷା ନିରୀକ୍ଷା ଶିକ୍ଷାର ଗୁଣାତ୍ମକ ମାନ ବଢ଼ାଇବ ନା ଯଥା ପୂର୍ବଂ ତଥା ପରମ୍ ସ୍ଥିତିରେ ଆମେ ରହିବା ତାହା ଭବିଷ୍ୟତରେ ଜଣାପଡ଼ିବ।

ସରକାର ବଦଳିବା କ୍ଷଣି ଶିକ୍ଷାନୁଷ୍ଠାନର ରୂପ ଢାଞ୍ଚା ବଦଳି ଯାଉଛି। ଶିକ୍ଷାର ବିକାଶ ନାମରେ କିଏ ନନ୍‌ଫରମାଲ ବିଦ୍ୟାଳୟ ଖୋଲିବାର ନିଷ୍ପତ୍ତି ନେଲେ ତ କିଏ ନବୋଦୟ ବିଦ୍ୟାଳୟ। କିଏ ପ୍ରତି ବ୍ଲକ୍‌ରେ ଗୋଟିଏ ଆଦର୍ଶ ବିଦ୍ୟାଳୟ ପୁଣି କିଏ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଖୋଲି ଗୁଣାତ୍ମକ ଶିକ୍ଷା ପ୍ରଦାନର ପରିକଳ୍ପନା କଲେଣି। କିଏ କହିଲେ ୧୦ + ୨ + ୩ ଢାଞ୍ଚାରେ ବିଦ୍ୟାଳୟ ଗଢ଼ି ଉଠିବା ଆବଶ୍ୟକ। କିଏ ଚାହିଁଲେଣି ନା ଏମିତି ନୁହେଁ ବରଂ ୫ + ୩ + ୩ + ୪ ଢାଞ୍ଚାରେ ବିଦ୍ୟାଳୟ ହେଲେ ଶିକ୍ଷା ଆଗକୁ ବଢ଼ିବ। କିଏ ଚାହିଁଲେ ୬ ବର୍ଷ ହେବା ପରେ ଶିଶୁ ବିଦ୍ୟାଳୟ ଆସୁ, ଆଉ କାହାର ଇଚ୍ଛା ୩ ବର୍ଷ ଠାରୁ ଶିଶୁର ବିଦ୍ୟାରମ୍ଭ ହେବା ଜରୁରୀ। କିନ୍ତୁ ଚିନ୍ତାର ବିଷୟ ହେଉଛି କୌଣସି ପୂର୍ବ ପ୍ରସ୍ତୁତି ବିନା ହଠାତ୍ ଏଭଳି ନିଷ୍ପତ୍ତି ନେବା ରାତାରାତି ରୋମ ନଗରୀ ଗଢ଼ିବାକୁ ଇଚ୍ଛା ପ୍ରକଟ କରିବା ଭଳି। ଏଇ ଯେମିତି ୩ ବର୍ଷର ଶିଶୁଟିଏ ବିଦ୍ୟାଳୟକୁ ଆସିଲେ ତା'ର ଯତ୍ନ ନେବ କିଏ, ସେ କ'ଣ ପଢ଼ିବ, ତାକୁ କିଏ ପଢ଼ାଇବ ଏ ସବୁର ବ୍ୟବସ୍ଥା ନ କରି ଚଳିତ ବର୍ଷ ଆମ ରାଜ୍ୟରେ ୪୫ ହଜାର ଶିଶୁବାଟିକା ଖୋଲାଯାଇଛି। ଅସ୍ୱାସ୍ଥ୍ୟକର ପରିବେଶ, ଅସୁରକ୍ଷିତ ଅବସ୍ଥା ତଥା ଚରମ ଅବହେଳାରେ ଅତିବାହିତ ଶୈଶବ କେତେ ବାଟ ଯାଇପାରିବ ?

ବେଳେ ବେଳେ ଶୁଣାଯାଏ ସରକାର କୁଆଡ଼େ ଚାହୁଁଛନ୍ତି ବୋର୍ଡ ପରୀକ୍ଷାରେ କେତେ ଶତକଡ଼ା ପରୀକ୍ଷା ଫଳ ହେବ। ଅବଶ୍ୟ ବିଗତ ୪/୫ ବର୍ଷର ବୋର୍ଡ ପରୀକ୍ଷା ଫଳକୁ ଅନୁଧ୍ୟାନକଲେ ଅଭିଯୋଗଟିକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରାଯାଇପାରିବ ନାହିଁ। ଗୋଟିଏ ପଟେ କୁହାଯାଉଛି ପିଲାଙ୍କର ବୌଦ୍ଧିକ ବିକାଶ ଅତ୍ୟନ୍ତ ନିମ୍ନମାନର ଅନ୍ୟ ପଟେ ବୋର୍ଡ ପରୀକ୍ଷାର ଫଳ ଶତ ପ୍ରତିଶତର ନିକଟତର। ଏମିତି କେମିତି ହେବ ? ଏ ପ୍ରକାର ଅସଂଗତିର ପରିସମାପ୍ତି କେବେ ? ପରୀକ୍ଷାଫଳ କଥା ହେଉ, ପାଠ୍ୟ ଖସଡ଼ା କଥା ହେଉ, ବିଦ୍ୟାଳୟ ଖୋଲିବା ଏବଂ ବନ୍ଦହେବା କଥା ହେଉ, ଶିକ୍ଷକ ନିଯୁକ୍ତି କଥା ହେଉ ସବୁକଥା ଯଦି ସରକାରଙ୍କ ଚାହିଁବା ନ ଚାହିଁବା ଉପରେ ନିର୍ଭରକରିବ ତେବେ ବ୍ୟବସ୍ଥାଟି ଏକ ନିର୍ଦ୍ଦିଷ୍ଟ ମତର ଅନୁଗାମୀ ହେବ।

**ସଭାପତି, ଓଷ୍ଟା**
**ମୋ: ୯୯୩୮୭୬୩୨୩୭**

# ଦୁର୍ଘଟଣାର କାରଣ ପଥ ସମ୍ମୋହନ



ଜଗନ୍ନାଥ ବେହେରା

ବର୍ତ୍ତମାନ ସହଜ ଗମନାଗମନ ବ୍ୟବସ୍ଥା ପାଇଁ ମଣିଷ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ନିମନ୍ତେ ସମୟ କମ୍ ହୋଇଯାଇଛି। ବିଶ୍ୱର ଗୋଟିଏ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ଥିବା ଦୂରତା ଦିନକୁ ଦିନ କମିଯାଉଛି। ବର୍ଷ ବର୍ଷର ପାଦଚଲା ରାସ୍ତା ବର୍ତ୍ତମାନ କିଛି ଘଣ୍ଟାର ରାସ୍ତାକୁ ବଦଳି ଯାଇଛି। ଯେତେ ଦୂର ହେଉନା କାହିଁକି ସକାଳୁ ଯାଇ ସନ୍ଧ୍ୟାରେ ଘରକୁ ଫେରିବା ପରେ ବି ବେଳ ବଳକା ହେଉଛି। ଏପରି ସୁବ୍ୟବସ୍ଥା ଏବଂ ସୁରକ୍ଷା, ସରଳ ହେବା ପଛରେ ଯାନବାହନ ସହିତ ଡ୍ରାଇଭରଙ୍କ ହାତ ଯଥେଷ୍ଟ ଅଧିକ ରହିଛି। ଅର୍ଥନୀତି କ୍ଷେତ୍ରରେ ଡ୍ରାଇଭରଙ୍କ ଭୂମିକା ପରୋକ୍ଷ ଏବଂ ପ୍ରତ୍ୟକ୍ଷରେ ଅନେକାଂଶରେ ନିର୍ଭର କରୁଛି। ଏହା ଭାରତୀୟ ଅର୍ଥ ଶାସ୍ତ୍ରବିତ୍‌ମାନେ ମାନିବାକୁ ବାଧ୍ୟ।

ଛୋଟ ଛୋଟ କାମଠାରୁ ଆରମ୍ଭ କରି ବଡ଼ ବଡ଼ କାମ ସବୁ ଡ୍ରାଇଭରଙ୍କ ହାତରେ କରାଯାଉଛି। ବସ୍ ହେଉ କି ଟ୍ରେନ୍, ଜଣେ ଡ୍ରାଇଭର ହାତରେ ଦେଇ ଆମେ ନିର୍ଭୟରେ ଘୁଙ୍ଗୁଡ଼ି ମାରି ଶୋଇ ଯାଉ। ସଡ଼କ ହେଉ ବା ଜଳ ପରିବହନ କ୍ଷେତ୍ରରେ ରାତି ରାତି ଡ୍ରାଇଭରଙ୍କୁ ଅନିଦ୍ରା ହେବାକୁ ପଡ଼େ। ଅନେକ ମାସ ଧରି ସେମାନେ ଘରଠୁ ଦୂରରେ ରହନ୍ତି। ହେଲେ ଦୁର୍ଘଟଣା ଘଟିଲେ ଆମେ ଡ୍ରାଇଭରମାନଙ୍କୁ ନିନ୍ଦା କରୁ ଏବଂ ଦରକାର ପଡ଼ିଲେ ମାରଧର କରିଥାଉ। ବାସ୍ତବରେ ଡ୍ରାଇଭରଙ୍କ ନିକଟରେ ଥିବା ମାନବିକତା ଆମ ପାଖରେ ନ ଥାଏ। ରାସ୍ତାରେ ଏଣ୍ଡୁଅଟିଏ ବା ସାପ ଟିଏ ଅତିକ୍ରମ କରୁଥିଲେ ମଧ୍ୟ ଜଣେ ଡ୍ରାଇଭର ଗାଡ଼ିର ବ୍ରେକ୍ ମାରିଥାଏ। ମଣିଷ ଛାଡ଼, କୁକୁର ବିଲେଇକୁ ମଧ୍ୟ ଗାଡ଼ି ମୁହଁରୁ ବଞ୍ଚାଇବା ପାଇଁ ଚେଷ୍ଟା କରନ୍ତି। ବିଶେଷ କରି ରାତ୍ରିକାଳରେ ରାସ୍ତାରେ ଯିବା ଆସିବା କରୁଥିବା ବନ୍ୟଜନ୍ତୁକୁ ଡ୍ରାଇଭରମାନେ ବଞ୍ଚାଇବାକୁ ଆପ୍ରାଣ ଚେଷ୍ଟା କରନ୍ତି। ଦୁର୍ଭାଗ୍ୟର କଥା ଡ୍ରାଇଭରଙ୍କ ଅଜାଣତରେ ବେଳେ ବେଳେ କିଛି ଅଘଟଣ ଘଟିଯାଏ। କିଛି ନ ବୁଝି ବିଚାରି ଆମେ ଡ୍ରାଇଭର କହି ମାଡ଼ ମାରି ଥାଉ।

ବିଗତ ଚାରି ପାଞ୍ଚ ବର୍ଷକୁ ଲକ୍ଷ୍ୟକଲେ ଭାରତରେ ରାସ୍ତା ଦୁର୍ଘଟଣା ଅତ୍ୟଧିକ ବଢ଼ିଛି। ସରକାରଙ୍କ ତଥ୍ୟ ଅନୁଯାୟୀ ଏହା ଯୋଗୁ ଭାରତରେ ଏବାର୍ଷିକ ହାରାହାରି ୧,୬୮,୪୯୧ ଲୋକଙ୍କ ଜୀବନ ହାନି ହେଉଛି। ଏତେ ଜୀବନ ଯିବା ପଛରେ କେବଳ ନିଶାସକ୍ତ ଡ୍ରାଇଭର ନୁହନ୍ତି ବରଂ ଅନେକ କାରଣ ରହିଛି। ଗାଡ଼ି ଦୁର୍ଘଟଣାକୁ ବିଶ୍ଳେଷଣ କଲେ ଜଣା ପଡେ ଯେ ଗାଡ଼ିର ଦ୍ରୁତଗତି ପାଇଁ ଜୀବନ ଯାଇଛି। ସେହିପରି ରଙ୍ଗ୍ ସାଇଡ ବା



ଭୁଲ୍ ପଥରେ ଯିବା କିମ୍ବା ଗୋଟିଏ ଗାଡ଼ି ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା କାରଣରୁ ଦୁର୍ଘଟଣା ଘଟି ଲୋକଙ୍କ ମୃତ୍ୟୁ ଘଟୁଛି। ବର୍ତ୍ତମାନ ଭୟଙ୍କର ରାସ୍ତା ଦୁର୍ଘଟଣାର କାରଣ ହୋଇଯାଇଛି ମୋବାଇଲ। ଅନେକ ଲୋକ ସରକାରଙ୍କ ବାରମ୍ବାର ଅନୁରୋଧ ଏବଂ ସଚେତନ ବାର୍ତ୍ତା ପରେ ମଧ୍ୟ ଗାଡ଼ି ଚାଳନା କରୁଥିବା ବେଳେ ମୋବାଇଲ ବ୍ୟବହାର କରୁଛନ୍ତି। ପ୍ରତି ବର୍ଷ ସଡ଼କ ସୁରକ୍ଷା ସପ୍ତାହରେ ପଥ ପ୍ରାନ୍ତ ନାଟକ ସହ ବିଭିନ୍ନ ସହରରେ ବଡ଼ ବଡ଼ ରାଲି ବାହାର କରି ସଚେତନ ବାର୍ତ୍ତା ଦିଆଯାଉଛି। ମୋଟର ସାଇକେଲବାଲାଙ୍କୁ ହେଲମେଟ୍ ପିନ୍ଧିବାକୁ କୁହାଯାଇଛି। ଡ୍ରାଇଭରଙ୍କୁ ସିଟ୍ ବେଲ୍ଟ ପିନ୍ଧିବାକୁ ଅନୁରୋଧ କରାଯାଉଛି। ଦ୍ରୁତ ଗତି ରୋଧ ପାଇଁ ରୋଡ୍ ଦୁଇ ପାଖରେ ହୋର୍ଡିଂ ଲଗାଯାଇଛି। ହେଲେ ବେପରୁଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣା ଘଟୁଛି। ବେଳେ ବେଳେ ନିଶାସକ୍ତ ଡ୍ରାଇଭରଙ୍କୁ ରାସ୍ତାର ନିୟମ ମାନି ନ ଚାଲିଲେ ଜରିମାନା ଦେବାକୁ ପଡୁଛି।

ଭିଏଟନାମ ପରି ଦେଶରେ ୩୦% ଲୋକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ମୁଖରେ ପଡୁଥିବା ବେଳେ ଭାରତରେ ଏହା ୧୫.୬% । ବାଂଲାଦେଶରେ ଏହା ୧୬% ଏବଂ ପାକିସ୍ତାନରେ ୧୩% ରହିଛି। ଆଶ୍ଚର୍ଯ୍ୟର କଥା ବ୍ରାଜିଲରେ ଏହାର ସ୍ଥିତି ୧୬% ଏବଂ ଚାଇନାରେ ୧୭% ରହିଛି। ଦୁର୍ଘଟଣାରେ ଧନଜୀବନ କ୍ଷତି ସହିବାକୁ ପଡ଼େ। ବେଳେ ବେଳେ ଟ୍ରକ୍ ସହ ସବୁ ପାର୍ଶଲ ଜଳି ପୋଡି ପାଉଁଶ ହୋଇଯାଉଛି। ଟ୍ରେନ୍ ଦୁର୍ଘଟଣାରେ ଅନେକ ଜୀବଜନ୍ତୁଙ୍କ ଜୀବନ ଚାଲିଯାଉଛି। ସରୀସୃପ ଜାତୀୟ ପ୍ରାଣୀ ରାସ୍ତାଦୁର୍ଘଟଣା ଯୋଗୁ ଲୋପ ହେବାକୁ ବସିଲେଣି। ଏହି ସବୁ ହିସାବ କଲେ ଭାରତୀୟ ଅର୍ଥନୀତିକୁ ନିଶ୍ଚୟ ପ୍ରଭାବିତ କରୁଛି ବୋଲି ମନେହୁଏ।

ଯେ କୌଣସି ଦୁର୍ଘଟଣା କୌଣସି ଡ୍ରାଇଭର ଜାଣି ଜାଣି କରନ୍ତି ନାହିଁ କି କରିବାକୁ ଚାହାନ୍ତି ନାହିଁ। କିଛି ଅସାବଧାନତାରୁ ଦୁର୍ଘଟଣା ଘଟେ। ଯାହାକୁ ଆମେ 'ପଥ ସମ୍ମୋହନ' ବା ଇଂଲିଶରେ 'ରୋଡ୍ ହିପ୍ନୋସିସ୍' କହୁ। ଯେ କୌଣସି ବ୍ୟକ୍ତି ଆଖିରେ ଦେଖୁଥିଲେ ମଧ୍ୟ ମସ୍ତିଷ୍କ ଅବଚେତନକୁ ଚାଲିଯାଏ। ଆଖି ଠିକ୍ କାମ କରୁଥିବାର ଭାବୁଥିଲେ ମଧ୍ୟ ମସ୍ତିଷ୍କ ଶୋଇଯାଏ। କାରଣ ମଣିଷ ଆହାର, ନିଦ୍ରାକୁ କୌଣସି ମତେ ରକ୍ଷା କରିପାରିବ ନାହିଁ। ଏଭଳି ଅବସ୍ଥାରେ ଅନେକ ରୋଡ୍ ଦୁର୍ଘଟଣା ଘଟିଥାଏ। ଏହି ସମୟରେ ଡ୍ରାଇଭରମାନଙ୍କୁ ବାରମ୍ବାର ମୁହଁ ଧୋଇବା, ଚା ପିଇବା ପରି କାର୍ଯ୍ୟ କରିବାକୁ ପଡ଼ିବ। ଗାଡ଼ି ରଖି କିଛି ବାଟ ଚାଲିବାକୁ ପଡ଼ିବ ।

**ଗାୟତ୍ରୀ ନଗର, ନବରଙ୍ଗପୁର**
**ମୋ: ୯୪୩୭୭୮୫୧୫୮**

## ଏଇ ଭାରତରେ

ଜୈବିକ ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି ଝାଡ଼ଖଣ୍ଡର ବରକୁଲି ଗାଁର ମହିଳା ଜ୍ଞାନଲତା ହେମ୍ବ୍ରମ୍। ଏହି ଚାଷ କରି ସେ ୧୦ ଲକ୍ଷ ଟଙ୍କାର ବିଜ୍‌ନେସ୍ କରିପାରିଛନ୍ତି। ଜ୍ଞାନଲତା ୬ ଏକର ଜମିରେ ଟମାଟୋ, ବାଇଗଣ, ଲଙ୍କା, କୋବି, କ୍ୟାପ୍‌ସିକମ୍ ଆଦି ଚାଷ କରୁଛନ୍ତି। ୨୦୨୧ରେ ସେ ପ୍ରଫେଶନାଲ ଆସିଟେନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ ନାମକ ସଂସ୍ଥା ସହଯୋଗରେ ଜୈବିକ ଚାଷ ଆରମ୍ଭ କରିଥିଲେ ଏବଂ ଏବେ ନିଜ ଅଞ୍ଚଳରେ ଏହି ସଂସ୍ଥାର ଦାୟିତ୍ୱରେ ରହିବା ପରେ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୧୨୦୦ ମହିଳାଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିପାରିଛନ୍ତି। ଏହା ମାଧ୍ୟମରେ ମହିଳାମାନେ ଜିଆଖତ ପ୍ରସ୍ତୁତ କରି ଲାଭ ପାଉଛନ୍ତି। ପ୍ରଫେଶନାଲ ଆସିଟେନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ୍ ଦ୍ୱାରା ପରିଚାଳିତ ବାୟୋ ରିସୋର୍ସ ସେଣ୍ଟର(ବିଆର୍‌ସି) ମାଧ୍ୟମରେ ଜ୍ଞାନଲତା ୬୦,୦୦୦ ଟଙ୍କାର ବିଜ୍‌ନେସ କରିଥିବାବେଳେ ଏବେ ଏହା ୧୦ ଲକ୍ଷ ଟଙ୍କାରେ ପହଞ୍ଚିଗଲାଣି। ସେ ଚାଷୀଙ୍କୁ ଶସ୍ତାରେ ବିଭିନ୍ନ ପନିପରିବା ଚାରାଗଛ ଯୋଗାଇ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୬ ଡିସେମ୍ବର ୧୯୭୬

- ଆଇନ ଏବଂ କମ୍ପାନୀ ବ୍ୟପାର ମନ୍ତ୍ରଣାଳୟର ଜଏଣ୍ଟ ସେକ୍ରେଟାରୀ ଭି.ଭି. ଭାଦେ ବୈଦେଶିକ ବିନିମୟ ମୁଦ୍ରା ନିୟନ୍ତ୍ରଣ ଅପିଲ ବୋର୍ଡର ଚେୟାର୍‌ମ୍ୟାନ୍ ନିଯୁକ୍ତ।
- ଦେଶରୁ ମ୍ୟାଲେରିଆ ରୋଗର ନିରାକରଣ କାର୍ଯ୍ୟକୁ ଦ୍ରୁତ ଓ ଫଳପ୍ରସୁ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବୋର୍ଡ ଗଠନ କରିଛନ୍ତି।

## ଚିରନ୍ତନୀ

ଦୁନିଆ ଭିତରେ ଚାଲିଯିବି ଆଗପରି
ଉଦାସ ଗତିରେ ଏକାକୀ ପଥଟି ଧରି
ତୁମେ ହସିଦେଇ ପୋଛିଦେବ ପଛ କଥା
ନିମେଷ ସ୍ୱପନ ସମାନ ଗୋ ସୁନାଗୋରୀ !
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | 6 | 5 | | | |
| | | 2 | | | | 1 | 3 | |
| | | 1 | | | 8 | | | |
| | 4 | | 5 | | | 6 | | 7 |
| | 9 | | | | 6 | 4 | | |
| | | | | 7 | | | | |
| | | | | | | 5 | | |
| | | | | 9 | 2 | 3 | | |
| | 2 | 3 | | | | 7 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 8 | 3 | 4 | 6 | 2 | 7 | 1 |
| 4 | 2 | 7 | 5 | 9 | 1 | 8 | 6 | 3 |
| 3 | 1 | 6 | 2 | 8 | 7 | 9 | 4 | 5 |
| 6 | 7 | 2 | 4 | 1 | 5 | 3 | 8 | 9 |
| 1 | 8 | 9 | 6 | 2 | 3 | 4 | 5 | 7 |
| 5 | 3 | 4 | 8 | 7 | 9 | 6 | 1 | 2 |
| 7 | 4 | 5 | 9 | 6 | 2 | 1 | 3 | 8 |
| 2 | 6 | 3 | 1 | 5 | 8 | 7 | 9 | 4 |
| 8 | 9 | 1 | 7 | 3 | 4 | 5 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷିତ ବେକାରଙ୍କୁ ଭତ୍ତା ମିଳୁ

ମହାଶୟ,

ବର୍ତ୍ତମାନ ଓଡ଼ିଶା ବିଧାୟକମାନଙ୍କର ମାସିକ ଦରମା ଓ ବିଭିନ୍ନ ପ୍ରକାରର ଭତ୍ତା ମିଶି ୩ ଗୁଣ ଟଙ୍କା ହେଲା । ଥରେ ମାତ୍ର ବିଧାୟକ ହୋଇଥିବା ପୂର୍ବତନ ବିଧାୟକଙ୍କ ମାସିକ ପେନ୍‌ସନ ମଧ୍ୟ ବଢ଼ିଗଲା। ଏମାନେ ଏତେ ଟଙ୍କା ଭତ୍ତା ପାଇବେ କାହିଁକି ? ବର୍ତ୍ତମାନ ଏକାଧିକ ଥର ବିଧାୟକ ହୋଇଥିବା ବହୁ କୋଟି ଟଙ୍କାର ମାଲିକ ନେତାଙ୍କୁ ସର୍ବାଧିକ ମାସିକ ଭତ୍ତା ପ୍ରଦାନ କରାଯିବ। ଏଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବୈତନିକ ସେବା କରିବା କଥା ଉଲ୍ଲେଖଯୋଗ୍ୟ। ତତ୍କାଳୀନ ଇଂରେଜ ସରକାର ଏକଥା ଉପରେ ସହମତ ନ ହେବାରୁ ମଧୁସୂଦନ ଦାସ ବିହାର ବିଧାନସଭାରୁ ଇସ୍ତଫା ପ୍ରଦାନ କରିଥିଲେ। ଆଜିର କ୍ଷମତାପାଗଳ ନେତାଗଣ ଏପରି ଆଦର୍ଶକୁ ଗ୍ରହଣ ନ କରି ଦରିଦ୍ର ଓଡ଼ିଶାର ଲୋକଙ୍କ ଦୁଃଖର ବୋଝ ଉପରେ ନଳିତା ବିଡ଼ା ସଦୃଶ ଅତିରିକ୍ତ ଆର୍ଥିକ ବୋଝକୁ ଲଦି ଦେଉଛନ୍ତି। ଯଦି ସରକାର ଏକଥାକୁ ପାରିତ କଲେ, ତେବେ ରାଜ୍ୟର ଗରିବ ପରିବାରର ଉଚ୍ଚ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ମାସିକ ଅନ୍ତତଃ ୩୦ ହଜାର ଟଙ୍କାର ବେକାରି ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା କରନ୍ତୁ। ନଚେତ୍ ଏହା ତେଲିଆ ମୁଣ୍ଡରେ ଅଧିକ ତେଲ ଢାଳିବା ଉଦାହରଣ ହେବ। ଓଡ଼ିଶାର ୪ କୋଟି ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସ୍ୱାଧୀନତାର ଦୀର୍ଘ ୭୮ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ମୌଳିକ ଆବଶ୍ୟକତାରୁ ବଞ୍ଚିତ। ବର୍ତ୍ତମାନ ରାଜ୍ୟର ଋଣ ଭାର ପ୍ରାୟ ୧ ଲକ୍ଷ ୫୦ ହଜାର କୋଟି ଟଙ୍କା। ଋଣ କରାଯାଇ ରାଜ୍ୟର ବିକାଶ କରାଯାଉଥିବାବେଳେ ଆଇନ ପ୍ରଣୟନ କରୁଥିବା ଲୋକଙ୍କର ଏଭଳି ପଦକ୍ଷେପ ଗ୍ରହଣୀୟ ନୁହେଁ। ସୁତରାଂ, ଓଡ଼ିଶା ସରକାର ତୁରନ୍ତ ଏଭଳି ଦରମା ଓ ଭତ୍ତା ବୃଦ୍ଧି ଆଇନକୁ ପ୍ରତ୍ୟାହାର କରନ୍ତୁ ; ନଚେତ୍ ରାଜ୍ୟର ଅନେକ କୋଟି ଶିକ୍ଷିତ ବେକାର ମାସିକ ଭତ୍ତା ପାଇଁ ଆନ୍ଦୋଳନ କରିବେ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବାଇକ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

ଉଦଳା, ୧୫।୧୨ (ସନ୍ତୋଷ କୁମାର ବାଛିନୀ)

ଉଦଳା – ବାରିପଦା ରାସ୍ତାର ପାଟପୁର ଛକରେ ଉଦଳା ତହସିଲର ଡାଟା ଏଣ୍ଟ୍ରି ଅପରେଟର ମନୋଜ କୁମାର ଜେନା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବାଇକରେ ବସାଇ ସୋମବାର ସନ୍ଧ୍ୟାରେ ଉଦଳା ଅଭିମୁଖେ ଆସୁଥିଲେ। ହେଲେ ପାଟପୁର ଛକ ନିକଟରେ ଅଚାନକ ଭାରସାମ୍ୟ ହରାଇ ତାଙ୍କ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାହା ଫଳରେ ଉଭୟ ବାଇକରୁ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମନୋଜଙ୍କ ସହିତ ଥିବା ବ୍ୟକ୍ତିଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ତେବେ ଡାଟା ଏଣ୍ଟ୍ରି ଅପରେଟରଙ୍କ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ସ୍ଥାନାନ୍ତର କରାଯାଇଛି। ତେବେ ମୃତକ ଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ଖବର ପାଇ ଉଦଳା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୧୧୩ ଅଭିଯୋଗର ଶୁଣାଣି, ୭ ସମାଧାନ




ପାଲଲହଡ଼ା ଓ ବଇଣ୍ଡା ଠାରେ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ପାଲଲହଡ଼ା,୧୫।୧୨ (ଦିବ୍ୟଜ୍ୟୋତି ଦାଶ) /ବଇଣ୍ଡା (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ପାଲଲହଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ସମୁଦାୟ ୮୪ ଗୋଟି ଅଭିଯୋଗ ଶୁଣାଣି କରାଯାଇଥିଲା। ୭ଟି ଅଭିଯୋଗର ସମାଧାନ କରାଯାଇଥିଲା। ୨ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ, ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶିଙ୍କ ସମେତ ଜିଲା ଓ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ଜିଲାପାଳ ଉପକାରାଗାର ପରିଦର୍ଶନ କରିଥିଲେ। କାରାଗାରର ସୁରକ୍ଷା ବ୍ୟବସ୍ଥା, ଅନ୍ତେବାସୀଙ୍କ ମାନବୀୟ ସୁବିଧା ଓ ପରିମଳ ସମସ୍ୟା ବୁଝିବା ସହ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ହଣ୍ଡପା ଥାନା ଠେଲକନାଳୀ ପଞ୍ଚାୟତ ସଭାଗୃହ ପରିସରରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ୨୯ଟି ଅଭିଯୋଗର ଶୁଣାଣି କରିବା ସହ କିପରି ଏହି ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ହେବ ସେ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୋଭେନ ବେହେରା, ସରପଞ୍ଚ ଅମିତ କୁମାର ସାହୁ, ଏବିଇଓ ଲକ୍ଷ୍ମଣ ଦେହୁରୀ, ଯୋଗାଣ ବିଭାଗ କର୍ମଚାରୀ ସରୋଜ କୁମାର ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା।

## ଚକ୍ଷୁ ଚିକିତ୍ସା ଶିବିର

ବୈଶିଙ୍ଗା,୧୫।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁରସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ପରିସରରେ ରବିବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୫ଜଣ ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ୧୫ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ଏଥିସହ ୧୦୦ଜଣ ଗରିବ, ନିରାଶ୍ରୟ ଲୋକଙ୍କୁ ପରେଶ ଦଳେଇ, ଦେବବ୍ରତ ରଥ ଏବଂ ବେତନଟୀର ବିଶିଷ୍ଟ ବ୍ୟବସାୟୀ ଯୋଗେଶ୍ୱର ମିଶ୍ରଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା ବରିଷ୍ଠ ନାଗରିକମାନଙ୍କୁ ଅନ୍ନଦାନ କରାଯିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. କିଶୋର ଚନ୍ଦ୍ର ମହାପାତ୍ର ଏବଂ ସର୍ବେଶ୍ୱର ଜେନାଙ୍କ ସହ ଯୋଗ ସାଧନା କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶୀତବସ୍ତ୍ର, ଲୁଗା ବଣ୍ଟନ



ଫାଉଣ୍ଡେଶନ ପକ୍ଷରୁ ଶୀତବସ୍ତ୍ର ଓ ଲୁଗା ପ୍ରଦାନ କରାଯାଉଛି।

ଛେଣ୍ଡିପଦା,୧୫।୧୨ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର କୁମ୍ଭାରସାହି ଠାରେ ବିକାଶ ଫାଉଣ୍ଡେଶନ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ପୁତ୍ର ନିଶାନ୍ତ ପ୍ରଧାନ, ଝିଅ ନୈମିଶା ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦୀପ ଗଡ଼ନାୟକ, ବ୍ଲକ ପ୍ରତିନିଧି ବିଜୟ ମାଝୀ, ସରପଞ୍ଚ ସୁଦୀପ୍ତ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ଭାଜପା ସଂଯୋଜକ ଗୋପବନ୍ଧୁ ଗଡ଼ନାୟକ, ଆଇଟି ସେଲ୍ ସଂଯୋଜକ ଅକ୍ଷୟପାଦ ବେହେରା, ଜଗଦୀଶ ସାହୁ, ଯୁଗଳ କିଶୋର ଦେହୁରୀ ପ୍ରମୁଖ ଯୋଗ ଦେଇ ଶତାଧିକ ଅସହାୟ ପୁରୁଷ ଓ ମହିଳାଙ୍କୁ ଶୀତ ବସ୍ତ୍ର, ଲୁଗା ପ୍ରଦାନ କରିଥିଲେ। ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଚୋରି ସିଲିଣ୍ଡର ଜବତ, ଅଭିଯୁକ୍ତ ଗିରଫ



ଆଠମଲ୍ଲିକ,୧୫।୧୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଥାନା ଅଞ୍ଚଳରେ କିଛିଦିନ ହେଲା ଗ୍ୟାସ୍ ସିଲିଣ୍ଡର ଓ ଚୁଲା ଚୋରି ହେଉଥିବା ବେଳେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖଣ୍ଡହତା ଗ୍ରାମର ଦିଲୀପ ଦିନ ଅଲ୍ଲୀ (୪୦)। ତାଙ୍କ ନକଟରୁ ଚୋରି ସିଲିଣ୍ଡର ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୩୫୦/୨୫ରେ ରୁଜୁ କରାଯାଇଛି। ଏଏସ୍‌ଆଇ ନେପାଳ ପଟା ଏହାର ତଦନ୍ତ କରିଥିବା ଏସ୍‌ଡିପିଓ ସୁଶାନ୍ତ ତାଉଡ଼ିଆ ପ୍ରେସ୍ ନୋଟରେ ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ ପାଲଲହଡ଼ା କପ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଖେଳାଳି।

ପାଲଲହଡ଼ା,୧୫।୧୨(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା କସ୍ମ କ୍ଲବ ଦ୍ୱାରା ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପାଲଲହଡ଼ା ଷ୍ଟାଡିୟମରେ ଅନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ସନ୍ତୋଷ କୁମାର ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଭରତ କୁମାର ସାହୁ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନିଜଗଡ଼ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ଅନୁଗୋଳ କ୍ରିକେଟ କ୍ଲବ ଓ କେନ୍ଦୁଝର ୟୁନିକ କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ କେନ୍ଦୁଝର କ୍ଲବ ବିଜୟୀ ହୋଇଥିଲା। ଅଭିଷେକ ସାହୁ ଓ କରୁଣାକର ଜେନା, ଭୂପେନ କୁମାର ନାଏକ, ଶିବ ପ୍ରସାଦ ସାମଲ, ଶୋଭାଶିଷ ଜିତ, ଅଭୟ କୁମାର ନାଏକ, ସଞ୍ଜୟ ସାହୁ ଖେଳ ପରିଚାଳନା କରିଥିଲେ। କ୍ଲବ ସମ୍ପାଦକ ସୁବ୍ରତ କୁମାର ମହାନ୍ତି, ଚିତ୍ତରଞ୍ଜନ ପ୍ରଧାନ, ହରିହର ପାଣି, ବିଷ୍ଣୁ ପ୍ରସାଦ ଦାସ, ମନୋରଞ୍ଜନ ପ୍ରଧାନ, ପ୍ରଶାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବତନ ସରପଞ୍ଚ, ଗ୍ରାମ ସଂଯୋଜକଙ୍କୁ ଜେଲ

କେନ୍ଦୁଝର,୧୫।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ସୋମବାର ଏକ ଦୁର୍ନୀତି ମାମଲାର ଶୁଣାଣି କରିଛନ୍ତି। ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଷଡ଼ଙ୍ଗୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଦାନନ୍ଦ ନାଏକ, ପୂର୍ବତନ ସଂଯୋଜକ ଶ୍ରୀପଦ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ୍‌ରେ ଏମଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ରାସ୍ତା କାମ ପାଇଁ ମହଙ୍ଗା ବିଲ୍ ପ୍ରସ୍ତୁତ କରି ସରକାରୀ ଟଙ୍କା ଆତ୍ମସାତ କରିବା। ମଷ୍ଟର ରୋଲ ଜାଲିଆତି ମାମଲାରେ ଉଭୟଙ୍କୁ ପୂର୍ବରୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଚାର୍ଜସିଟ୍ କରାଯାଇଥିଲା। ତଦନ୍ତ ବେଳେ ଦୁର୍ନୀତି ହୋଇଥିବା ଜଣାପଡ଼ିବା ପରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ବରିଷ୍ଠ ନାଗରିକ ସମିତିର ବାର୍ଷିକ ସମ୍ମିଳନୀ

ଝାରପୋଖରୀଆ,୧୫।୧୨ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଅଧୀନସ୍ଥ ଝାରପୋଖରୀଆ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଜିଲା ବରିଷ୍ଠ ନାଗରିକ ସମିତିର ପଞ୍ଚମ ବାର୍ଷିକ ସମ୍ମିଳନୀ ରବିବାର ଝାରପୋଖରୀଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସାରସକଣା ବିଧାୟକ ଭାଦ ହାଁସଦା, ମୁଖ୍ୟ ବକ୍ତାଭାବେ ୱାର୍ଲ୍ଡ ଫେଡେରେଶନ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେଶନର ଏକଜକ୍ୟୁଟିଭ ଭାଇସ ପ୍ରେସିଡେଣ୍ଟ ଇଂ. ଅଶୋକ ବସା, ବିଶେଷ ଅତିଥିଭାବେ ନ୍ୟାସନାଲ ମନୁମେଣ୍ଟ ଅଥରିଟିର ପୂର୍ବତନ ଚେୟାରମ୍ୟାନ ପ୍ରଫେସର ଡ. କିଶୋର ବସା, ସମ୍ମାନିତ ଅତିଥିଭାବେ ପ୍ରଫେସର ଶଶାଙ୍କ ଚୂଡ଼ାମଣି, ସାରସକଣା ପ୍ରାକ୍ତନ ବିଧାୟକ ଡ. ବୁଢ଼ାନ ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ସମିତିର ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ସମିତିର ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ ପ୍ରାରମ୍ଭିକ ଅଭିବ୍ୟକ୍ତ ଭାଷଣ ପ୍ରଦାନ କରିଥିଲେ। ସଦସ୍ୟ ଦେବାଶିଷ ଦାସ, ଜଗନ୍ନାଥ ମିଶ୍ରଙ୍କ ଆୟୋଜନରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଜିଲା ବରିଷ୍ଠ ନାଗରିକ ସମିତି ପରିଚାଳନା କମିଟିର ସଭ୍ୟାସଭ୍ୟଙ୍କ ସହିତ ଉଦଳା, କରଞ୍ଜିଆ, ପାଞ୍ଚପିଢ଼, ବଡ଼ସାହି, ବେତନଟି, ସାଇଁକୁଳା, ଶୁକୃଳି, ବୈଶିଙ୍ଗା, ଠାକୁରମୁଣ୍ଡା ପ୍ରଭୃତି ବରିଷ୍ଠ ନାଗରିକ ମଞ୍ଚର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଦାବି ଓ ସମସ୍ୟା ନେଇ ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅଞ୍ଚଳର ଉପେନ୍ଦ୍ର ନାଥ ସାହୁ, ମମତା ରାଣୀ, ମାଳତୀ ସିଂ, ଲକ୍ଷ୍ମଣ ଚନ୍ଦ୍ର ଗିରିଙ୍କୁ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ 'ଭଞ୍ଜ ବରିଷ୍ଠ' ଓ 'ଅଭୁଲା ସ୍ମୃତି' ପୁସ୍ତିକା ଉନ୍ମୋଚନ ହୋଇଥିଲା। ଜିଲାସ୍ତରୀୟ ବରିଷ୍ଠ ନାଗରିକ ସମ୍ମିଳନୀକୁ ସାରସକଣା ବ୍ଲକ୍ ଝାରପୋଖରୀଆ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୁନୀଲ ମହାପାତ୍ର ଓ ସମ୍ପାଦକ ଘାସିରାମ ମହାନ୍ତଙ୍କ ସହିତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁରଗଡ଼ ପଞ୍ଚାୟତର ଅସହାୟଙ୍କୁ କମ୍ବଳ ବଣ୍ଟନ



ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ କମ୍ବଳ ବଣ୍ଟନ କରାଯାଉଛି।

ବଇଣ୍ଡା, ୧୫।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଠାକୁରଗଡ଼ ପଞ୍ଚାୟତର ଯୋଗୀ ବନ୍ଧ, ଅରଖକୁଦ, ଖଇରାସାହି ଆଦି ଅଞ୍ଚଳରେ ଥିବା ଅସହାୟ ବୃଦ୍ଧାବୃଦ୍ଧଙ୍କୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ୧୦୦ ଜଣ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ନୀଳକଣ୍ଠ ବାଘ, ବୀରବର ନାୟକ, ଗୋବର୍ଦ୍ଧନ ସାହୁ, ବିଭୂତି ଭୂଷଣ ସାହୁ, ଅଜୟ କୁମାର ସାହୁ, ଅନାମ ବେହେରା, କୁଲୁ ଭୋଇ, ପ୍ରଶ୍ନ ଭୋଇ, ଦୋଳ ବେହେରା, ମିଲୁ ନାହାକ ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିଲେ।

# ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ



ତାଳଚେର,୧୫।୧୨(ମନୋଜ ନନ୍ଦ)

ତାଳଚେରସ୍ଥିତ ଗଡ଼ତଳ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ମିଳିଥିବା ୯ ଲକ୍ଷ ୯୦ ହଜାର ଟଙ୍କାରେ ନିର୍ମିତ ଏକ ଅତିରିକ୍ତ ନୂତନ ଶ୍ରେଣୀ ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ନୂତନ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ଉପାଧ୍ୟକ୍ଷା ଆଞ୍ଚଲ ପ୍ରଧାନ, ଜିଲାପରିଷଦ ସଦସ୍ୟା ସତ୍ୟଭାମା ସାହୁ, ବିଡିଓ ସୁଶାନ୍ତ ବରାଳ ଏବଂ ସନ୍ଥପଡା ସରପଞ୍ଚ ସହଦେବ ସାହୁ ଏବଂ ସମିତି ସଭ୍ୟା ବୈଜୟନ୍ତୀ ମହାନ୍ତି, ଗୁରୁଜାଙ୍ଗୁଲି ସରପଞ୍ଚ ଲିନା ସାହୁ, ସମିତି ସଭ୍ୟା ରୁନୁ ସିଂ, ଜଗନ୍ନାଥପୁର ସରପଞ୍ଚ ଶୁଭଶ୍ରୀ ଦେବତା, ସମିତି ସଭ୍ୟା ବିନତି ପରିଡା, ବନ୍ତୁଲ ସରପଞ୍ଚ ଜୟନ୍ତିଲତା ପ୍ରଧାନ, ସମିତି ସଭ୍ୟା ଅମ୍ରିତା ପାଣି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ, ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ଯୋଗ ଦେଇଥିଲେ।

## ହିତାଧିକାରୀଙ୍କୁ ନୂତନ ରାଶନକାର୍ଡ ପ୍ରଦାନ ଆରମ୍ଭ

ବାରିପଦା,୧୫।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ବାରିପଦା ସହରାଞ୍ଚଳ ଅନ୍ତର୍ଗତ ୨୮ଟି ୱାର୍ଡରେ ଆଦ୍ୟାବଧି ଚିହ୍ନିତ ହୋଇଥିବା ନୂତନ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଛି। ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ଼ା କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ବାରିପଦା ପୌରାଞ୍ଚଳର ୨୮ଟି ୱାର୍ଡରେ ଅଦ୍ୟାବଧି ନୂତନ ୪୨୮ଟି ପରିବାରଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନିତ କରାଯାଇଛି। ସେଥି ମଧ୍ୟରୁ ୧୬୭ ଜଣଙ୍କୁ ଏହି ନୂତନ ରାସନକାର୍ଡ ପ୍ରଦାନ କରାଯିବ ବୋଲି ପୌରାଧ୍ୟକ୍ଷ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ପର୍ଯ୍ୟାୟ କ୍ରମେ ଅନ୍ୟମାନଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ହିତାଧିକାରୀଙ୍କୁ ରାସନକାର୍ଡ ପ୍ରଦାନ କରିବା ଅବସରରେ ବାରିପଦା ସହରରେ ଆଗକୁ ଅନେକ କିଛି ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ବାରିପଦା ସହରକୁ ଏକ ସ୍ମାର୍ଟ ସିଟି କରିବା, ସହର ଭିତରେ ଥିବା ଅନେକ ପରିତ୍ୟକ୍ତ ପୋଖରୀକୁ ପୁନଃରୁଦ୍ଧାର ସହ ଏହାର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଏବଂ ରାସ୍ତାଘାଟର ପ୍ରଶସ୍ତିକରଣ ଇତ୍ୟାଦି ଅନେକ ଉନ୍ନତି ମୂଳକ କାର୍ଯ୍ୟ ହେବ ବୋଲି ମନ୍ତ୍ରୀ ମହାପାତ୍ର କହିଥିଲେ। ଏଥିପାଇଁ ସହରବାସୀଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ସୀମା ଦାସ, ମନ୍ତ୍ରୀଙ୍କ ସଚିବ ରାମଚନ୍ଦ୍ର ସୋରେନ, ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସଭାପତି କାନ୍ଦ୍ରା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ପୌରପାଳିକାର ସମସ୍ତ ୱାର୍ଡର କାଉନ୍‌ସିଲର, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

**Government of Odisha, e-Procurement Notice**
**INVITATION FOR BIDS (IFB)**
Bid Identification No. C.C.E.Dkl. (R&B) 12/2025-26
Email Id - sedklpwd@gmail.com
Letter No. 2561/Dt. 09.12.2025

No.B-824 : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Road works as detailed below :

| | | |
|---|---|---|
| 1 | Name of the work | : Road works |
| 2 | No. of works | : 02 (Two) Nos. |
| 3 | Estimated cost | : **Rs. 4.97 Crore to 5.12 Crore (as given in column No. 03 of table)** |
| 4 | Cost of tender paper | : Rs. 10,000.00 |
| 5 | Class of contractor | : 'A' Class **(as given in column No. 07 of table)** |
| 6 | Period of completion of work | : 09 (Nine) Calendar months **(as given in column No. 08 of table)** |
| 7 | Date and time of availability of bid document in the website | : From Dt. 16.12.2025 to 05.00 P.M. of Dt. 30.12.2025 |
| 8 | Date of opening of bid | : Dt. 31.12.2025 at 11.00 A.M. |

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

OIPR-34132/11/0045/2526
Sd./- Chief Construction Engineer
Dhenkanal (R&B) Circle, Dhenkanal

**कार्यपालक अभियंता का कार्यालय, लघु सिंचाई प्रमण्डल, बोकारो**

शुद्धि पत्र

इस कार्यालय के पत्रांक 699 दिनांक 29.11.2025 एवं निविदा आमंत्रण सूचना सं०– **WRD/MID/BOKARO/ B.D/M.M.S. L.I-02/2025- 26** द्वारा आमंत्रित निविदा जिसका पी० आर० संख्या 367452 दिनांक 02.12.2025 (Minor Irrigation) 25-26 है, जिसमें निम्नलिखित संशोधित किया जाता है :–
(I) Date of Publication of Tender on website: 19.12.2025 _ 2:00 P.M.
(ii) Last date/Time for receipt of bids online: 29.12.2025 Up to 2.00 P.M.
(iii) Date of Opening of Tender on website: 31.12.2025 _ 3:00 P.M.
निविदा की अन्य नियम एवं शर्तें पूर्ववत् रहेंगें।

PR 368600 Minor Irrigation(25-26).D
कार्यपालक अभियंता,
लघु सिंचाई प्रमण्डल, बोकारो

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
**JUIDCO Bhawan, Kutchery Road, Ranchi-834001, Jharkhand.**
**Ph No.: +91-651-2225878,**
**CIN: U45200JH2013SGC001752, e-mail Id-juidcolimited@gmail.com**

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/NIT/RFP/ITMS/2025–677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that following Corrigendum is being made in tender for **"Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand".**
The bidders are advised to take into account the following Corrigendum before submission of their bids against this tender.

Corrigendum - 1

| Sl. No. | Bid Document Ref. | Description | As per NIT | As per Corrigendum 1 |
|---|---|---|---|---|
| 1. | NIT | Last Date & Time of submission of Bid, Tender Fee and EMD online | 16.12.2025 at 17:00 Hrs | 24.12.2025 at 17:00 Hrs |
| 2. | | Date & Time of Bid Opening | 17.12.2025 at 17:00 Hrs | 26.12.2025 at 17:00 Hrs |

Note: Other terms and conditions remain unchanged.
Sd/-
Project Director (Technical)
JUIDCO Ltd.
PR 368643 Urban Development(25-26).D

ବିଶ୍ୱ ବିମାନ ଚଳାଚଳ କ୍ଷେତ୍ର ପାଇଁ ୨୦୨୫ ଏକ କଳଙ୍କିତ ବର୍ଷ ଥିଲା। ଆଲୋଚ୍ୟ ବର୍ଷରେ ଭାରତ ସମେତ ଆମେରିକା ଓ ରୁଷିଆରେ ୯ ବିମାନ ଦୁର୍ଘଟଣାରେ ୪୦୪ ଜଣଙ୍କ ପ୍ରାଣହାନି ଘଟିଥିଲା। ସେମାନଙ୍କ ମଧ୍ୟରୁ ୨୬୦ ଜଣଙ୍କ ମୃତ୍ୟୁ କେବଳ ଅହମଦାବାଦ ବିମାନ ଦୁର୍ଘଟଣାରେ ହୋଇଥିଲା। ପୂର୍ବରୁ ବିମାନ ଯାତ୍ରାକୁ ଯାତ୍ରୀ ପରିବହନର ଏକ ସୁରକ୍ଷିତ ମାଧ୍ୟମ ବୋଲି ବିବେଚନା କରାଯାଉଥିବାବେଳେ ବିଦାୟୀ ବର୍ଷ ଏହି ଧାରଣାକୁ ଭୁଲ୍ ପ୍ରମାଣିତ କରିଥିଲା। ଏହାବାଦ୍ ବିମାନ ସେବା ପ୍ରଦାନ କ୍ଷେତ୍ରରେ ଇଣ୍ଡିଗୋ ସଙ୍କଟ ଭାରତରେ ଅଭୂତପୂର୍ବ ଅଚଳାବସ୍ଥା ସୃଷ୍ଟି କରିଥିଲା। ଅହମଦାବାଦ ଏୟାରକ୍ରାଫ୍ଟ କ୍ରାଶ୍ ଏବଂ ବର୍ଷ ଶେଷ ଆଡ଼କୁ ଇଣ୍ଡିଗୋ କ୍ରାଇସିସ୍ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

# ବିମାନ ବିଭ୍ରାଟ



## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

## ୩୨ ସେକେଣ୍ଡରେ ୨୬୦ ମୃତ



ଜୁନ୍ ୧୨ରେ ଗୁଜରାଟର ଅହମଦାବାଦରେ ଭାରତ ଦେଖିଥିଲା ଦେଶର ଇତିହାସରେ ସବୁଠୁ ଭୟଙ୍କର ବିମାନ ଦୁର୍ଘଟଣା। ଅପରାହ୍ନ ୧ଟା ୩୯ ମିନିଟ୍‌ରେ ସର୍ଦ୍ଦାର ବଲ୍ଲଭଭାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବ୍ରିଟେନ୍‌ର ଗଟ୍‌ୱିକ୍ ଏୟାରପୋର୍ଟ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ବୋଇଂ ୭୮୭-୮ ଡ୍ରିମ୍‌ଲାଇନର। କିନ୍ତୁ ଉଡ଼ାଣର ମାତ୍ର ୩୨ ସେକେଣ୍ଡ ମଧ୍ୟରେ ଏହା ବି.ଜେ. ମେଡିକାଲ କଲେଜର ହଷ୍ଟେଲ ବ୍ଲକ୍ ଉପରେ ଖସିପଡ଼ିଥିଲା। ଫଳରେ ବିମାନରେ ଥିବା ୨୪୨ ଯାତ୍ରୀଙ୍କ ମଧ୍ୟରୁ ୨୪୧ ଜଣଙ୍କ ମୃତ୍ୟୁ ଘଟିଥିଲା। ସୌଭାଗ୍ୟବଶତଃ ଜଣେ ଯାତ୍ରୀ ଏମର୍ଜେନ୍ସି ଡୋର୍ ଦେଇ ତଳକୁ ଡେଇଁ ବର୍ତ୍ତିଯାଇଥିଲେ। ହଷ୍ଟେଲ ସମ୍ପୂର୍ଣ୍ଣ ଧରାଶାୟୀ ହୋଇଯାଇଥିବାବେଳେ ସେଠାରେ ଥିବା ୧୯ ଛାତ୍ରୀଛାତ୍ର ମଧ୍ୟ ପ୍ରାଣ ହରାଇଥିଲେ। ଏହି ଘାତକ ଦୁର୍ଘଟଣା ପରେ ଦେଶରେ ବିମାନ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲା। ଦ୍ୱୈତ ଇଞ୍ଜିନ୍‌କୁ ଇନ୍ଧନ ତୈଳ ଯୋଗାଣ ପାଇଁ ଉଦ୍ଦିଷ୍ଟ ବଟନ୍ ହଠାତ୍ ରନ୍ ମୋଡ୍‌ରୁ କଟ୍‌ଅଫ୍ ମୋଡ୍‌କୁ ଚାଲିଯାଇ ବନ୍ଦ ହୋଇଯିବାରୁ କକ୍‌ପିଟ୍ ନିୟନ୍ତ୍ରଣ ବ୍ୟବସ୍ଥା ବିଫଳ ହୋଇଥିବା ନେଇ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋର ପ୍ରାଥମିକ ତଦନ୍ତରୁ ଜୁଲାଇ ୧୨ରେ ଜଣାପଡ଼ିଥିଲା। ଏହି ବିମାନ ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ବିଜୟ ରୂପାନୀଙ୍କ ପରଲୋକ ହୋଇଥିବାବେଳେ ଖସିଥିବା ସ୍ଥାନରେ ଅନେକେ ଆହତ ହୋଇଥିଲେ।

## ଆମେରିକା ବିମାନ-ହେଲିକପ୍ଟର ଧକ୍କା ୬୭ ମୃତ



ଜାନୁଆରୀ ୨୯ରେ ଆମେରିକାନ୍ ଏୟାରଲାଇନ୍ସର ଇଗଲ୍ ଫ୍ଲାଇଟ୍ ୫୩୪୨ ରୂପେ ନିୟୋଜିତ ସେନାର ଏକ ଯୁଦ୍ଧବିମାନ ସହ ଏକ ଆର୍ମି ସିକୋର୍ସ୍କି ୟୁଏସ୍-୬୦ ହେଲିକପ୍ଟର ଧକ୍କା ହୋଇଥିଲା। ରାତି ୮ଟା ୪୭ରେ ଭର୍ଜିନିଆର ରୋନାଲ୍ଡ ରେଗାନ୍ ୱାଶିଂଟନ୍ ନ୍ୟାଶନାଲ ଏୟାରପୋର୍ଟରେ ଅବତରଣର କିଛି ସମୟ ପୂର୍ବରୁ ଘଟିଥିବା ଏହି ଦୁର୍ଘଟଣାରେ ଉଭୟ ଏୟାରକ୍ରାଫ୍ଟରେ ଥିବା ସମସ୍ତ ୬୭ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ୨ ଭାରତୀୟ ବଂଶୋଦ୍ଭବଙ୍କ ସମେତ ୬୪ ଯାତ୍ରୀ ଥିବାବେଳେ ୩ ଜଣ କ୍ରିଉ ମେମ୍ବର ଥିଲେ। ବିମାନ ଓ ହେଲିକପ୍ଟର ଦୁର୍ଘଟଣା ପରେ ପୋଟୋମାକ୍ ନଦୀରେ ଖସିପଡ଼ିଥିବାରୁ ରାତିରେ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହୋଇଥିଲା। ୨୦୦୧ ପରେ ଆମେରିକାରେ ଏହା ଥିଲା ସବୁଠୁ ଘାତକ ବିମାନ ଦୁର୍ଘଟଣା। ସେହିପରି ୨୦୦୯ ପରେ ପ୍ରଥମ ଥର ପାଇଁ ଦେଶର କୌଣସି କମର୍ସିଆଲ ପାସେଞ୍ଜର ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେଣୁ ଫେଡେରାଲ ଆଭିଏଶନ୍ ଏଜେନ୍ସି (ଏଫ୍ଏଏ)କୁ ନ୍ୟାଶନାଲ ଟ୍ରାନ୍ସପୋର୍ଟ ସେଫ୍ଟି ବୋର୍ଡ (ଏନ୍‌ଟିଏସ୍‌ବି) ପକ୍ଷରୁ ବିମାନ ଚଳାଚଳ କ୍ଷେତ୍ରରେ ଅନେକ ସୁରକ୍ଷା ପରାମର୍ଶ ଦିଆଯାଇଥିଲା। ଏହି ବିମାନ ଦୁର୍ଘଟଣାର ପୁନରାବୃତ୍ତି ଏଡ଼ାଇବା ପାଇଁ ଆମେରିକାରେ କେତେକ ସୁରକ୍ଷାତ୍ମକ ପଦକ୍ଷେପ ନିଆଯାଇଛି।

## ସମୁଦ୍ରରେ ଖସିଲା ଚାର୍ଟାର୍ଡ ଫ୍ଲାଇଟ୍ ୧୨ ମୃତ

କେନ୍ଦ୍ରୀୟ ଆମେରିକୀୟ ରାଷ୍ଟ୍ର ହୋଣ୍ଡୁରାସ୍‌ରେ ମାର୍ଚ୍ଚ ୧୭ରେ ଏକ ଘାତକ ବିମାନ ଦୁର୍ଘଟଣା ଘଟିଥିଲା। ଏରୋଲିନିଆ ଲାନ୍‌ଶା ଫ୍ଲାଇଟ୍ ୦୧୮ ଜୁଆନ୍ ମାନୁଏଲ୍ ଗଲ୍‌ଭେଜ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଗୋଲୋସନ୍ ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଯାତ୍ରା କରୁଥିବାବେଳେ ଉଡ଼ାଣର କିଛି ସମୟ ପରେ ସମୁଦ୍ରରେ ଖସିପଡ଼ିଥିଲା। ବିମାନରେ ଥିବା ୧୭ ଯାତ୍ରୀଙ୍କ ମଧ୍ୟରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ୧ କି.ମି. ଦୂରରେ ଏହାର ଭଗ୍ନାବଶେଷ ଠାବ ହୋଇଥିଲା।



## ଥାଇଲାଣ୍ଡ ବିମାନ ଦୁର୍ଘଟଣା ୬ ମୃତ

ରୟାଲ ଥାଇ ପୋଲିସ ୱିଙ୍ଗ୍‌ର ଏକ ବିମାନ ହୁଆ ହିନ୍ ଏୟାରପୋର୍ଟରୁ ଏପ୍ରିଲ୍ ୨୫ରେ ଉଡ଼ାଣ ଆରମ୍ଭ କରିବା ମାତ୍ରେ ସମୁଦ୍ରରେ ଖସିପଡ଼ିଥିଲା। ଏଚ୍‌ଡିସି-୬-୪୦୦ ପାରାଶ୍ୟୁଟ୍ ଟ୍ରେନିଂ ପାଇଁ ପ୍ରସ୍ତୁତି ଚଳାଇବା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ୩ ପାଇଲଟ୍ ଓ ୩ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ବିମାନଟି ଉପକୂଳଠାରୁ ୧୦୦ ମିଟର ସମୁଦ୍ର ଭିତରେ ଖସିପଡ଼ି ୨ ଖଣ୍ଡ ହୋଇଯାଇଥିଲା। ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ହସ୍ପିଟାଲରେ ପ୍ରାଣ ହରାଇଥିଲେ।

## ରୁଷିଆ: ୪୮ ମୃତ



ଜୁଲାଇ ୨୪ରେ ରୁଷିଆର ଏକ ଯାତ୍ରୀବାହୀ ବିମାନ ଚାଇନା ସୀମାବର୍ତ୍ତୀ ଟିଣ୍ଡା ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୫ ଛୋଟ ପିଲାଙ୍କ ସମେତ ସମସ୍ତ ୪୮ ଜଣଙ୍କ ମୃତ୍ୟୁ ଘଟିଥିଲା। ସାଇବେରିଆର ଆଙ୍ଗାରା ଏୟାରଲାଇନ୍ସ ପରିଚାଳିତ ଆଣ୍ଟୋନୋଭ୍ ଏଏନ୍-୨୪ ବିମାନଟି ସୋଭିଏଟ୍ ଅମଳର। ୫୦ ବର୍ଷ ପୁରୁଣା ଏହି ଏୟାରକ୍ରାଫ୍ଟ ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କରୁଥିବାବେଳେ ରାଡାରରେ ଅଦୃଶ୍ୟ ହୋଇଯାଇଥିଲା। କମ୍ ଦୃଶ୍ୟମାନ ହେଉଥିବାରୁ ପାଇଲଟ୍ ବିମାନ ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କଲାବେଳେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଉଦ୍ଧାରକାରୀ ଟିମ୍ ବିମାନର ଜଳିଯାଇଥିବା ଫ୍ୟୁଜ୍‌ଲେଗ୍‌ର ବିଭିନ୍ନ ଅଂଶକୁ ଠାବ କରିବା ପରେ ପାଇଲଟଙ୍କ ତ୍ରୁଟି କିମ୍ବା ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଇଥିଲା।

## ଉଡ଼ାଇଦେବାକୁ ଧମକ, ଉଡ଼ାଣ ବାତିଲ

ବାସ୍ତବ ହେଉ କି ଗୁଜବ, କୌଣସି ଫ୍ଲାଇଟ୍‌କୁ ବୋମା ବିସ୍ଫୋରଣରେ ଉଡ଼ାଇଦେବାକୁ ଧମକ ମିଳିଲେ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ପାଇଁ ତାହା ଚିନ୍ତାର କାରଣ ହୋଇଥାଏ। ୨୦୨୫ରେ ଭାରତରେ ଏଭଳି ବହୁ ସଂଖ୍ୟକ ବିମାନକୁ ଇ-ମେଲ୍ ଓ ମୋବାଇଲ ମେସେଜ୍ ଜରିଆରେ ବୋମା ଧମକ ମିଳିଥିଲା। ଫଳରେ ବିମାନ ଯାତ୍ରୀଙ୍କ ସୁରକ୍ଷା ପାଇଁ ବିପଦ ଆଶଙ୍କା ସୃଷ୍ଟି ହୋଇଥିଲା। ଏୟାରପୋର୍ଟ ପୋଲିସ ଓ ଜାତୀୟ ସୁରକ୍ଷା ଏଜେନ୍ସିର ତତ୍କାଳ ତତ୍ପରତା ସତ୍ତ୍ୱେ ବିମାନ ଉଡ଼ାଣ ରଦ୍ଦ କିମ୍ବା ବାତିଲ କରାଯାଇଥିଲା। ଏହା ଦେଶର ଆଭିଏଶନ୍ ସେକ୍ଟର ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଥିଲା। ଏପ୍ରିଲରେ ଲଣ୍ଡନ୍-ଅହମଦାବାଦ ଫ୍ଲାଇଟ୍‌ରେ ଏକ ଧମକପୂର୍ଣ୍ଣ ପତ୍ର ମିଳିବା ପରେ ଯାଞ୍ଚ କରାଯାଇଥିଲା। କିନ୍ତୁ ସେଠାରୁ କୌଣସି ବିସ୍ଫୋରକ ଉପକରଣ ମିଳି ନ ଥିଲା। ଜୁନ୍‌ରେ ଏୟାର ଇଣ୍ଡିଆର ଏକ ଫ୍ଲାଇଟ୍ ବର୍ମିଂହାମ୍‌ରୁ ଦିଲ୍ଲୀ ଆସିବା ପୂର୍ବରୁ ବୋମା ଧମକ ମିଳିବାରୁ ତାକୁ ରିୟାଧକୁ ଡାଇଭର୍ଟ କରାଯାଇଥିଲା। ନଭେମ୍ବରରେ ମୁମ୍ବାଇରୁ ବାରାଣସୀ ଅଭିମୁଖେ ଯାତ୍ରା କରୁଥିବା ଏକ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌କୁ ମଧ୍ୟ ଅନୁରୂପ ଧମକ ମିଳିଥିଲା। ସେହିପରି ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ବିମାନବନ୍ଦରକୁ ଉଡ଼ାଇଦେବା ନେଇ ଧମକ ମିଳିଥିଲେ ମଧ୍ୟ ବାସ୍ତବରେ ସେସବୁ ଗୁଜବ ବୋଲି ପୋଲିସ ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଥିଲା।

## କୋଠା ଉପରେ ଖସିପଡ଼ିଲା ଏୟାର ଆମ୍ବୁଲାନ୍ସ

ଜାନୁଆରୀ ୩୧ରେ ଆମେରିକାର ଉତ୍ତରପୂର୍ବ ଫିଲାଡେଲ୍‌ଫିଆ ବିମାନବନ୍ଦରରୁ ଏକ ଏୟାର ଆମ୍ବୁଲାନ୍ସ ତିଜୁଆନା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଅଭିମୁଖେ ଇନ୍ଧନ ଭର୍ତ୍ତି କରିବାକୁ ଯାଉଥିଲା। ମେଡ୍ ଜେଟ୍ସ ଫ୍ଲାଇଟ୍ ୦୫୬ ଉଡ଼ାଣର କିଛି ସମୟ ପରେ କାଷ୍ଟୋର ଗାର୍ଡେନ୍ସ ନିକଟରେ କୋଠା ଉପରେ ଖସିପଡ଼ିଥିଲା। ଫଳରେ ବିମାନରେ ଥିବା ଜଣେ ରୋଗୀଙ୍କ ସମେତ ସମସ୍ତ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଯେଉଁ କୋଠାଗୁଡ଼ିକୁ ଧକ୍କା ଦେଇଥିଲା, ସେଠାରେ ଥିବା ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୩ ଜଣ ଆହତ ହୋଇଥିଲେ। ସେହି ସମୟରେ ବିମାନ ସହ କୋଠାଗୁଡ଼ିକ ଜଳିଯାଉଥିବାର ଦୃଶ୍ୟ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।



## ଇଣ୍ଡିଗୋ ସଙ୍କଟ




ନଭେମ୍ବର ଶେଷରୁ ଡିସେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଦେଖିବାକୁ ମିଳିଥିଲା ସବୁଠୁ ବଡ଼ ଅଚଳାବସ୍ଥା। ଦେଶର ସର୍ବବୃହତ୍ ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋ ଏୟାରଲାଇନ୍ସରେ ଫ୍ଲାଇଟ୍ ଓ କର୍ମଚାରୀ ପରିଚାଳନାକୁ ନେଇ ଅଭୂତପୂର୍ବ ସଙ୍କଟ ଉପୁଜିଥିଲା। ଅପରେଶନାଲ ଫେଲ୍ୟୁୟର ଯୋଗୁ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ ସମେତ ଦେଶର ବିଭିନ୍ନ ବିମାନବନ୍ଦରରେ ବିମାନଗୁଡ଼ିକ ଚଳାଚଳ କରି ପାରି ନ ଥିଲା। ବିଶେଷକରି ଡିସେମ୍ବର ୨ରେ ଫସିରହିଥିବା ଯାତ୍ରୀମାନେ ଏୟାରପୋର୍ଟଗୁଡ଼ିକରେ ସେଲ୍ଫି ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହି ଅସୁବିଧା ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କିଏ ବିବାହରେ ଯୋଗଦେଇ ପାରି ନ ଥିଲେ ତ ଆଉ କିଏ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଶେଷ ସମୟରେ ଫ୍ଲାଇଟ୍ କ୍ୟାନ୍‌ସଲ ହେବାରୁ ଯାତ୍ରୀମାନେ ବିକଳ୍ପ ଏୟାରଲାଇନ୍ ବିମାନରେ ଯାତ୍ରା କରିବା ପାଇଁ ବହୁଗୁଣ ଅଧିକ ଅର୍ଥ ଖର୍ଚ୍ଚକରି ଚଢ଼ାଦରରେ ଟିକେଟ କିଣିବାକୁ ବାଧ ହୋଇଥିଲେ। ଏପରି କି ସିଟିଗୁଡ଼ିକରେ ଯାତ୍ରୀଙ୍କ ରହଣି ବଢୁଥିବା ଦେଖି ରେଷ୍ଟୁରାଣ୍ଟ ମାଲିକମାନେ ମଧ୍ୟ ରାତାରାତି ରୁମ୍ ଭଡ଼ା ବଢ଼ାଇ ଦେଇଥିଲେ। ଏହି ସଙ୍କଟରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ବିଫଳତା ଧରାପଡ଼ିଯାଇଥିଲା। ବିରୋଧୀ ଦଳଗୁଡ଼ିକ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଇଣ୍ଡିଗୋକୁ ୧୦% ଫ୍ଲାଇଟ୍ ଉଡ଼ାଣ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲା। ଭାରତ ଭଳି ଏକ ଉଦୀୟମାନ ଆଭିଏଶନ୍ ମାର୍କେଟରେ ଇଣ୍ଡିଗୋ ସଙ୍କଟ ଏୟାରଲାଇନ୍ ଅପରେଶନ କ୍ଷେତ୍ରରେ ରହିଥିବା ମାନବସମ୍ବଳ ଓ ରକ୍ଷଣାବେକ୍ଷଣଜନିତ ଚାପର ଦୁର୍ବଳ ଦିଗକୁ ଉଜାଗର କରିଥିଲା।



## ନିଖୋଜ ବିମାନ ଭଗ୍ନାବଶେଷ ଠାବ: ୧୦ ମୃତ

ଫେବୃଆରୀ ୬ରେ ଆମେରିକାର ଆଲାସ୍କାରେ ବେରିଙ୍ଗ୍ ଏୟାର୍ ଅଫ୍ ନୋମ୍ ପରିଚାଳିତ ଏକ ବିମାନ ନିଖୋଜ ହୋଇଯାଇଥିଲା। ଫ୍ଲାଇଟ୍ ୪୪୫ ଉନାଲାକ୍ଲିଟ୍‌ରୁ ନୋମ୍ ଏୟାରପୋର୍ଟକୁ ଯାଉଥିବାବେଳେ ରାଡାରରୁ ହଠାତ୍ ଉଭାନ ହୋଇଯାଇଥିଲା। ଏହାର ଦିନକ ପରେ ବିମାନର ଭଗ୍ନାବଶେଷ ଠାବ ହୋଇଥିଲା। ଏହି ଦୁର୍ଘଟଣାରେ ସମସ୍ତ ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।



## ମଦ ଜବତ, ଜଣେ ଗିରଫ

**ବଇଣ୍ଡା, ୧୫।୧୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଠାକୁରଗଡ଼ ପୋଲିସ ରବିବାର ମିଣ୍ଡୋଲ ଗ୍ରାମରେ ଚଢ଼ାଉ କରି ହାଡ଼ିବନ୍ଧୁ ସେଠୀଙ୍କ ଘରୁ ୧୨ ଲିଟର ଚୋରା ମହୁଲି ମଦ ଜବତ ସହ ହାଡ଼ିବନ୍ଧୁଙ୍କୁ ଗିରଫ କରିଛି। ହାଡ଼ିବନ୍ଧୁ ତାଙ୍କ ଘରେ ଚୋରାରେ ଦେଶୀ ମଦ ବିକ୍ରି କରୁଥିବା ଥାନାରେ ଅଭିଯୋଗ ହେବାପରେ ପୋଲିସ ଚଢ଼ାଉ କରିଥିଲା।

## ବିଦ୍ୟାଳୟ ପରିସରରେ ତାଲିମ ଶିବିର

**ବଇଣ୍ଡା, ୧୫।୧୨ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଟାପଡ଼ୋଲ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ସକ୍ଷମ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୁଷୋତ୍ତମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଆଇଆରସିସି ରଞ୍ଜନ କୁମାର ନାୟକ ଉଦ୍‌ଘାଟନ କରିବା ସହ ଟାପଡୋଲ କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷା ପରିଚାଳନା ସମ୍ପର୍କୀୟ ପ୍ରଶିକ୍ଷଣ ଦେଇଥିଲେ। ଏଥିସହ ଶିକ୍ଷକମାନଙ୍କ ମନରେ ଥିବା ବିଭିନ୍ନ ଦ୍ୱନ୍ଦ୍ୱ ଦୂର କରିଥିଲେ।

# ଶିକ୍ଷକ ଅଭାବ, ଫାଟକ ସମ୍ମୁଖରେ ଧାରଣା



ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଛନ୍ତି।

**ବନ୍ତଲା,୧୫।୧୨ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ବାରଗୌଣିଆ ପାଞ୍ଚାୟତ ବଡହିଂସୋ ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହିଛି। ଏହି ସମସ୍ୟାର ସମାଧାନ କରାଯାଉ ନ ଥିବା ପ୍ରତିବାଦରେ ସୋମବାର ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣା ଦେଇଛନ୍ତି।

ସୂଚନା ଅନୁସାରେ, ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ଯାଏ ପାଠପଢ଼ା ହେଉଛି। ୯ଟି ଶ୍ରେଣୀ ପାଇଁ ମାତ୍ର ୩ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିବାବେଳେ, ଛାତ୍ରୀଛାତ୍ର ସଂଖ୍ୟା ୧୩୩ ରହିଛି। ଫଳରେ ପିଲାଙ୍କ ପାଠ ପଢ଼ାରେ ସମସ୍ୟା ଉପୁଜୁଛି। ଏ ନେଇ ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକାଧିକ ଥର ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଲିଖିତ କରାଯାଇଥିବା ସଭାପତି କୁମର ସାହୁ କହିଛନ୍ତି। ସେହିପରି ମୋସ୍କୁଲ ଅଭିଯାନ ସଭାପତି ପ୍ରଶାନ୍ତ ପତିଆର କରିଛନ୍ତି, ଗତ ନଭେମ୍ବର ୧୪ରେ ଅଭିଯୋଗ କରାଯିବା ବେଳେ ୭ଦିନ ଭିତରେ ଶିକ୍ଷକ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ମିଳିଥିଲା। ହେଲେ ତାହା ପୂରଣ କରା ନ ଯିବାରୁ ଧାରଣା ଦିଆଯାଇଛି। ଖବରପାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୋକତୁଙ୍ଗା କ୍ଲଷ୍ଟର ସିଆର୍‌ସିସି ଜିତେନ୍ଦ୍ର ବେହେରା ପହଞ୍ଚି ବୁଝାଶୁଝା କରିଥିଲେ। ଜାନୁଆରୀ ପ୍ରଥମ ସପ୍ତାହ ସୁଦ୍ଧା ଶିକ୍ଷକ ନିଯୁକ୍ତି କରାଯିବା ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

## ଉପାନ୍ତ ୨ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବେ ବିଧାୟକ

**ପାଲଲହଡ଼ା, ୧୫।୧୨ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ନିର୍ବାଚନମଣ୍ଡଳୀର ୨ ଉପାନ୍ତ ପଞ୍ଚାୟତ ତଥା ପାଉଡ଼ିଭୂଇଁଆ ଅଞ୍ଚଳ ନଗିରା ଓ ବରଡିହରେ ଆସନ୍ତା ୧୭ ତାରିଖରେ ଉନ୍ନୟନମୂଳକ କାମର ସମୀକ୍ଷା କରିବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି। ଏ ନେଇ ବିଧାୟକ ମହାନ୍ତି ଜିଲାପାଳଙ୍କୁ ଏକ ଚିଠି ଲେଖିଛନ୍ତି। ଉଭୟ ପଞ୍ଚାୟତର ତୃଣମୂଳସ୍ତରରେ କେଉଁ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଚାଲିଛି ତାହା ଦେଖିବା ଓ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା, ଗମନାଗମନ, ପାନୀୟ ଜଳ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ପରିମଳ, ରାଶନ କାର୍ଡ, ଭତ୍ତା, ସାମାଜିକ ନିରାପତ୍ତା, ପିଏମ୍ ଜନମନ ଏବଂ ପାଉଡ଼ି ଭୂଇଁଆ ଉନ୍ନୟନ ସଂସ୍ଥା, ପିଡିଏ ଦ୍ୱାରା କରାଯାଉଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବେ। ଏଥିରେ ସ୍ଥାନୀୟ ବିଡିଓଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ରହିବାକୁ ଜିଲାପାଳଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଜନସାଧାରଣଙ୍କ ଅଭିଯୋଗ ଶୁଣାଣିର ମଧ୍ୟ କାର୍ଯ୍ୟକ୍ରମ ଥିବା ବିଧାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ଆଠମଲ୍ଲିକ,୧୫।୧୨ (ଉଦୀପ୍ତ ପୁରୋହିତ)**



ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଦୀପେଶ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିଟେଟସ ମହାନନ୍ଦିଆ ଯୋଗଦେଇ ସତ୍ୟ ପଥରେ ଚାଲି , ଏକାଗ୍ରତାରେ ଶିକ୍ଷାଲାଭ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଆନନ୍ଦଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଅର୍ଷ୍ଣା ମିଶ୍ର, ଶିକ୍ଷକ ଶ୍ରୀନିବାସ ପଣ୍ଡା, ଘନଶ୍ୟାମ ମେହେରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଚଷା ସମାଜ ରାଜ୍ୟସ୍ତରୀୟ ସମ୍ମିଳନୀ ପ୍ରସ୍ତୁତି ସମୀକ୍ଷା

**ବଇଣ୍ଡା, ୧୫।୧୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ଠାରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ମିଳନୀର ପ୍ରସ୍ତୁତିକୁ ନେଇ ସୋମବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ସମୀକ୍ଷା କରିଛନ୍ତି। ବହୁ ଲୋକଙ୍କ ସମାଗମ ହେବାକୁ ଥିବାରୁ ସମ୍ମିଳନୀ ହେଉଥିବା ପଡ଼ିଆକୁ ଯାଇ ବିଧାୟକ ସମୀକ୍ଷା କରିଥିଲେ। କିପରି ଲୋକେ ଶୃଙ୍ଖଳାରେ ଯୋଗଦେବେ ସେ ନେଇ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ଶଶୀ ଭୂଷଣ ବେହେରା, ବାସୁଦେବ ବେହେରା, ଦୀପକ କୁମାର ପ୍ରଧାନ, ନିତୁନ ପ୍ରଧାନ, ରାହାସ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଗ୍ରାମବାସୀଙ୍କ ସହ ଆଲୋଚନାକଲେ ବିଧାୟକ



ଗ୍ରାମବାସୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

**ବଇଣ୍ଡା, ୧୫।୧୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମକୁ ସୋମବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଗସ୍ତକରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। କଲ୍ୟାଣମଣ୍ଡପର ଉନ୍ନତି ସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କିପରି ହେବ ସେ ନେଇ ଆଲୋଚନା କରିଥିଲେ। ସମସ୍ତ ସମସ୍ୟା ସମ୍ପର୍କରେ ସେ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି ଅଞ୍ଚଳବାସୀଙ୍କୁ କହିଥିଲେ। ଆଗକୁ ଏକ ବଡ଼ ପ୍ରକଳ୍ପ ବଇଣ୍ଡାରେ ହେବ ବୋଲି ଗ୍ରାମବାସୀ ସୂଚନା ଦେଇଥିଲେ। ଏଥିରେ ବିଜେଡି ନେତା ଅର୍ଜୁନ କୁମାର ସାହୁ, ଜଳଧର ସାହୁ, ପ୍ରମୋଦ କୁମାର ପ୍ରଧାନ, ପ୍ରକାଶ ମିଶ୍ର, ଧୋବେଇ ବେହେରା, ଜିତେନ୍ଦ୍ର ବେହେରା, ଗିରିଶ ଚନ୍ଦ୍ର ବେହେରା, ସୁବାସ ଶତପଥୀ, ଶଙ୍କର ଦାସଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

# ଭଙ୍ଗା ପୋଲକୁ ନେଇ ବିପଦ ଆଶଙ୍କାରେ ଲୋକେ

**ବଇଣ୍ଡା, ୧୫।୧୨ (ପରିକ୍ଷିତ ସାହୁ)**

**ନୂଆ ନିର୍ମାଣ କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତର କୁରୁମଟାପରୁ ମନ୍ଦରବାହାଳ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କୁରୁମଟାପ ନିକଟରେ ଥିବା ବାଟଯୋର ନାଳ ପୋଲ ବିପଦସଂକୁଳ ଅବସ୍ଥାରେ ରହିଛି। ଦୀର୍ଘ ୫ ବର୍ଷ ହେବ ଅଞ୍ଚଳବାସୀ ଏହି ପୋଲ ଦେଇ ଯାତାୟାତ କରୁଥିବାରୁ ଯେ କୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ଥିବାରୁ ଏକ ନୂତନ ପୋଲ ନିର୍ମାଣ ପାଇଁ ଅନେକ ଦିନରୁ ଦାବି କରାଯାଉଛି। ହେଲେ ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବା କୁରୁମଟାପ ଗ୍ରାମବାସୀ ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏଥିସହ ନୂତନ ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି।

ଅଭିଯୋଗରେ କୁରୁମଟାପ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ୧୯୯୫ ମସିହାରେ ବ୍ଲକ ପ୍ରଶାସନ ପକ୍ଷରୁ ବାଟଯୋର ନାଳ ଉପରେ ପୋଲ ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଦେଇ କୁରୁମଟାପ, ମନ୍ଦରବାହାଳ, ବାଲିପଟା, ଦାମୋଦରପୁର, ଗରୁଡ, ବଡ଼ଗୋବିନ୍ଦପୁର ଆଦି ୬ଟି ଗ୍ରାମର ଲୋକେ ଯାତାୟତ କରୁଥିବାରୁ ୨୦୧୨ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ରାସ୍ତାକୁ ଅନ୍ତର୍ଭୁକ୍ତ କରାଯାଇ ୨୦୧୩ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପିଚୁ କରାଯାଇଥିଲା। ହେଲେ ବାଟଯୋର ନାଳ ଉପରେ ନୂତନ ପୋଲ କରାଯାଇ ନ ଥିଲା। ୨୦୧୭ ମସିହାରେ ଲଗାଣ ବର୍ଷାରେ ଏହି ପୁରୁଣା ପୋଲର ୩୦ ପ୍ରତିଶତ ଭାଙ୍ଗି ଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେଠାରେ ବାଲି ବସ୍ତା ସହ ପଥର ପକାଇ ସମତଳ କରିଦିଆଯାଇଥିଲା। ୨୦୧୮ ପରଠାରୁ ପ୍ରତ୍ୟେକ ବର୍ଷ ଲଗାଣ ବର୍ଷାରେ ତାହା ଧୋଇହୋଇ ଯାଉଥିବା ବେଳେ କେବଳ ବିଭାଗ ପକ୍ଷରୁ ବାଲି ବସ୍ତା ଓ ପଥର ପକାଯାଇ କାମ ଚଳାଇ ଦିଆଯାଉଛି। ଏକ ନୂତନ ପୋଲ ନିର୍ମାଣ ପାଇଁ ମନ୍ଦରବାହାଳ ଗ୍ରାମବାସୀ ୧୨ ନଭେମ୍ବର ୨୦୧୭, ୨୫ ସେପ୍ଟେମ୍ବର ୨୦୧୯ ଓ ୨୦ ଅକ୍ଟୋବର ୨୦୨୦, ୧୫ ମେ ୨୦୨୪ରେ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ, ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଶନୁ ନାୟକ କହିଛନ୍ତି, ନୂତନ ପୋଲ ନିର୍ମାଣ ପାଇଁ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି। ଟଙ୍କା ମଞ୍ଜୁର ହୋଇ ଆସିଲେ ନୂତନ ପୋଲ ନିର୍ମାଣ କରାଯିବ।

## ରାସ୍ତାପାର୍ଶ୍ୱରେ ବହୁପେଟି ଏକ୍ସପାଏରୀ ମୃଦୁ ପାନୀୟ



**ବଅଁରପାଳ,୧୫।୧୨ (ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋନଗର ଥାନା ସ୍ମେଲଟର ବାଉଣ୍ଡରି ପଛପାର୍ଶ୍ୱରେ କେହି ପେଟି ପେଟି ଏକ୍ସପାଏରି ମୃଦୁ ପାନୀୟ ପକାଇ ଦେଇଥିବା ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। କେହି ଏହାକୁ ପାନୀୟ ଭାବେ ଗ୍ରହଣ କରି ରୋଗରେ ପଡ଼ିବାର ଆଶଙ୍କା ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଟାଉଶିପ୍ ଛକଠାରୁ ନୂଆସାହି ଗୋପୀନାଥପୁର ରାସ୍ତା ପଦ୍ମପାଦ ମଠ ନିକଟ ନାଲ୍‌କୋ ବାଉଣ୍ଡରୀ କଡ଼ରେ ଏହି ମୃଦୁ ପାନୀୟ ପଡ଼ିଥିବା ଦେଖି ସ୍ଥାନୀୟ ହଟିଂରେ ରହୁଥିବା କେତେଜଣ ଛୋଟ ପିଲା ଏହାକୁ ନେଇ ପିଉଥିବା ଦେଖିବାକୁ ମିଳିଛି। ଏକ୍ସପାଏରି ହୋଇଯାଇଥିବା ଏପରି ପାନୀୟକୁ ପୋତା ନ ଯାଇ ଖୋଲାମେଲାରେ ପକାଯିବା ଘଟଣାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବିଦ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ସଭା

**ସନ୍ତ୍ରୀଛକ,୧୫।୧୨ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବୁଢ଼ାପଙ୍କ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ସୁବାସ ଚନ୍ଦ୍ର ପରିଜାଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ପ୍ରଧାନ ଶିକ୍ଷକ ଶିଶିର ପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ପାଲ, ଡା. ସୂଚୀସ୍ମିତା ସାମଲ, ପ୍ରକାଶ କୁମାର ସିଂହ, ଗ୍ରାମ ସଭାପତି ପ୍ରସନ୍ନ କୁମାର ମହାନ୍ତି, ସାମାଜିକ କର୍ମୀ ପିଣ୍ଟୁ ଭୂତିଆ, ପଦ୍ମାକ୍ଷୀ ସିଂହ, ଅନିଲ ସାହୁ, ଜିତେନ୍ଦ୍ର ସାମଲ, ବିକାଶ ସାମଲ, ଦିବ୍ୟ ରଞ୍ଜନ ସାମଲ, ପୂର୍ଣ୍ଣଚନ୍ଦ୍ର ସାମଲ, ପ୍ରଦୀପ ସାମଲ, କାହ୍ନୁ ବିଶୋଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଯୁବନେତା ଦିବ୍ୟ ରଞ୍ଜନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକଙ୍କ ସହ ଅନ୍ୟମାନେ।

# ରାଜ୍ୟସ୍ତରୀୟ ଚଷା ମହାସମ୍ମିଳନୀ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଚଷା ସମାଜ କର୍ମକର୍ତ୍ତା।

**ତାଳଚେର,୧୫।୧୨(ମନୋଜ ନନ୍ଦ)**

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ବାମୁରଠାରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚଷା ମହାସମ୍ମିଳନୀ ପାଇଁ ରେଙ୍ଗାଳିସ୍ଥିତ ଶଙ୍ଖଜ୍ୟୋତି ପବ୍ଲିକ ସ୍କୁଲଠାରେ କେନ୍ଦ୍ରୀୟ ଚଷା ସମାଜ ତାଳଚେରର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୁକୁନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟ ଜୀବନ ପ୍ରଧାନ ଯୋଗଦେଇ ସମ୍ମିଳନୀ ସଫଳ କରିବା ପାଇଁ ଆଲୋଚନା କରିଥିଲେ। କଣିହାଁ ଅଞ୍ଚଳ ସଭାପତି ଦେବଦତ୍ତ ପ୍ରଧାନ ଓ କେନ୍ଦ୍ରୀୟ କମିଟି ଉପସଭାପତି ଚୈତନ୍ୟ ପ୍ରଧାନ ତାଳଚେର ଉପଖଣ୍ଡର ଚଷା ଭାଇମାନଙ୍କ ସାମୂହିକ ସମସ୍ୟା ସମ୍ମିଳନୀରେ ଉପସ୍ଥାପନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। କଣିହାଁ କଲେଜର ପୂର୍ବତନ ଅଧ୍ୟକ୍ଷ ଡା. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ଶତ୍ରୁଘ୍ନ ପ୍ରଧାନ, ସୁମନ୍ତ ପ୍ରଧାନ, ତ୍ରିପୁରାରୀ ପ୍ରଧାନ, ବିନୟ ପ୍ରଧାନ, କାଳନ୍ଦୀ ପ୍ରଧାନ, ଯତୀନ୍ଦ୍ର କୁମାର ସାହୁ, ଗୌତମ ସାହୁ, ଯୋଗେଶ୍ୱର ସାହୁ, ମଦନ ସାହୁ, ଚିତ୍ତରଞ୍ଜନ ପ୍ରଧାନ, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ମେଘମାଳ ସାହୁ, କୁମର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିନା ଅନୁମତିରେ ରାସ୍ତା ଖୋଳିଦେବା ଅଭିଯୋଗ

**ବଇଣ୍ଡା, ୧୫।୧୨ (ପରିକ୍ଷିତ ସାହୁ)**



ପୂର୍ତ୍ତ ବିଭାଗ ରାସ୍ତାକୁ ବେଆଇନ ଭାବେ ଖୋଳିଦିଆଯାଇଛି।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଠାରୁ ଆଠମଲ୍ଲିକ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ବଇଣ୍ଡା ନିକଟସ୍ଥ ବୈଷ୍ଣବ ସାହି ନିକଟରେ ଏକ ଠିକା ସଂସ୍ଥା ବେଆଇନ ଭାବେ ରାସ୍ତା ଖୋଳି ପାଣି ପାଇପ୍ ବିଛାଇଥିବା ଅଭିଯୋଗ ହୋଇଛି। ବିନା ଅନୁମତିରେ ରାସ୍ତା ଖୋଳାକୁ ଅଞ୍ଚଳବାସୀ ବିରୋଧ କରିଥିଲେ ମଧ୍ୟ ଠିକା ସଂସ୍ଥା ଶୁଣୁ ନ ଥିବାରୁ ବୈଷ୍ଣବ ସାହିବାସୀ ସୋମବାର ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ପତ୍ରରେ ସାହିବାସୀ ଉଲ୍ଲେଖ କରିଛନ୍ତି, ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରୁଥିବା ଠିକା ସଂସ୍ଥା ପକ୍ଷରୁ ବୈଷ୍ଣବ ସାହି ଦେଇ ଯାଇଥିବା ପୂର୍ତ୍ତ ବିଭାଗ କଂକ୍ରିଟ ରାସ୍ତାକୁ ଖୋଳି ପାଇପ୍ ବିଛାଯାଉଛି। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ଖୋଳିଦିଆଯାଇଥିବା ସ୍ଥାନକୁ କଂକ୍ରିଟ କରାଯାଉ ନାହିଁ। ରାସ୍ତା ଠାରୁ ଦେଢ଼ ମିଟର ଦୂରରେ ଖୋଳିବା ପାଇ ନିୟମ ଥିବାବେଳେ ଠିକା ସଂସ୍ଥା ଏହାକୁ ପାଳନ କରୁନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ସହରାଇ ସିଂ କହିଛନ୍ତି, ରାସ୍ତା ଖୋଳିବା ସମ୍ପର୍କରେ ପୂର୍ବରୁ ଥାନାରେ ଅଭିଯୋଗ କରାଯାଇଥିଲା। କିଛି ଦିନ ବନ୍ଦ କରିବା ପରେ ପୁଣି ରାସ୍ତା ଖୋଳାଯାଇଛି। କଂକ୍ରିଟ ରାସ୍ତା ନଷ୍ଟ ହୋଇଥିବା ସ୍ଥାନକୁ କଂକ୍ରିଟ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ।

# ବିବେକାନନ୍ଦ, ଏମ୍. ପ୍ରିୟସୀ ବିଜେତା



ଅତିଥିଙ୍କ ସହ ବିଜୟୀ ହୋଇଥିବା ପ୍ରତିଯୋଗୀ।

**ଅନୁଗୋଳ,୧୫।୧୨(ମାନସ ବିଶ୍ୱାଳ)**

**ଗ୍ଲାମର ଅଫ୍ ଓଡ଼ିଶା ସିଜିନ-୩**

ଅନୁଗୋଳ ସହରସ୍ଥିତ ବ୍ଲାକ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ଏସ୍. ଫ୍ୟାଶନ ଆଇକନ ତରଫରୁ ଆୟୋଜିତ ଗ୍ଲାମର ଅଫ୍ ଓଡ଼ିଶା ସିଜିନ-୩ରେ ବିଭିନ୍ନ କ୍ୟାଟେଗୋରିରେ ଫ୍ୟାଶନ ଶୋ' ଆୟୋଜିତ ହୋଇଯାଇଛି। ଏହି ଶୋ'କୁ ଅଜିତ କୁମାର ଧର ଉଦ୍‌ଘାଟନ କରିଥିଲେ। ପରେ ଗ୍ଲାମର ଅଫ୍ ଓଡ଼ିଶା ସିଜିନ-୩ ଅରମ୍ଭ ହୋଇଥିଲା। କିଡିସ୍, ସବ୍ ଜୁନିୟର, ଜୁନିୟର, ମିଷ୍ଟର, ମିସ୍ ଓ ମିସେସ୍ ବର୍ଗର ପ୍ରତିଯୋଗିତା ହୋଇଥିଲା। କିଡ୍ସ ବିଭାଗରେ ସମ୍ବଲପୁରର ଚର୍ଚ୍ଚିକା ରାନୀ, ସବ୍‌ଜୁନିୟରରେ କେନ୍ଦ୍ରାପଡ଼ାର ଆଇ.ଜି. ଅଂଶୁମାଳା ଓ ଅନୁଗୋଳର ସାତ୍ୱିକ ପ୍ରଧାନ ପ୍ରଥମ ସ୍ଥାନ କରିଥିବାବେଳେ ଜୁନିୟର ବିଭାଗରେ କଟକର ସମୀକ୍ଷା ରାଉତ ଓ ଅନୁଗୋଳର ଅଭନିତ ଆୟୁଷ୍ମାନ ପ୍ରଥମ ହୋଇଥିଲେ। ମିଷ୍ଟର ବିଭାଗରେ ଅନୁଗୋଳର ବିବେକାନନ୍ଦ ସାହୁ, ମିସ୍ ବିଭାଗରେ ଅନୁଗୋଳର ଏମ. ପ୍ରିୟସୀ ଓ ମିସେସ ବିଭାଗରେ ସମ୍ବଲପୁରର ମୋନାଲିସା ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ମହେଶ ଚନ୍ଦ୍ର ଧଳ ଉପସ୍ଥିତ ଥିଲେ। ବିଚାରପତି ଭାବରେ ସେଲିବ୍ରେଟି ଫ୍ୟାଶନ ମଡେଲ ମିନୁ ଭୋଇ, ରନୱେ ମଡେଲ ପ୍ରିୟ ରଞ୍ଜନ ଓ ମିସେସ୍ ୟୁନିଭରଶାଲ ଇଣ୍ଡିଆ ପ୍ରିୟଶ୍ରୀ ବାହାଲିଆ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ୫୫ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ୨୮ ଜଣ ଗ୍ରାଣ୍ଡ ଫାଇନାଲକୁ ଉତୀର୍ଣ୍ଣ ହୋଇଥିଲେ। ଆୟୋଜକ ସୌମ୍ୟ ରଞ୍ଜନ ରାଉତ, ଉପଦେଷ୍ଟା ସଞ୍ଜୀବ କୁମାର ସାମନ୍ତ, ଉପନିର୍ଦ୍ଦେଶକ ପିନାକୀ ପ୍ରସାଦ ସିଂ, ସନ୍ଧ୍ୟା ଆରାଧାନା ଶତପଥୀ, ନିବେଦିତା ଦାସ, ସବ୍ୟସାଚୀ ନାୟକ, ଅଜୟ ସମଜ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

# ଚାଲାଣ ଭୟରେ ଢାଙ୍କୁଛନ୍ତି ନମ୍ବରପ୍ଲେଟ

**ପୋଲିସର ନଜର ନାହିଁ, ଅପରାଧୀ ଖସିଯିବା ଆଶଙ୍କା**

**ଅନୁଗୋଳ,୧୫।୧୨(ଜ୍ୟୋତିରଞ୍ଜନ ସାହୁ)**



ବିନା ହେଲମେଟରେ ଯାଉଥିବା ବାଇକ୍ ଆରୋହୀ ନମ୍ବର ପ୍ଲେଟକୁ ଢାଙ୍କି ଦେଇଛନ୍ତି।

ଅନୁଗୋଳ ସହରରେ ଟ୍ରାଫିକ ନିୟମର ଖୋଲା ଉଲ୍ଲଂଘନ ଦେଖିବାକୁ ମିଳୁଛି। କେତେଜଣ ବାଇକ୍ ଆରୋହୀ ବିନା ହେଲମେଟରେ ଯାତାୟାତ କରୁଥିବା ବେଳେ ଚାଲାଣ ଓ ଇ-ଚାଲାଣରୁ ବର୍ତ୍ତିବାକୁ ନମ୍ବର ପ୍ଲେଟ ଉପରେ କପଡ଼ା, ପ୍ଲାଷ୍ଟିକ ଆଦି ଢାଙ୍କି ଯାତାୟାତ କରୁଛନ୍ତି। ଫଳରେ ଦୁର୍ଘଟଣା, ଲୁଟପାଟ ଓ ଅନ୍ୟାନ୍ୟ ଅପରାଧ ଘଟିଲେ ଗାଡ଼ି ସହ ଅପରାଧୀଙ୍କୁ ଚିହ୍ନଟ କରିବା ପୋଲିସ ପାଇଁ ଗଭୀର ସମସ୍ୟା ହେଉଛି। ଏପରିକି ସହରର ସୁରକ୍ଷାକୁ ସିଧାସଳଖ ଚାଲେଞ୍ଜ କରାଯାଉଥିବା ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ହୁଲୁରସିଂହା, ବସ୍‌ଷ୍ଟାଣ୍ଡ, ଗାନ୍ଧୀମାର୍ଗ, ହେମସୁରପଡା ଛକ, ଅନୁଗୋଳ ହାଇସ୍କୁଲ ଛକ, ତୁରଙ୍ଗ ଛକ ସହ ସହରର ବିଭିନ୍ନ ଜନବହୁଳ ଓ ବ୍ୟସ୍ତ ଅଞ୍ଚଳରେ କିଛି ଦିନ ଧରି ପୋଲିସ ଓ ଟ୍ରାଫିକ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ ଚାଲିଛି। ଏହି ଯାଞ୍ଚ ସମୟରେ ନମ୍ବର ପ୍ଲେଟ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ଢଙ୍କାଯାଇଥିବା, ଅସ୍ପଷ୍ଟ ଅକ୍ଷରରେ ଲେଖାଯାଇଥିବା କିମ୍ବା ବଙ୍କା ଭାବରେ ଲଗାଯାଇଥିବା ଅନେକ ଯାନ ଧରାପଡ଼ିଛି। ଏପରି ନମ୍ବର ପ୍ଲେଟ ଥିବା ଯାନଗୁଡ଼ିକୁ ଅପରାଧ ପରେ ସିସିଟିଭି ଫୁଟେଜରେ ଚିହ୍ନଟ କରିବା ଅତ୍ୟନ୍ତ କଠିନ ହୋଇପଡୁଛି। ଦୁର୍ଘଟଣା, ଲୁଟପାଟ, ଛିନତାଇ, ନିଶା ଚୋରାଚାଲାଣ ଭଳି ଅନେକ ଆପରାଧିକ କାର୍ଯ୍ୟକଳାପରେ ଏପରି ଯାନ ବ୍ୟବହୃତ ହେଉଥିବା ପୋଲିସ ଆଶଙ୍କା ପ୍ରକାଶ କରିଛି। ଫଳସ୍ୱରୂପ ଅପରାଧରେ ଲିପ୍ତ ଏପରି ଯାନ ଓ ଅପରାଧୀମାନେ ସହଜରେ ଖସିଯିବାର ସମ୍ଭାବନା ବଢ଼ିଯାଉଛି। ମୋଟର ଭେଇକିଲ ଆଇନ ଅନୁଯାୟୀ, ପ୍ରତ୍ୟେକ ଯାନର ନମ୍ବର ପ୍ଲେଟ ସର୍ବଦା ସଫା, ସ୍ପଷ୍ଟ, ନିର୍ଦ୍ଧାରିତ ଆକାର ଓ ରଙ୍ଗରେ ଥିବା ସହ ପଢ଼ିବାଯୋଗ୍ୟ ରହିବା ଆବଶ୍ୟକ। ନମ୍ବର ପ୍ଲେଟ ଉପରେ କୌଣସି ପ୍ରକାର ଆବରଣ, ରଙ୍ଗ, ଷ୍ଟିକର୍, ଫ୍ୟାନ୍ସି ଅକ୍ଷର କିମ୍ବା କପଡ଼ା ଲଗାଇ ଯାନ ଚଳାଇଲେ ଏହା ଆଇନ ଉଲ୍ଲଂଘନ। ଏପରି ମାମଲାରେ ଭାରି ଜରିମାନା ସହ ଆବଶ୍ୟକ ହେଲେ ଯାନ ଜବତ କରାଯିବା ଓ ମାମଲା ରୁଜୁ କରିବା ବ୍ୟବସ୍ଥା ରହିଛି। ଆଗାମୀ ଦିନରେ ନମ୍ବର ପ୍ଲେଟ ଢାଙ୍କି ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଚାଲାଣ ଭୟରେ ଏପରି ଅବୈଧ ଉପାୟ ଆପଣାଇବା ପରିବର୍ତ୍ତେ ଟ୍ରାଫିକ ନିୟମ ମାନି ସୁରକ୍ଷିତ ଓ ଦାୟିତ୍ୱର ଭାବେ ଯାନ ଚଳାଇବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଯାଦୁକର ନିତ୍ୟାନନ୍ଦଙ୍କ ପରଲୋକ

ଢେଙ୍କାନାଳ,୧୫।୧୨(ରତନ ନାୟାର)



ଢେଙ୍କାନାଳର ବିଶିଷ୍ଟ ଯାଦୁକର ନିତ୍ୟାନନ୍ଦ ସାହୁଙ୍କର ରବିବାର ରାତି ପ୍ରାୟ ୧୧ଟା ସମୟରେ ପରଲୋକ ହୋଇଯାଇଛି। କଟକଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୫ବର୍ଷ ହୋଇଥିଲା । ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ତାଙ୍କର ପରଲୋକ ଖବରପାଇ ଢେଙ୍କାନାଳରେ ଶୋକର ଛାୟା ଖେଳିଯାଇଛି । ସେ ଢେଙ୍କାନାଳ ସହର କାଂଚନ ବଜାର ଅଂଚଳରେ ରହୁଥିଲେ । ଯାଦୁକରଏସ୍‌ନିତ୍ୟାନନ୍ଦଭାବରେ୧୯୮୦ ମସିହାରୁ ଯାଦୁବିଦ୍ୟା ପ୍ରଦର୍ଶନ କରି ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଯାଦୁକର ନୃସିଂହ ଚରଣ ମହାନ୍ତି ତାଙ୍କର ଗୁରୁ ଥିଲେ । ସେ ଢେଙ୍କାନାଳ ଯାଦୁକର ସଂଘ ବିଚିତ୍ର ଦୁନିଆର ମଧ୍ୟ ସଭାପତି ଥିଲେ । କଲିକତା, କେରଳ, ଗୋଆ, ସୁରଟ ଓ ବୋକାରୋ ଆଦି ସ୍ଥାନରେ ମଧ୍ୟ ସେ ନିଜର ଯାଦୁବିଦ୍ୟା ପ୍ରଦର୍ଶନ କରି ବହୁ ପ୍ରଶଂସିତ ଓ ସମ୍ମାନିତ ହୋଇଥିଲେ । ସର୍ବଭାରତୀୟ ମ୍ୟାଜିକ ଅଧିବେସନ ଗୁଡିକରେ ମଧ୍ୟ ସେ ଅନେକ ପ୍ରଶଂସା ସାଉଁଟିଥିଲେ । ୧୯୮୮ରେ ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ ଓ ୨୦୨୨ରେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରରେ ତାଙ୍କ ସଂଯୋଜନାରେ ଦୁଇଟି ରାଜ୍ୟସ୍ତରୀୟ ଯାଦୁବିଦ୍ୟା ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇଥିଲା । ତାଙ୍କ ପରଲୋକରେ ଢେଙ୍କାନାଳ ମ୍ୟାଜିସିଆନ ମହଲରେ ଶୋକର ଛାୟା ଖେଳିଯାଇଛି । ସୋମବାର ସହରସ୍ଥିତ ଦଧିବାବମ ମଠ ପ୍ରାଙ୍ଗଣରେ ଏକ ଶୋକସଭା ଆୟୋଜିତ ହୋଇ ତାଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିବା ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ ଜଣାଇଛନ୍ତି ।

# ଜମିହରା ପ୍ରଜାଙ୍କ ଆମରଣ ଅନଶନ ଷଷ୍ଠ ଦିନରେ

ଢେଙ୍କାନାଳ,୧୫।୧୨(ରତନ ନାୟାର)



ଧାରଣା ଦେଇଥିବା ଜମିହରା ପ୍ରଜା।

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ବଉଳପୁର ରିଲାଆନ୍ସ କମ୍ପାନୀ ନିର୍ମାଣ ପାଇଁ ଜମି ଦେଇ ନିଯୁକ୍ତି ନ ପାଇ ଜମିହରା ପ୍ରଜାମାନେ ନିରାଶ ହୋଇଛନ୍ତି। ବାରମ୍ବାର ଦୃଷ୍ଟି ଆକର୍ଷଣ ଓ ଆନ୍ଦୋଳନ ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଏହାର ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରଖିଥିବା ଆମରଣ ଅନଶନ ସୋମବାର ଷଷ୍ଠ ଦିନରେ ପହଁଚିଛି । ଅନଶନକାରୀ ମାନେ ଶୀତ କାକରେ ଦିନରାତି ଧାରଣା ସ୍ଥଳରେ ବସି ରହିଛନ୍ତ । ତଥାପି ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ସୋମବାର ପୂର୍ବତନ ଏମ୍‌ପି ମହେଶ ସାହୁ ଅନଶନ ସ୍ଥଳକୁ ଯାଇ ଉଦବୋଧନ ପ୍ରଦାନ କରି ଜମିହରା ପ୍ରଜାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଦାବୀ କରିଥିଲେ। ପ୍ରକାଶଥାଉକି, ଓଡାପଡା ବ୍ଲକ୍ ଅନ୍ତର୍ଗତ ସଦାଶିବପୁର ଗ୍ରାମପଞ୍ଚାୟତର ବଉଳପୁର ଠାରେ ଗଢ଼ିଉଠିଥିବା ରେଲିଆନ୍ସ ଇଣ୍ଡଷ୍ଟ୍ରିଜ୍ ସିବିଜି କମ୍ପାନୀ ନିର୍ମାଣ ପାଇଁ ଜମିହରା ପ୍ରଜାମାନେ ଜମି ଦେଇ ନିଯୁକ୍ତି ପ୍ରତିଶ୍ରୁତି ଲିଖିତ ଆକାରରେ ପାଇଥିଲେ ମଧ୍ୟ କମ୍ପାନୀ କର୍ତୃପକ୍ଷ ଓ ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ବାରମ୍ବାର ଲିଖିତ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ନମିଳିବାରୁ ଜମିହରା ପ୍ରଜା ସଂଘ ଆମରଣ ଅନଶନକୁ ଓହ୍ଲାଇଥିଲେ । ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଶୀତ କାକରରେ ଅନଶନ ଜାରି ରହିବ ବୋଲି ସଂଘର ସଭାପତି ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି ।

# ମୋବାଇଲ ଚୋରି କରି ୯୧ହଜାର ଟଙ୍କା ଲୁଟ୍

## ବିହାର ଅଞ୍ଚଳର ନାବାଳକ ଗିରଫ

ଢେଙ୍କାନାଳ,୧୫।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ସାଇଁବିରି ଅଂଚଳର ବିକାଶ କୁମାର ସାହୁ ନାମକ ଜଣେ ବିଦ୍ୟୁତ ବିଭାଗର କର୍ମଚାରୀଙ୍କ ଠାରୁ ଗତ ଜାନୁଆରୀ ମାସରେ ତାଙ୍କର ମାବୋଇଲକୁ ଲୁଟ୍ କରି ଫୋନ୍ ପେ ମାଧ୍ୟମରେ ତାଙ୍କ ଆକାଉଁଟରେ ୯୧ହଜାର ଟଙ୍କା ଲୁଟ୍ ହୋଇଥିଲା । ଏହି ଘଟଣାରେ ଦୀର୍ଘ ୧୧ମାସ ପରେ ଟାଉନ ଥାନା ପୋଲିସ ତଦନ୍ତ କରି ବିହାର ରାଜ୍ୟର ସମସ୍ତିପୁର ଜିଲାର ଜଣେ ନାବାଳକଙ୍କୁ ଧରିବା ସହିତ ତାଙ୍କ ଠାରୁ ୪୦ହଜାର ଟଙ୍କା ଏବଂ ଏକ ମୋବାଇଲକୁ ଜବତ କରିଥିଲେ । ଘଟଣାରୁ ଜଣାପଡିଛି ଯେ, ଗତ ଜାନୁଆରୀ ମାସରେ ଅଭିଯୋଗକାରୀ ବିକାଶ କୁମାର ସାହୁ ଟ୍ରେନ୍ ଯୋଗେ ଫେରୁଥିବା ବେଳେ ପଲାସା ରେଳ ଷ୍ଟେଶନଠାରେ ଟ୍ରେନ୍ ରହିଥିବା ବେଳେ ତାଙ୍କର ମୋବାଇଲଟି ଚୋରୀ ହୋଇଯାଇଥିଲା । ଏ ସଂକ୍ରାନ୍ତରେ ସେ ଢେଙ୍କାନାଳରେ ପହଁଚିବା ପରେ ନୁଆ ସିମ୍ ପାଇବା ନିମନ୍ତେ ଟାଉନ ଥାନାରେ ଏକ ଅଭିଯୋଗ କରିଥିଲେ । ନୁଆ ସିମ୍ ପାଇବା ପରେ ଫୋନ୍ ପେରେ ଥିବା ତାଙ୍କ ଆକାଉଁଟରେ ୯୧ହଜାର ଟଙ୍କା ଲୁଟି ହୋଇଥିବା ଜାଣିବାକୁ ପାଇଲେ । ଏ ସଂକ୍ରାନ୍ତରେ ଟଙ୍କା ଲୁଟ୍ ସମ୍ପର୍କରେ ସେ ଟାଉନ ଥାନାରେ ଆଉଏକ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତିକରି ଟାଉନ ଥାନାରେ ସେହି ସମୟରେ କେସ୍ ନଂ–୩୦।୨୫ରେ ଏକ ମାମଲା ରୁଜୁ କରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିଲା । ବହୁବାର ଫୋନ୍‌କୁ ଟ୍ରାକିଂ କରିବା ପରେ ଘଟଣାର ଅଭିଯୁକ୍ତ ଜଣେ ନାବାଳକ ଜଟଣୀ ଆସିଥିବା ବେଳେ ଖବରପାଇ ଟାଉନ ଥାନା ପୋଲିସ ତାଙ୍କୁ ସେଠାରୁ ଧରି ନେଇଥିଲେ । ତାଙ୍କ ଠାରୁ ସେ ବ୍ୟବହାର କରୁଥିବା ମୋବାଇଲ ସହିତ ନଗଦ ୪୦ହଜାର ଟଙ୍କା ମଧ୍ୟ ଜବତ କରିଥିଲେ । ଏହାପରେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯାଇଥିଲା । ପରେ ତାଙ୍କୁ ଅନୁଗୋଳସ୍ଥିତ ସ୍ୱଧାର ଗୃହକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

# ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ



ଓଡ଼ାପଡ଼ା, ୧୫।୧୨, (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ବଳରାମପ୍ରସାଦ କଲ୍ୟାଣ ମଣ୍ଡପ ମଧ୍ୟରେ ଓଡ଼ାପଡ଼ା ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ଗରିବ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଂଘ ସଭାପତି ମନୋଜ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଳରାମପ୍ରସାଦ ପଞ୍ଚାୟତ ସରପଞ୍ଚ କାଞ୍ଚନବାଳା ରାଉତ, ଓଡ଼ାପଡ଼ା ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ବାଙ୍ଗୁରସିଂହ ପୂର୍ବତନ ସରପଞ୍ଚ ଜଗବନ୍ଧୁ ଦଳେଇ, ଓଡ଼ାପଡ଼ା ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ବେହେରା ଓ କାମାକ୍ଷାନଗର ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ସଭାପତି ରବିନାରାୟଣ ସାହୁ ଯୋଗଦେଇ କହିଥିଲେ କି ଦେଶ ମାତୃକାର ସେବା କରି ଅବସର ନେବା ପରେ ମଧ୍ୟ ସେମାନେ ସମାଜ ସେବାବ୍ରତୀ ହେବାକୁ ଯେଉଁ ସଙ୍କଳ୍ପ ନେଇ କାର୍ଯ୍ୟକରୁଛନ୍ତି ତାହା ପ୍ରଶଂସନୀୟ ବୋଲି ଅତିଥି କହିଥିଲେ। ବିରେନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ମନୋଜ କୁମାର ପରିଡ଼ା ଧନ୍ୟବାଦ ଜଣାଇଥିଲେ।

## ମହିଳାଙ୍କୁ ଗାଳିଗୁଲଜ ଅଭିଯୋଗ

ବଅଁରପାଳ,୧୫।୧୨ (ସୁବାସ ସାହୁ)

ଅଶ୍ଳୀଳ ଭାଷାରେ ଗାଳିଗୁଲଜ ନେଇ ଜଣେ ମହିଳା ବଅଁରପାଳ ଥାନାରେ ଅଭିଯୋଗ କରିଛନ୍ତି। ଗାଁ ବଙ୍ଗଳା ସାହିର ଟିକିନା ନାଏକ ଅଭିଯୋଗରେ ଦର୍ଶାଇଛନ୍ତି, ସେ ଏକ ହର୍ବାଲ ମେଡିସିନ ସଂସ୍ଥାରେ କାମ କରନ୍ତି। ଏପରିକି ସେ ଅର୍ଡର କରିଥିବା ଔଷଧ ଗ୍ରାହକଙ୍କ ଘରେ ପହଞ୍ଚାଇଥାନ୍ତି। କେତେଜଣ ଗ୍ରାହକ ତାଙ୍କ ଘରକୁ ଆସି ଔଷଧ ନେଇଥାନ୍ତି। ଏହାକୁ ନେଇ ଦିଅର ରିତେଶ ନାଏକ ଓ ଶ୍ୱଶୁର ସୁଦର୍ଶନ ନାଏକ ତାଙ୍କୁ ଗାଳିଗୁଲଜ କରିବାରୁ ଉଭୟ ପରିବାର ଭିତରେ ଗଣ୍ଡଗୋଳ ହୋଇଥିଲା। ବଅଁରପାଳ ପୋଲିସ ନଂ. ୬୫୯/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି।

# ସର୍କଲସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଢେଙ୍କାନାଳ,୧୫।୧୨(ରତନ ନାୟାର)

ଢେଙ୍କାନାଳ କଙ୍କଡାହାଡ ବ୍ଲକ୍ ମହାବିରୋଡ ସର୍କଲସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସମାରୋହ ଧୋବଲିପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସର୍କଲ ସଭାପତି ବାବାଜୀ ଚରଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଗୁଣ୍ଡିଚା ସ୍ୱାଇଁ ମୁଖ୍ୟ ଅତିଥି, ଅନନ୍ତ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସର୍କଲ ସମ୍ପାଦକ ସୁବାଷ ଚନ୍ଦ୍ର ସିଂହ, ସିଆର୍‌ସିସି ପଦ୍ମଲାଭ ସାହୁ, ଦୁଷ୍ମନ୍ତ କୁମାର ଦେହୁରୀ, ସନ୍ତୋଷ ବେହେରା, ରାଜେଶ ପୃଷ୍ଟି, ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ମିଲି ସିଂହ ପ୍ରମୁଖଙ୍କ ସମେତ ସର୍କଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ । ଚଳିତ ବର୍ଷରେ ଅବସରପ୍ରାପ୍ତ ଶିକ୍ଷକ ପଦ୍ମ ଚରଣ ମୁଦୁଲି, ଚରଣ ସାହୁ, ଭୋଳେଶ୍ୱର ସେଠ୍ ଏବଂ ସଲିଳା କୁମାରୀ ସାହୁ ଅବସର ଗ୍ରହଣ କରିଥିଲେ । ସେମାନଙ୍କୁ ଉତରୀୟ, ମାନପତ୍ର, ଶ୍ରୀମଦ୍ ଭାଗବତ ଗୀତା ଉପହାର ପ୍ରଦାନ କରାଯାଇ ସେମାନଙ୍କ ଅବସର ଜୀବନ ସୁଖମୟ, ଆନନ୍ଦମୟ ସହ ରୋଗମୁକ୍ତ ରୁହନ୍ତୁ ବୋଲି ପ୍ରଭୁ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା ଜଣାଇ ବିଦାୟ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରୋଜ କୁମାର ସାହୁ ମଂଚ ପରିଚାଳନା କରିଥିବାବେଳେ ଦୁଷ୍ମନ୍ତ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିଧାରପୁର ପଞ୍ଚାୟତ ଗସ୍ତ



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଗଁଦିଆ,୧୫।୧୨(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ବିଧାରପୁର ପଂଚାୟତକୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗ୍ରସ୍ତ କରି ଦୁଇଗୋଟି ପ୍ରକଳ୍ପ ଉଦଘାଟନ କରିବା ସହିତ ଲୋକଙ୍କ ସମସ୍ୟା ବୁଝିଥିଲେ। ବିଧାରପୁର ଠାରେ ୫ଲକ୍ଷ ବ୍ୟୟ ଅଟକଳରେ ମା ନାଗମଣି ମଙ୍ଗଳା ମନ୍ଦିର ନିକଟରେ ମଙ୍ଗଳା ଗୋଷ୍ଠୀ କେନ୍ଦ୍ର ଓ ୪ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଶନି ମଣ୍ଡପ ଭୋଗ ମଣ୍ଡପକୁ ଉଦଘାଟନ କରିଥିଲେ। ଉଦଘାଟନ ଅବସରରେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ବିଧାରପୁର ସରପଂଚ ଅଜୟ ମହାନ୍ତି, ବିଧାରପୁର ସମିତି ସଭ୍ୟା ସବିତା ଭୋଇଙ୍କ ସମେତ ଶିକ୍ଷାବିତ୍ ଡ. ସମୀର କୁମାର ସାହୁ ଯୋଗ ଦେଇଥିଲେ । ପରେ ବିଧାରପୁର ଗ୍ରାମପଂଚାୟତ ଠାରେ ଏକ ଜନ ଶୁଣାଣି କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେଇ ଲୋକଙ୍କ ସହିତ କଥା ହୋଇ ସମସ୍ୟା ପଚାରି ସମାଧାନ ହେବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା

କାମାକ୍ଷାନଗର, ୧୫। ୧୨ (ସୁଧୀର କୁମାର ପରିଡା)



ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ସୋମବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ (ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଜିଲ୍ଲା ଓଷ୍ଟାର ଜିଲା ସଭାପତି ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ଲୋକନାଥ ସ' ମୁଖ୍ୟଅତିଥି, ପ୍ରମୋଦ କୁମାର ମିଶ୍ର, କୈଳାଶ ଚନ୍ଦ୍ର ପୃଷ୍ଟି, ଉପେନ୍ଦ୍ରନାଥ ପଣ୍ଡା, ବ୍ଲକ ନୋଡାଲ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷକ ନିରଞ୍ଜନ ସାହୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାମାକ୍ଷାନଗର ବ୍ଲକ ଓଷ୍ଟା ସଭାପତି ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ମହେଶ୍ୱର ବେହେରା, କେଶବ ଭୋଇ, ବାନାର୍ଜୀ ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ । କାମାକ୍ଷାନଗର ଓଷ୍ଟାର ସଭ୍ୟମାନଙ୍କ ସହ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତୀ, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ ଏହିପରି ମୋଟ ଦଶଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତି ବିଭାଗରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ଶୁଶୁ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ସଭାପତି ସୂଚନା ପ୍ରଦାନ କରିଥିଲେ ।

# ମାଗଣା ସ୍ୱାସ୍ଥ୍ୟ ଶିବିର



ପରଜଙ୍ଗ ୧୫।୧୨ (ନିଗମାନନ୍ଦ ଦଳବେହେରା)

ଢ଼େଙ୍କାନାଳ ଜିଲା ପରଜଙ୍ଗ ଥାନା ନିକଟ ରେଡ ନାଇଟ କ୍ଲବ ପରିବାର ତରଫରୁ ସୋମବାର କ୍ଲବ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଳଚେର ସ୍ଥିତ ଜେବିଆର୍ ହସ୍ପିଟାଲ ଏହି ଶିବିରକୁ ସହଯୋଗ କରିଲା। ଏହି ସାସ୍ଥ୍ୟ ଶିବିରରେ ସାସ୍ଥ୍ୟ ପରୀକ୍ଷା,ଡାକ୍ତର ପରାମର୍ଶ, ଇସିଜି ଓ ଔଷଧ ବିତରଣ ଆଦି ମାଗଣାରେ ରୋଗୀମାନଙ୍କୁ ଉପଲବ୍ଧ ହୋଇଥିଲା। ସମୁଦାୟ ୩୦୦ ଜଣ ସ୍ୱାସ୍ଥ୍ୟ ଜନିତ ଡାକ୍ତର ପରାମର୍ଶ କରିଥିବା ବେଳେ ୪୦ ଜଣ ଇସିଜି ପରୀକ୍ଷା କରିଥିଲେ। ଡାକ୍ତର ଶକ୍ତିବ୍ରତ ଚୌଧରି (ମେଡିସିନ ବିଶେଷଜ୍ଞ) , ଡ଼ା. କେ କେ ଦାସ (ଆଣ୍ଠୁ ଗଣ୍ଠି), ଡ଼ା. ଚନ୍ଦନ ମାରାଣ୍ଡି ( ଶିଶୁ ବିଶେଷଜ୍ଞ), ଡ଼ା ସେଓତେର୍ଶିନି ରଘେ (ଏମବିବିଏସ) ସାସ୍ଥ୍ୟ ଶିବିରରେ ଉପସ୍ଥିତିରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଅର୍ଚ୍ଚନା ସାହୁ, ସୁଶିଲ ମହାନ୍ତି, ଶିବାନନ୍ଦ ପ୍ରଧାନ ସହଯୋଗ କରିଥିଲେ। ରେଡ ନାଇଟ କ୍ଲବ ସଭାପତି କ୍ରିସ ସାମଲ, ଅପରାଜିତା ସାମଲ, ବଟରସ୍କଚ ଅର୍ଚ୍ଚନା, ଲୋକନାଥ ଦଳବେହେରା , ବବୁଲ ସାହୁ, ରାଜା ଦଳବେହେରା,ଅଜିତ କୁମାର ସାମଲ ,ସୁଶୀଲ ସାମଲ, ସନ୍ଦୀପ ମହାରଣା, ଆଶୁ ସିଙ୍ଗ, ହିମାଂଶୁ ସାହୁ ସମେତ ସମସ୍ତ ସଭ୍ୟା ସଭ୍ୟ ସହଯୋଗ କରିଥିଲେ ।

# ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍‌କୁ ପ୍ରତିବାଦ

ଢେଙ୍କାନାଳ,୧୫।୧୨(ରତନ ନାୟାର)

ବିଦ୍ୟୁତ୍ ବିଭାଗର ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ମେସେଜ୍‌କୁ ନେଇ ବିକେଏମ୍ୟୁ ଜିଲା ପରିଷଦ ପକ୍ଷରୁ ଢେଙ୍କାନାଳ ଜିଲାପାଳଙ୍କଠାରେ ଏକ ଅଭିଯୋଗ ପତ୍ର ଦାଖଲ କରାଯାଇଛି। ବିଦ୍ୟୁତ୍ ଉପଭୋକ୍ତାମାନେ ବିଦ୍ୟୁତ୍ ସଂଯୋଗ ସମୟରେ ସିକ୍ୟୁରିଟି ଟଙ୍କା ଡିପୋଜିଟ୍ କରି ବିଦ୍ୟୁତ ବ୍ୟବହାର କରି ଆସୁଛନ୍ତି । ସେହି ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ବର୍ତମାନ ବିଦ୍ୟୁତ୍ ବିଭାଗ ଅତିରିକ୍ତ ସିକ୍ୟୁରିଟି ଟଙ୍କା ଦାଖଲ କରିବାକୁ ମେସେଜ୍ ଦେଉଛନ୍ତି, ତାହା ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଷୋଷଣ କରିବା ଛଡା କିଛି କାରଣ ନାହିଁ ବୋଲି ବିକେଏମ୍ୟୁ ପକ୍ଷରୁ ଦର୍ଶାଇଛନ୍ତି । କାରଣ ବିଦ୍ୟୁତ୍ ସଂଯୋଗ କଲାବେଳେ ସିକ୍ୟୁରିଟି ଟଙ୍କା ଦାଖଲ କରିଛନ୍ତି । ଏବେ କାହିଁକି ଅତିରିକ୍ତ ସିକ୍ୟୁରିଟି ଟଙ୍କାର ଆବଶ୍ୟକ ଦେଖାଦେଲା ତାହା ସ୍ପଷ୍ଟିକରଣ ଦେବାର ଅବଶ୍ୟକତା ରହିଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ଏହାର ତଦନ୍ତ କରାଯାଇ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇ ଏହି ଅତିରିକ୍ତ ସିକ୍ୟୁରିଟି ଟଙ୍କାକୁ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ନ ନେବା ପାଇଁ ଭାରତୀୟ କ୍ଷେତ ମଜଦୁର ୟୁନିୟନର ସଂପାଦକ ରବି ରଥ ଜିଲାପାଳଙ୍କ ପାଖରେ ଅଭିଯୋଗ ଜଣାଇଛନ୍ତି ।

# ପରଜଙ୍ଗରେ ଅଭିଯୋଗ ଶୁଣାଣି ଶିବିର

ପରଜଙ୍ଗ ୧୫।୧୨(ନିଗମାନନ୍ଦ ଦଳବେହେରା)




ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକରଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୧୯ ଅଭିଯୋଗ ଗ୍ରହଣ ହୋଇଥିଲା। ସେଥି ମଧ୍ୟରୁ ଆବାସ ଗୃହ ଓ ଭତ୍ତା ପାଇଁ ୪୬ ଜଣ, ସାମୂହିକ ସମସ୍ୟା, ରାସନ କାର୍ଡ ଗୁଣ୍ଡିକିଆ ପଟ୍ଟା , ସହ ସାଧାରଣ ଅଭିଯୋଗ ରହିଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ଲେଖାଏଁ ୪୦ ହଜାର ସହାୟତା ରାଶି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କର, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଂଜୟ ମହାପାତ୍ର, କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣୀ ନାୟକ, ଏସଡିପିଓ ରଜନୀକାନ୍ତ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା,ଜିଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ତହସିଲଦାର ସୁଦେବ କୁମାର ପୃଷ୍ଟି, ବିଡ଼ିଓ ସୌଭାଗ୍ୟ କୁମାର ବେହେରା, ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ, ଥାନାଧିକାରୀ ଧିରେନ କୁମାର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା ସ୍ମୃତି ରଞ୍ଜନ ବିଶାଳ, ଜିଲ୍ଲା ଶ୍ରମ ଅଧିକାରୀ ତପନ ସୁତାର, ଜିଲ୍ଲା ଶିକ୍ଷା ଅଧିକାରିଣୀ, ଡିପିଓ, ବ୍ଲକ ସିନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟ ସୁମନ୍ତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ନିମନ୍ତେ ଏସ ଆଇ ସୁଶ୍ରୀ ଅନାମିକା, ଏଏସଆଇ ଜଳନ୍ଧର ବାରିକ ସମେତ ପୋଲିସ କର୍ମଚାରୀ ଉପସ୍ଥିତି ଥିଲେ । ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ନାବାଳିକାଙ୍କୁ ପ୍ରେମ ନିବେଦନ, ଯୁବକ ଗିରଫ

ଅନୁଗୋଳ,୧୫।୧୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଦୀର୍ଘଦିନ ଧରି ହଇରାଣ କରୁଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏକାଘରିଆ ଗାଁର ରାଜା ନାଏକ (୨୨)। ପୋଲିସ ସୂଚନା ଅନୁସାରେ, ୧୩ ଡିସେମ୍ବରରେ ନବାଳିକା ଓ ତାଙ୍କ ମା' ଅନୁଗୋଳ ଥାନାରେ ଅଭିଯୋଗ ଦାଖଲ କରିଥିଲେ। ସ୍କୁଲରୁ ଫେରୁଥିବା ସମୟରେ ୨ ବର୍ଷ ହେଲା ଅଭିଯୁକ୍ତ ଯୁବକ ନାବାଳିକାକୁ ଅଟକାଇ ପ୍ରେମ ସମ୍ପର୍କିତ ଓ ଅଶ୍ଳୀଳ କଥା କହି ମାନସିକ ନିର୍ଯାତନା ଦେଉଥିଲା। ୧୩ ତାରିଖ ସକାଳେ ଏକ ଚିଠି ଦେଇ ଧମକ ଦେଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ସରକାରଙ୍କୁ ଦିବ୍ୟାଙ୍ଗ ଦମ୍ପତିଙ୍କ ଆକୁଳ ନିବେଦନ

ପରଜଙ୍ଗ, ୧୫।୧୨ (ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ପଞ୍ଚାୟତ ଅନ୍ତର୍ଗତ ଶୁଣ୍ଠିକାଟେଣୀଦ୍ୱାଁରେ ରହୁଛନ୍ତି ଅସହାୟ ଦିବ୍ୟାଙ୍ଗ ବୃଦ୍ଧ ଦମ୍ପତି ତୀର୍ଥ କାଣ୍ଡି ଏବଂ ଶଯ୍ୟାଶାୟୀ ସ୍ତ୍ରୀ ବାସନ୍ତୀ କାଣ୍ଡି। ବୟସର ଅପରାହ୍ନରେ ଅସହାୟ ଦିବ୍ୟାଙ୍ଗ ତୀର୍ଥ ଓ ବାସନ୍ତୀ ସରକାରଙ୍କଠାରୁ ପାଉଥିବା ୧୦ କିଲୋ ଚାଉଳ ଏବଂ ତୀର୍ଥ ୧ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତାରେ ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ସ୍ତ୍ରୀ ବାସନ୍ତୀ ଆଜକୁ ୧୦ ବର୍ଷ ହେବ ପକ୍ଷଘାତ ରୋଗରେ ପୀଡିତ ହୋଇ ମୃତ୍ୟୁ ସହିତ ସଂଘର୍ଷ କରୁଛନ୍ତି। ତୀର୍ଥ କାଣ୍ଡି ଏକ ଦୁର୍ଘଟଣାର ଶିକାର ହୋଇ ଅକର୍ମଣ୍ୟ। ତଥାପି ସ୍ତ୍ରୀ ବାସନ୍ତୀର ସେ ସେବା ଶୁଶ୍ରୂଷାରେ ଲାଗିପଡିଛନ୍ତି। ପେଟ ପୋଷିବାରେ ଅକ୍ଷମ ତୀର୍ଥ। କିନ୍ତୁ ବହୁ କଷ୍ଟରେ ପଡୋଶୀ ଏବଂ ଗ୍ରାମବାସୀଙ୍କ ସହଯୋଗରେ ପେଟ ପୋଷୁଛନ୍ତି। ବହୁ ଦୁଃଖ ଦୁର୍ଦ୍ଦଶାରେ ତୀର୍ଥଙ୍କ ଭତ୍ତା ଟଙ୍କା ହିଁ ପରିବାରର ସାହାରା ପାଲଟିଛି। ଏପରିକି ପକ୍ଷଘାତରେ ପୀଡିତ ସ୍ତ୍ରୀ ବାସନ୍ତୀଙ୍କୁ ଭଲରେ ଖାଦ୍ୟ କିମ୍ବା ଚିକିତ୍ସା କରାଇ ପାରୁନାହାନ୍ତି ତୀର୍ଥ। ସ୍ତ୍ରୀର ବାର୍ଦ୍ଧକ୍ୟ ଭତ୍ତା କିମ୍ବା ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଏ ଅଫିସରୁ ସେ ଅଫିସ ବୁଲୁ ବୁଲି ନୟାନ୍ତ ହୋଇଗଲେଣି। ଶେଷରେ ନିଜର କୋହ ଲୁହ ଭରା କଷ୍ଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆକୁଳ ନିବେଦନ କରିଛନ୍ତି। ସରକାରଙ୍କ ସହଯୋଗ କିମ୍ବା ସାହାଯ୍ୟ ନ ମିଳିଲେ, ବୃଦ୍ଧ ଦମ୍ପତି ଜୀବନ ହାରିଦେବେ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ଉପଖଣ୍ଡ ଚିକିତ୍ସକ ଡାକ୍ତର ଦିଗାମ୍ବର ସାହୁଙ୍କୁ ଅବଗତ କରାଇଥିଲୁ। ତେବେ ସେ ଦିବ୍ୟାଙ୍ଗ ପ୍ରମାଣପତ୍ର ଏବଂ ଚିକିତ୍ସାରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାଏକ ଘଟଣା ସମ୍ପର୍କରେ ଜାଣିବା ପରେ ସ୍ୱାସ୍ଥ୍ୟ ବିଭାଗର ଟିମ ପଠାଇ ତଦନ୍ତ କରିବାକୁ ପ୍ରକାଶ କରିଛନ୍ତି।

# ଦିଲ୍ଲୀରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୧୫।୧୨
(ସତ୍ୟଜିତ ରାଉତ)

**ଚାକିରି ଦେବା ନାଁରେ ଠକେଇ ଘଟଣା**

- ପୂର୍ବରୁ ଗିରଫ ହୋଇଥିଲେ ମାଷ୍ଟରମାଇଣ୍ଡଙ୍କ ସମେତ ୩
- ଫେରାର ଗୌତମ କୁମାରଙ୍କ ବିରୋଧରେ ଜାରି ହୋଇଥିଲା ଏନ୍‌ବିଡବ୍ଲ୍ୟୁ


ଗୌତମ କୁମାର

ଚାକିରି ଦେବା ନାଁରେ ଓଡ଼ିଶା ସମେତ ୧୭ ରାଜ୍ୟର ପ୍ରାୟ ଦେଢ଼ଲକ୍ଷ ଆଶାୟୀଙ୍କଠାରୁ ୬.୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉ ଜଣେ ଅଭିଯୁକ୍ତଙ୍କୁ ଦିଲ୍ଲୀରୁ ଗିରଫ କରିଛି। ସେ ହେଲେ ବିହାର ଖଗରିଆ ଜିଲାର ଗୌତମ କୁମାର। ଗୁରୁବାର ନୂଆଦିଲ୍ଲୀ ରୋହିନି ଅଞ୍ଚଳରୁ ତାଙ୍କୁ ଗିରଫ କରାଯିବା ପରେ ରୋହିନି ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଗୌତମଙ୍କୁ ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ସୋମବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ମାଷ୍ଟରମାଇଣ୍ଡ ଧରମ୍‌ପାଲ ସିଂ, ସହଯୋଗୀ ଜୟରାମ ତିୱାରୀ ଓ ଅମିତ ସିଂଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନାଁରେ ଇଓଡବ୍ଲ୍ୟୁ ଚାର୍ଜଶିଟ୍ ଦାଖଲ କରିସାରିଛି।

ସୂଚନା ଅନୁଯାୟୀ, ମାଷ୍ଟରମାଣ୍ଡ ଧରମ୍‌ପାଲ ସହଯୋଗୀଙ୍କ ସହ ମିଶି ଗ୍ରାମୀଣ ରୋଜଗାର କଲ୍ୟାଣ ସଂସ୍ଥାନ ନାଁରେ ନକଲି ୱେବ୍‌ସାଇଟ୍ ଖୋଲିଥିଲେ। ଦିଲ୍ଲୀରେ ଏହାର ମୁଖ୍ୟ ଅଫିସ ସହ ମୁମ୍ବାଇ, ଭୋପାଳ ଓ ଡେରାଡୁନ୍‌ରେ ମଧ ଶାଖା ଖୋଲିଥିଲେ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଛତିଶଗଡ଼ ଆଦି ୧୭ଟି ରାଜ୍ୟରେ ନିଜର ନେଟ୍‌ୱର୍କ ତିଆରି କରିଥିଲେ। ପରେ ଉକ୍ତ ୱେବ୍‌ସାଇଟ୍‌ରେ ସରକାରୀ ବିଜ୍ଞାପନ ଢାଞ୍ଚାରେ ୧୦ରୁ ଊର୍ଦ୍ଧ୍ୱ ଭାଷାରେ ବିଜ୍ଞାପନ ଦେଇ ଜାଲ ବିଛାଇଥିଲେ। ଜିଲା ଓ ବ୍ଲକ କୋଅର୍ଡିନେଟର ଆଦି ବହୁ ପଦବୀ ପାଇଁ ଖବରକାଗଜ ଜରିଆରେ ବିଜ୍ଞାପନ ଦେଇଥିଲେ। ୱେବ୍‌ସାଇଟ୍‌ରେ ଆଶାୟୀମାନେ କେବଳ ଆବେଦନ କରିପାରିବେ ବୋଲି କୁହାଯାଉଥିଲା। ଅନ୍‌ଲାଇନ୍ ଫି' ବାବଦକୁ ଜେନେରାଲ ଏବଂ ଓବିସି ବର୍ଗ ପାଇଁ ୩୭୦ ଟଙ୍କା ଥିବାବେଳେ ଜନଜାତିଙ୍କ ଲାଗି ୧୭୦ ଟଙ୍କା ରହିଥିଲା। ଆବେଦନ କରୁଥିବା ଆଶାୟୀଙ୍କୁ ଅନ୍‌ଲାଇନ ଜରିଆରେ ପରୀକ୍ଷା ଓ ସାକ୍ଷାତ୍‌କାର ନେବାକୁ ଅଭିଯୁକ୍ତମାନେ କହୁଥିଲେ। ପରେ ଆଶାୟୀମାନଙ୍କୁ ଅଯୋଗ୍ୟ କହି କାଟିଦେଉଥିଲେ। ହେଲେ ଫି' ବାବଦକୁ ବହୁ କୋଟି ଟଙ୍କା ଠକି ନେଉଥିଲେ। ଏନେଇ ଇଓଡବ୍ଲ୍ୟୁ ଡିଏସ୍‌ପି ସସ୍ମିତା ସାହୁଙ୍କ ରିପୋର୍ଟ ଆଧାରରେ ୨୦୨୩ ଜାନୁୟାରୀ ୨୫ରେ ମାମଲା (ନଂ.୫/୨୦୨୩) ରୁଜୁ ହୋଇ ତଦନ୍ତ ହୋଇଥିଲା। ତେବେ ଦୀର୍ଘଦିନ ଫେରାର ରହିବା ପରେ ଗୌତମଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। 'ଗ୍ରାମୀଣ ରୋଜଗାର ସଂସ୍ଥାନ' ଆକାଉଣ୍ଟରୁ ଗୌତମଙ୍କ ଆକାଉଣ୍ଟକୁ ୬୯.୨୦ ଲକ୍ଷ ଯାଇଥିବା ତଦନ୍ତରୁ ଜଣାପଡ଼ିଛି।

# ଅପହରଣ ପରେ ହାତଗୋଡ଼ ବାନ୍ଧି ନାବାଳିକାଙ୍କୁ ନିର୍ଯାତନା

ଭଦ୍ରକ,୧୫।୧୨(ସନାତନ ରାଉତ)

- ସଉଦା କିଣିବାକୁ ଡାକି ନେଇ ଅପହରଣ କରିଥିଲେ ଦମ୍ପତି
- ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ମହିଳା ମହାସଂଘ

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ ପରେ ଅକଥନୀୟ ନିର୍ଯାତନା ଦିଆଯାଇଛି। ହାତଗୋଡ଼ ବାନ୍ଧି କାର୍‌ରେ ଅପହରଣ କରି ପ୍ରଥମେ ତିହିଡ଼ି ନିଆଯାଇଥିବା ବେଳେ ସେଠାରୁ ପରେ ଟ୍ରେନ୍‌ରେ ଦିଲ୍ଲୀ ନିଆଯାଇଥିଲା। ସେଠାରେ ମଧ ହାତଗୋଡ଼ ବାନ୍ଧି ଛାତ ଉପରେ ରଖାଯାଇଥିଲା। ସେଠାର ଜଣେ ୪୫ ବର୍ଷୀୟ ବ୍ୟକ୍ତିଙ୍କ ସହ ବିବାହ କରିବାକୁ ରାଜି ହେବା ପାଇଁ ତାଙ୍କୁ ବାଧ କରାଯାଇଥିଲା। ରାଜି ନ ହେବାରୁ ମାଡ଼ ମାରିବା ସହ ଚେଙ୍କ ମଧ ଦିଆଯାଇଥିଲା। ସବୁ ଅତ୍ୟାଚାର ସହିବା ପରେ ନାବାଳିକା ଜଣକ ବିବାହ ପାଇଁ ରାଜି ନ ହେବାରୁ ତାଙ୍କୁ ଅପହରଣକାରୀ ପୁଣିଥରେ ଭଦ୍ରକ ଆଣି ପୌରପାଳିକା ଅଧୀନ ଅପର୍ତ୍ତିବିନ୍ଧାରେ ଏକ ଘରେ ରଖିଥିଲେ। ଅପହରଣର ୬ ଦିନ ପରେ ସେଠାରୁ ପୋଲିସ ତାଙ୍କୁ ଉଦ୍ଧାର କରିଥିବାବେଳେ ପଞ୍ଚାୟତର ଏକ ମହିଳା ମହାସଂଘ ନିକଟରେ ନାବାଳିକାଙ୍କ ପରିବାର ପହଞ୍ଚିବା ପରେ ସୋମବାର ଏହି ଘଟଣା ପଦାକୁ ଆସିଛି।

ସୂଚନା ଅନୁଯାୟୀ, ଗତ ୩ ତାରିଖ ସନ୍ଧ୍ୟାରେ ଉକ୍ତ ନାବାଳିକାଙ୍କୁ ନିଜ ଗ୍ରାମର ଜଣେ ମହିଳା ସଉଦା ଆଣିବାକୁ ଦୋକାନକୁ ଯିବା ପାଇଁ ସାଙ୍ଗରେ ଡାକି ନେଇଥିଲେ। ପରେ ତାଙ୍କ ସ୍ୱାମୀଙ୍କ ସହ ମିଶି ଏକ କାର୍‌ରେ ନାବାଳିକାଙ୍କୁ ଅପହରଣ କରିନେଇ ତିହିଡ଼ିରେ ଏକ ଘରେ ହାତଗୋଡ଼ ବାନ୍ଧି ରଖିଥିଲେ। ସେହି ଅଞ୍ଚଳର ଜଣେ ୪୫ବର୍ଷୀୟ ବ୍ୟକ୍ତିଙ୍କ ସହ ବିବାହ କରିବାକୁ ତାଙ୍କୁ ବାଧ କରିଥିଲେ। ସେଠାରେ ଗୋଟିଏ ରାତି ରହିବା ପରେ ତାଙ୍କୁ ଟ୍ରେନ୍‌ରେ ଦିଲ୍ଲୀ ନେଇଯାଇଥିଲେ। କାହାକୁ କିଛି କହିଲେ ଟ୍ରେନ୍‌ରୁ ଠେଲିଦେବେ ବୋଲି ସେ ଧମକ ଦେଇଥିବା ନାବାଳିକା ପ୍ରକାଶ କରିଛନ୍ତି। ଦିଲ୍ଲୀରେ ପହଞ୍ଚିବା ପରେ ଏକ ୩ ମହଲା ଘରର ଛାତ ଉପରେ ହାତଗୋଡ଼ ବାନ୍ଧି ତାଙ୍କୁ ୩ ଦିନ ରଖାଯାଇଥିଲା। ବିବାହ ନ କଲେ ଏସିଡ୍ ଢାଳି ହତ୍ୟା ଧମକ ମଧ ଦିଆଯାଇଥିଲା। ଶେଷରେ ସେ ବିବାହ ପାଇଁ ଅରାଜି ହେବା ସହ ଜୀବନ ହାରିଦେବେ ବୋଲି କହିବା ପରେ ତାଙ୍କୁ ଦିଲ୍ଲୀରୁ ଫେରାଇ ଆଣି ଭଦ୍ରକରେ ରଖାଯାଇଥିଲା। ସେ ତାଙ୍କ ଘରକୁ ଫୋନ୍ କରି ଜଣାଇବା ପରେ ପୋଲିସ ସହାୟତାରେ ତାଙ୍କୁ ଗତ ୯ ତାରିଖରେ ଉଦ୍ଧାର କରାଯାଇ ଜିଲା ଶିଶୁ ସୁରକ୍ଷା କମିଟିକୁ ହସ୍ତାନ୍ତର କରାଯାଇଛି। ଅପହରଣ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗକ୍ରମେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୭୬୭/୨୫) ରୁଜୁ ହୋଇଛି। ନ୍ୟାୟ ପାଇଁ ନାବାଳିକାଙ୍କ ପରିବାର ମହିଳା ମହାସଂଘର ଦ୍ୱାରସ୍ଥ ହୋଇଛନ୍ତି। ନାବାଳିକାଙ୍କ ପରିବାରକୁ ନ୍ୟାୟ ଦେବା ସହ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାଧିକାରୀ ନୀରଜ ସାମଲ କହିଛନ୍ତି, ନାବାଳିକାଙ୍କୁ ଉଦ୍ଧାର ପରେ ତାଙ୍କ ବୟାନ ରେକର୍ଡ କରାଯାଇଛି। ବୟାନ ଆଧାରରେ ତଦନ୍ତ ଜାରି ରହିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଟଙ୍କା ପଡ଼ିଗଲା କହି ୫ ଲକ୍ଷ ନେଇଗଲେ ଦୁର୍ବୃତ୍ତ

ବ୍ରହ୍ମପୁର,୧୫।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ପୁଣି ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ସୋମବାର ମଧ୍ୟାହ୍ନରେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ୨ ଜଣ ଦୁର୍ବୃତ୍ତ ମଉସା ତୁମ ଟଙ୍କା ପଡିଗଲା କହି ଗାଡିରୁ ୫ ଲକ୍ଷ ଟଙ୍କା ଥିବା ବ୍ୟାଗ୍ ଝାମ୍ପି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଅବସରପ୍ରାପ୍ତ କର୍ମଚାରୀ ସୂର୍ଯ୍ୟ ନାରାୟଣ ସାହୁ ଏ ନେଇ ଗୋଷାଣି ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ୨ ଯୁବକ ପଲ୍‌ସର ବାଇକ୍‌ରେ ଆସି ଲୁଟ କରିଥିବା ଅନୁମାନ କରୁଛି। ଖୁବଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ପୋଲିସ କହିଛି।

ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ଭଦ୍ରିରାଜ ନଗରରେ ସୂର୍ଯ୍ୟ ନାରାୟଣ ନିଜ ପରିବାର ସହ ରୁହନ୍ତି। ସେ ଭାରତୀୟ ବିରଳ ମୃତ୍ତିକାରେ କାମ କରୁଥିବା ବେଳେ ବର୍ତ୍ତମାନ ଅବସର ନେଇ ସାରିଛନ୍ତି। ସୋମବାର କୌଣସି ବ୍ୟକ୍ତିଗତ କାମ ପାଇଁ ସେ ଗୋଷାଣି ନୂଆଗାଁସ୍ଥିତ ଏସ୍‌ବିଆଇ ଶାଖାକୁ ଯାଇ ୫ ଲକ୍ଷ ଟଙ୍କା ଉଠାଇଥିଲେ। ସେ ଉକ୍ତ ଟଙ୍କା ଏକ ବ୍ୟାଗରେ ଭର୍ତ୍ତି କରି ବାଇକ୍ ମିରର ପାଖରେ ଝୁଲାଇ ଘରକୁ ଫେରୁଥିଲେ। ରାସ୍ତାରେ ହରିହର ନଗର ଛକରେ ୨ ଯୁବକ ତାଙ୍କ ନିକଟକୁ ଆସି ମଉସା ତୁମ ଟଙ୍କା ପଡିଗଲା କହିଥିଲେ। ସୂର୍ଯ୍ୟ ନାରାୟଣ ରାସ୍ତା କଡ଼ରେ ବାଇକ୍ ରଖି ପ୍ରାୟ ୨୦୦ଟଙ୍କା ଗୋଟାଇଥିଲେ। ହେଲେ ଉକ୍ତ ଟଙ୍କା ତାଙ୍କର ନ ଥିଲା। ସେଠାରୁ ଗାଁ ନିକଟକୁ ଆସି ଦେଖିବା ବେଳେ ତାଙ୍କର ଟଙ୍କା ଭର୍ତ୍ତି ବ୍ୟାଗ୍‌ଟି ଗାଏବ ହୋଇ ଯାଇଥିଲା। ସେ ଉକ୍ତ ୨ ଯୁବକଙ୍କୁ ଧରିବା ପାଇଁ ପିଛା କରିଥିଲେ ମଧ ସେମାନେ ଚମ୍ପଟ ମାରିଥିଲେ।

# ଘରୁ ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୧୫।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବୃଦ୍ଧାଙ୍କ ଘରୁ ସୁନା ଗହଣା ଓ ଟଙ୍କା ଚୋରି ହୋଇଛି। ସେ ଏନେଇ ସେ ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୧୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସିଟି ହାଇସ୍କୁଲ ନିକଟ କେଏମ୍‌ଆର ପ୍ଲାଜା ୧୦୪ ନଂ. ଫ୍ଲାଟରେ କେ. ବୀଣାପାଣି ପାତ୍ର(୭୯) ରୁହନ୍ତି। ତାଙ୍କର ସ୍ୱାସ୍ଥ୍ୟ ଖରାପ ଥିବା ବେଳେ ଉକ୍ତ ଘରେ କାମ କରିବା ପାଇଁ ଜଣେ ମହିଳା ଆସୁଥିଲେ। ଗତ ୫ତାରିଖରେ ବୀଣାପାଣି ଘର ଭିତରେ ବିଶ୍ରାମ ନେଉଥିଲେ। ଏହାର ସୁଯୋଗ ନେଇ ସେଠାରେ କାମ କରୁଥିବା ମହିଳା ଜଣଙ୍କ ଆଲମୀରରେ ଥିବା ଦୁଇଟି ସୁନା ଚେନ, ସୁନା ଚୁଡି ଓ ୨୦ ହଜାର ଟଙ୍କା ନେଇଯାଇଥିଲେ ବୋଲି ବୀଣପାଣି ଥାନରେ ଅଭିଯୋଗ କରିଛନ୍ତି।

# ଚାକିରି ସହ ଟେଣ୍ଡର ନାଁରେ ୫୮ ଲକ୍ଷ ନେଇଗଲେ

ବ୍ରହ୍ମପୁର,୧୫।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ନାଲ୍‌କୋରେ ମ୍ୟାନେଜର ଚାକିରି ଓ ଟେଣ୍ଡର ଦେବା ନାଁରେ ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କଠାରୁ ୫୮ଲକ୍ଷ ଟଙ୍କା ଠକେଇ ହୋଇଛି। ଭୁବନେଶ୍ୱର ଶହୀଦ ନଗରରେ ରହୁଥିବା ଏକ ଦମ୍ପତି ଏହି ଟଙ୍କା ଠକି ନେଇଥିବା ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୦୦/୨୫ରେ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଛି ।

ବ୍ରହ୍ମପୁର ଗେଟବଜାର ନିକଟ ବର୍ମା କଲୋନୀରେ ରହୁଥିବା ସନ୍ତୋଷ କୁମାର ପାଢୀଙ୍କ ପୁଅ ବୈଷୟିକ ଶିକ୍ଷା ଶେଷ କରିବା ପରେ ଚାକିରି ସନ୍ଧାନରେ ରହିଥିଲେ। ଭୁବନେଶ୍ୱର ଶହୀଦ ନଗରରେ ଏକ ତାଲିମ କେନ୍ଦ୍ର ଏମ୍‌ବିଏ ଓ ବି-ଟେକ ଯୋଗ୍ୟତାଧାରୀ ଯୁବତୀ ଯୁବକଙ୍କୁ ତାଲିମ ପରେ ଚାକିରି ଦେଉଥିବା ସନ୍ତୋଷଙ୍କ ପୁଅ ଜାଣିବାକୁ ପାଇଥିଲେ। ତେଣୁ ସେ ଭୁବନେଶ୍ୱରର ତାଲିମ କେନ୍ଦ୍ର ମାଲିକଙ୍କୁ ଯୋଗାଯୋଗ କରିଥିଲେ। ତାଲିମ ପରେ ତାଙ୍କୁ ନାଲକୋରେ ମ୍ୟାନେଜର ପଦବୀରେ ଚାକିରି କରାଇଦେବେ ବୋଲି ତାଲିମ କେନ୍ଦ୍ର ମାଲକ ଓ ତାଙ୍କ ସ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି କୁହାଯାଇଥିଲା। ତେବେ ପୁଅ ତାଲିମ ସାର୍ଟିଫିକେଟ ପାଇବା ପରେ ସନ୍ତୋଷ ତାଲିମ କେନ୍ଦ୍ର ମାଲିକଙ୍କୁ ୧୮ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ତାଲିମ କେନ୍ଦ୍ର ମାଲିକ ଜଣଙ୍କ ସନ୍ତୋଷଙ୍କ ପୁଅ ନାମରେ ଗେଟ୍‌ପାସ ଓ ପରିଚୟପତ୍ର ପ୍ରସ୍ତୁତ କରି ଦେଇଥିଲେ। ଅନ୍ୟପଟେ ନାଲ୍‌କୋ କମ୍ପାନୀରେ ସନ୍ତୋଷଙ୍କ ପରିବାର ନାମରେ ନାଲକୋ କମ୍ପାନୀ ପକ୍ଷରୁ ୧ କୋଟି ଟଙ୍କାର ଟେଣ୍ଡର କରାଇଦେବେ ବୋଲି ତାଲିମ କେନ୍ଦ୍ର ମାଲିକ ମଧ ପ୍ରତିଶ୍ରୁତି ଦେଇଥିଲେ। ଟେଣ୍ଡର ପାଇବାକୁ ହେଲେ ଇମଏଡି ବାବଦକୁ ୩ ଲକ୍ଷ ଟଙ୍କା ଜମା କରିବାକୁ କହିଥିଲେ। ଏହା ପରେ ବିଭିନ୍ନ ବାହାନାରେ ଲକ୍ଷ ଲକ୍ଷ ଟଙ୍କା ଜମା କରିବାକୁ କହିଥିଲେ। ନାଲକୋରେ ମ୍ୟାନେଜର ଚାକିରି ଓ ଟେଣ୍ଡର କାମ ବାହାନାରେ ଦମ୍ପତି ମୋଟ ୫୮ ଲକ୍ଷ ଟଙ୍କା ସନ୍ତୋଷଙ୍କଠୁ ଠକି ନେଇଥିଲେ । ହେଲେ ଅନେକ ମାସ ପରେ ମଧ ଚାକିରି କିମ୍ବା ନାଲକୋରେ ୧ କୋଟିର ଟେଣ୍ଡର ମିଳି ନ ଥିଲା । ତେଣୁ ସମସ୍ତ ଟଙ୍କା ଫେରସ୍ତ କରିବାକୁ ସନ୍ତୋଷ ସମ୍ପୃକ୍ତ ତାଲିମ କେନ୍ଦ୍ର ମାଲିକଙ୍କୁ କହିଥିଲେ। ହେଲେ ସେ ଟଙ୍କା ଫେରସ୍ତ କରିବା ବଦଳରେ ଦିନ ଗଡାଇ ଚାଲିଥିଲେ। ଠକେଇ କରିଥିବା ବ୍ୟକ୍ତି ଜଣଙ୍କ କିଛିଦିନ ତଳେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପୋଲିସ ଦ୍ୱାରା ଗିରଫ ହୋଇଥିବା ସନ୍ତୋଷ ଜାଣିବା ପରେ ଅନ୍ୟ ଉପାୟ ନ ପାଇ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ। ନାଲକୋ ଚାକିରି ଓ ଟେଣ୍ଡର ନାଁରେ ପ୍ରକୃତରେ କେତେ ଟଙ୍କା ଠକେଇ ହୋଇଛି ତାହାର ତଦନ୍ତ କରାଯାଉଥିବା ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି।

## ରାଜ୍ୟ ଖବର

# ଓଡ଼ିଆ ଅସ୍ମିତାଙ୍କୁ ମଜଭୁତ କରିଥିଲେ ବିଦ୍ୟାରତ୍ନ

ଭୁବନେଶ୍ୱର,୧୫।୧୨
(ସୌମ୍ୟରଞ୍ଜନ ରାଉତ)

**ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଜୟନ୍ତୀ**



ଜୟନ୍ତୀ ସମାରୋହରେ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ସଭାପତି ପ୍ରଭାତ କୁମାର ତ୍ରିପାଠୀଙ୍କ ସହ ଅନ୍ୟ ଅତିଥିମାନେ।

ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଥିଲେ ସଂଗ୍ରାମୀ, ସଂସ୍କାରକ ଓ ସମାଜସେବକ। ସେ ଓଡ଼ିଆ ପତ୍ରପତ୍ରିକା ଓ ଭାଷା ଆନ୍ଦୋଳନର ଭିତ୍ତି ସ୍ଥାପନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ତାଙ୍କ ଉଦ୍ୟମ ତାଙ୍କୁ ଏହି ଆନ୍ଦୋଳନର ପ୍ରମୁଖ ବିଧାଣୀ ଭାବରେ ସ୍ମରଣୀୟ ରଖିଛି। ତାଙ୍କର ଗଭୀର ବୁଦ୍ଧି ଏବଂ ନେତୃତ୍ୱ ଅନେକ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଏକଜୁଟ କରିବା ସହିତ ଏକ ପୃଥକ ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ପ୍ରେରଣା ଦେଇଥିଲା। ତାଙ୍କର ଜ୍ଞାନ ଏବଂ ନିଷ୍ଠା କେବଳ ବ୍ରିଟିଶ ସରକାରଙ୍କୁ ଆହ୍ୱାନ କରି ନ ଥିଲା, ବରଂ ଅଗଣିତ ବ୍ୟକ୍ତିଙ୍କ ହୃଦୟ ଜିତିଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ଭୁବନେଶ୍ୱର ପକ୍ଷରୁ ରବିବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ମୃତି ସଂସଦ ସଭାପତି ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ କହିଲେ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓଡ଼ିଆ ଅସ୍ମିତାଙ୍କୁ ମଜଭୁତ କରିଥିଲେ। ସେ ଓଡ଼ିଆ ଭାଷା ସାହିତ୍ୟର ପୃଷ୍ଠପୋଷକ ଥିଲେ। ଜଣେ ପ୍ରଜ୍ଞାଦୀପ୍ତ ପୁରୁଷ ଭାବେ ଓଡ଼ିଆ ଜାତି ତାଙ୍କୁ ସବୁଦିନ ପାଇଁ ମନେରଖିବା ସହିତ ଓଡ଼ିଶା ଇତିହାସରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଲେଖକ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଯୋଗଦେଇ କହିଲେ, ବିଦ୍ୟାରତ୍ନ 'ସଂସ୍କାରକ', 'ସମ୍ବଲପୁର ହିତୈଷିଣୀ', 'ଉତ୍କଳ ମଧୁପ', ଉତ୍କଳ ଦୀପିକା, 'ପ୍ରଜାବନ୍ଧୁ' ଇତ୍ୟାଦି ସମ୍ବାଦପତ୍ରର ସମ୍ପାଦନା କରି ଓଡ଼ିଆ ପତ୍ରିକା ଓ ଶୁଦ୍ଧ ପାଠ୍ୟପୁସ୍ତକ ସମ୍ପାଦନାକୁ ମହତ୍ତର ଉଚ୍ଚତା ପ୍ରଦାନ କରିଛନ୍ତି। ତାଙ୍କର ଅସାଧାରଣ ପାଣ୍ଡିତ୍ୟ, ସୃଜନଶୀଳତା, ସାହସ ଏବଂ ଦେଶପ୍ରେମ ପାଇଁ ତତ୍କାଳୀନ ବଡମ୍ବା ରାଜ୍ୟର ମହାରାଣୀ ତାଙ୍କୁ 'ବିଦ୍ୟାରତ୍ନ' ଉପାଧିରେ ସମ୍ମାନିତ କରିଥିଲେ। ସେ ଜଣେ ଅନନ୍ୟ ସାମ୍ବାଦିକ ଭାବେ ସମ୍ବାଦପତ୍ର ମାଧ୍ୟମରେ ଦୁର୍ଦ୍ଧର୍ଷ ବ୍ରିଟିଶ ଶାସନ ଉପରେ ପ୍ରହାର କରିଥିଲେ, ଯାହା ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ନିମନ୍ତେ ପଥ ଉନ୍ମୁକ୍ତ କରିଥିଲା ବୋଲି ଡ. ନନ୍ଦ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ମୃତି ସଂସଦ ସଂପାଦକ ଡା. କୃଷ୍ଣକେଶବ ଷଡ଼ଙ୍ଗୀ ପଣ୍ଡିତ ବିଦ୍ୟାରତ୍ନଙ୍କ ଜୀବନାଦର୍ଶ ସମ୍ପର୍କରେ କହିଥିଲେ। ବିଦ୍ୟାରତ୍ନ ଥିଲେ ସାମ୍ବାଦିକତାର ଭୀଷ୍ମ ପିତାମହ ଓ ଓଡ଼ିଆ ଭାଷା ଆନ୍ଦୋଳନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସେ କହିଥିଲେ। ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂ ସ୍ୱାଗତ ଭାଷଣ ଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ବିଭାଗୀୟ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରିନ୍ସିପାଲ୍‌ଙ୍କ ସମେତ ଖୋର୍ଦ୍ଧା, କେନ୍ଦୁଝର ଜିଲାପାଳଙ୍କୁ ଜବାବ ତଲବ

ଭୁବନେଶ୍ୱର,୧୫।୧୨(ତ୍ରିନାଥ ମହାନ୍ତି)

**କିସ୍‌ରେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା**

**କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତଥ୍ୟ ମାଗିଲେ ଓଏସ୍‌ସିପିସିଆର୍**

କିସ୍‌ର ନମବ ଶ୍ରେଣୀ ଛାତ୍ର ଶିବ ମୁଣ୍ଡାଙ୍କ ମୃତ୍ୟୁ ମାମଲାରେ ସୋମବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ(ଓଏସ୍‌ସିପିସିଆର୍) ପକ୍ଷରୁ କିସ୍‌ର ପ୍ରିନ୍ସିପାଲ୍‌ଙ୍କୁ ଜବାବ ମଗାଯାଇଛି। କେବଳ ପ୍ରିନ୍ସିପାଲ ନୁହନ୍ତି, ଖୋର୍ଦ୍ଧା ଏବଂ କେନ୍ଦୁଝର ଜିଲାପାଳଙ୍କୁ ମଧ ରିପୋର୍ଟ ତଲବ କରାଯାଇଛି। କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା, ସେନେଇ ଜଣାଇବାକୁ କୁହାଯାଇଛି। ଆହୁରି ମଧ ମୃତ୍ୟୁ ଘଟଣା ପରେ କିସ୍ କର୍ତ୍ତୃପକ୍ଷ କ'ଣ ପଦକ୍ଷେପ ନେଇଥିଲେ, ତାହା ଜଣାଇବାକୁ ଚିଠି ମାଧ୍ୟମରେ ଓଏସ୍‌ସିପିସିଆର ଜବାବ ମାଗିଛି।

ଓଏସ୍‌ସିପିସିଆର ଅଧ୍ୟକ୍ଷ ବବିତା ପାତ୍ର କହିଛନ୍ତି, ଏନେଇ ନିଜ ଆଡୁ ଏକ ମାମଲା ରୁଜୁ କରାଯାଇ ଯାଞ୍ଚ କରାଯାଉଛି। କେଉଁ ପରିସ୍ଥିତି ଏବଂ କାରଣରୁ ଛାତ୍ରଙ୍କ ମୃତ୍ୟୁ ଘଟିଲା ଜବାବ ମଗାଯାଇଛି। ଶବ ବ୍ୟବଚ୍ଛେଦ ନ କରି ମୃତଦେହକୁ କିପରି ଦିଆଗଲା ତାହା ପ୍ରଶ୍ନ କରାଯାଇଛି। ଛାତ୍ରଙ୍କ ମୃତ୍ୟୁ ପରେ ପୋଲିସ ଅପମୃତ୍ୟୁ ମାମଲା କରିଥିଲା। କିନ୍ତୁ ଆମେ ପଶିବା ପରେ ପୋଲିସ କିସ୍ କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ଏକ ମାମଲା ରୁଜୁ କରିଛି। ବର୍ତ୍ତମାନ ତାଙ୍କ ନିକଟକୁ ଠିକ୍ ରିପୋର୍ଟ ଆସିନାହିଁ। ରିପୋର୍ଟ ପରେ ତଦନ୍ତ କରାଯାଇ, ଯିଏ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧକ୍ଷା କହିଛନ୍ତି। ଗତ ଶୁକ୍ରବାର ୧୨ଟା ସମୟରେ ତାଙ୍କ ବାପା ରଘୁନାଥ ମୁଣ୍ଡାଙ୍କ ପାଖକୁ କିସ୍‌ରୁ ଫୋନ ଆସିଥିଲା। ପୁଅ ଖାଡ଼ା ଗଲା ବେଳେ ପାଇଖାନାରେ ପଡ଼ି ଆହତ ହୋଇଛି ଓ ତା'ର ଚିକିତ୍ସା ଚାଲିଛି ବୋଲି କହିଥିଲେ। ଏହା ସହିତ ଶୀଘ୍ର ଭୁବନେଶ୍ୱର ଆସିବାକୁ କହିଥିଲେ। ଏଭଳି ଏକ ଫୋନ୍ କଲ୍ ପାଇ ବ୍ୟସ୍ତ ହୋଇପଡ଼ି ରଘୁନାଥ ଭୁବନେଶ୍ୱର ଆସିଥିଲେ। ହେଲେ ସେ ପହଞ୍ଚିବା ପରେ ତାଙ୍କ ପୁଅ ଶିବ ମୁଣ୍ଡାଙ୍କ ମୃତ୍ୟୁ ହୋଇଯାଇଥିବା ତାଙ୍କୁ କୁହାଯାଇଥିଲା। ଏପରି କି ବ୍ୟବଚ୍ଛେଦ ନ କରି ମୃତଦେହକୁ ରଘୁନାଥଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ମୃତଦେହକୁ କେନ୍ଦୁଝର ନିଆଯାଇ ସେଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ସମ୍ପର୍କୀୟମାନେ ନ୍ୟାୟ ଭିକ୍ଷା କରିଥିଲେ।

# ୨୯ ଲକ୍ଷ ଟଙ୍କା, ୧୭ ଗ୍ରାମ ସୁନା ମିଳିଲା

**ମା' ତାରିଣୀଙ୍କ ହୁଣ୍ଡି ଗଣତି**

ଘଟଗାଁ,୧୫।୧୨
(ରାଜେନ୍ଦ୍ର କୁମାର ପଟ୍ଟନାୟକ)



କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ସୋମବାର ଗଣତି କରାଯାଇଛି। ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣିତ କରାଯାଇଥିଲା। ସେଥିରୁ ୨୭ ଲକ୍ଷ ୭୨ ହଜାର ୫୧୬ ଟଙ୍କା, ୧୭ ଗ୍ରାମ ୮୮୦ମିଲିଗ୍ରାମ ସୁନା ଓ ୮୭୬ ଗ୍ରାମ ୨୪୦ମିଲିଗ୍ରାମ ରୁପା ମିଳିଛି।

ଖବର ଅନୁଯାୟୀ, ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କର୍ମଚାରୀ ମଦନ ମୋହନ ପୂର୍ତ୍ତି ଉପସ୍ଥିତ ରହି ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡୀ ଖୋଲାଯାଇଥିଲା। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଗଗନ ବେହେରା, ପିତାମ୍ବର ଗିରି, ଚକ୍ରଧର ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ ଶାଖା ମ୍ୟାନେଜର ପିନାକୀଶୋର ମହାନ୍ତ, ତ୍ରିଶାଳା ହାଁସଦା, ବେଣୁଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

# ବେନ୍ତପୁରରେ ୯୦ ଟିକିଆ ହାତୀପଲଙ୍କ ଉପଦ୍ରବ

ଅନୁଗୋଳ,୧୫।୧୨(ଦିବ୍ୟଶାନ୍ତନୁ ନାଥ)


ଅନୁଗୋଳ ବନଖଣ୍ଡ ବେନ୍ତପୁର ଅଞ୍ଚଳରେ ଥିବା ହାତୀପଲ।

ଅନୁଗୋଳ ବନଖଣ୍ଡରୁ ବିଦା ହୋଇଥିବା ୯୦ ଟିକିଆ ହାତୀପଲ ମାତ୍ର କେତେଦିନ ବ୍ୟବଧାନରେ ପୁଣି ଥରେ ଫେରିଛନ୍ତି। ଅନୁଗୋଳ ବନାଞ୍ଚଳ ବେନ୍ତପୁର ଗାଁ ମୁଣ୍ଡ ପଦ୍ମପାଦ ମଠ ନିକଟରେ ଏହି ହାତୀପଲ ରହୁଥିବା ବେଳେ ସଞ୍ଜ ହେବା ମାତ୍ରେ ଗାଁ ଭିତରକୁ ପଶୁଛନ୍ତି। ରବିବାର ବେନ୍ତପୁର ଭେରୁଗୋଠା ସାହିକୁ ହାତୀ ପଶିଥିବା ବେଳେ ଭୟରେ ଲୋକେ ଅନିଦ୍ରା ଅବସ୍ଥାରେ ରାତି କାଟିଛନ୍ତି।

ସୂଚନା ମୁତାବକ, ଅକ୍ଟୋବର ୧୪ ତାରିଖ ବେଳକୁ ଏହି ହାତୀପଲ ବେନ୍ତପୁର, ନୂଆସାହି, କାଙ୍ଗୁଳା, ବାଦୀବାହାଳ ଆଦି ଗାଁରେ ପଶି ବ୍ୟାପକ ଫସଲ ନଷ୍ଟ କରିଥିଲେ। ପ୍ରାୟ ୧୫ଦିନରୁ ଅଧିକ ସମୟ ଧରି ହାତୀ ଗାଁ ଛାଡି ନ ଥିବା ବେଳେ ଅମଳ ହେବାକୁ ଥିବା ଧାନ ଫସଲକୁ ଦଳିମକଚି ନଷ୍ଟ କରିଦେଇଥିଲେ। ଅନେକ ବାଦବିବାଦ ପରେ ଅନୁଗୋଳ ବନଖଣ୍ଡରୁ ହାତୀପଲଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ପୁଣି ଥରେ ଏହି ହାତୀ ବେନ୍ତପୁର ଫେରିବା ସହ ପଦ୍ମପାଦ ମଠ ନିକଟରୁ ରାତି ପ୍ରାୟ ୧୨ବେଳେ ବାହାରି ଚଣ୍ଡୀଗାଡ଼ିଆ କେନାଲ ଦେଇ ଭେରୁଗୋଠା ସାହିରେ ପହଞ୍ଚିଥିଲେ। ଏପରି କି ବିବେକାନନ୍ଦ ରଥଙ୍କ ଘର ପରିସରକୁ କେତୋଟି ହାତୀ ପଶି ଆସିଥିଲେ। ଫଳରେ ପ୍ରାଣ ବିକଳରେ ବିବେକାନନ୍ଦ ବନବିଭାଗକୁ ଯୋଗାଯୋଗ କରିଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ହାତୀ ଘଉଡ଼ାଇଥିଲେ। ଏହି ହାତୀପଲ ଅନେକ ଫସଲ, ଫଳନ୍ତି ଗଛ ନଷ୍ଟ କରିଥିବା ଜଣାପଡିଛି। ବାରମ୍ବାର ହାତୀ ଏହି ଭେରୁଗୋଠା ସାହି ଦେଇ ଯାତାୟାତ କରୁଥିବା ଯୋଗୁ ଏଠାରେ ଏକ ହାଇମାଷ୍ଟ ଲାଇଟ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ଏହାକୁ ବନଖଣ୍ଡ ଅଧିକାରୀ ଗ୍ରହଣ କରିଥିବା ବେଳେ ଲାଇଟ ଲାଗିବା ପାଇଁ ଜିଓ ଟ୍ୟାଗ କାର୍ଯ୍ୟ ମଧ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ମିଳିଛି।

# ତୀର୍ଥଯାତ୍ରାରେ ବାହାରିଲେ ୬ ଜିଲାର ୭୭୫ ବରିଷ୍ଠ ନାଗରିକ

ରାୟଗଡା,୧୫।୧୨
(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣରେ ଯାଇଛନ୍ତି ୭୭୫ ବରିଷ୍ଠ ନାଗରିକ। ଦକ୍ଷିଣ-ପଶ୍ଚିମାଞ୍ଚଳ ଅନ୍ତର୍ଗତ କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲାର ୭୭୫ ତୀର୍ଥଯାତ୍ରୀ ଓ ୨୫ ଏସ୍କର୍ଟ ସୋମବାର ରାୟଗଡା ରେଳ ଷ୍ଟେଶନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ରାମେଶ୍ୱର ଓ ମଦୁରାଇ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ ଉପମୁଖ୍ୟମନ୍ତ୍ରୀ ପରିଡା। ଆର୍ଥିକ ପରିସ୍ଥିତି ଓ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁ ଅନେକ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯିବାରୁ ବଞ୍ଚିତ ରହୁଥିଲେ। ତାହା ଦୂରେଇବା ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ରେଳ ଷ୍ଟେଶନଠାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ରେଲୱେ ଡିଆର୍‌ଏମ୍ ଅମିତାଭ ସିଂଘଲ, ଏସ୍‌ପି ସ୍ୱାତୀ ଏସ୍. କୁମାର ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରେଲୱେ ଆଇଆର୍‌ସିଟିସି କର୍ତ୍ତୃପକ୍ଷ ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ବରିଷ୍ଠ ନାଗରିକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ମନୋଭାବ ଆସୁଥିବା ବେଳେ ସେମାନେ ତୀର୍ଥସ୍ଥାନ ଭ୍ରମଣ କରିପାରନ୍ତି ନାହିଁ। ତାହା ଦୂରେଇବା ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ପର୍ଯ୍ୟଟନ ବିଭାଗ ତରଫରୁ କୁହାଯାଇଛି।

ଚଳିତ ଥର ୭୭୫ ତୀର୍ଥଯାତ୍ରୀ ଓ ୨୫ ଏସ୍କର୍ଟ ଅଫିସର ମିଶି ମୋଟ ୮୦୦ ଯାତ୍ରାର ସୁଯୋଗ ପାଇଛନ୍ତି। ଏହି ଯାତ୍ରାବେଳେ ତୀର୍ଥଯାତ୍ରୀମାନଙ୍କ ସମସ୍ତ ସୁବିଧା ରାଜ୍ୟ ସରକାର ବହନ କରିଥାନ୍ତି। ତୀର୍ଥଯାତ୍ରୀଙ୍କ ରହିବା, ଯିବାଆସିବା ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା ସହ ଜଗୁଆଳୀ, ପଥପ୍ରଦର୍ଶକ, ଯାତ୍ରା ବୀମା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଚଳିତବର୍ଷ ୧୦ଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବା ବେଳେ ଏଥିରେ ରାୟଗଡାଠାରୁ ରାମେଶ୍ୱର ଓ ମଦୁରାଇ ଭ୍ରମଣ ସ୍ଥିର କରାଯାଇଥିଲା। ଏଥିରେ ରାୟଗଡା ଜିଲାର ୧୧୮ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୮, ନବରଙ୍ଗପୁର ୧୪୮, ମାଲକାନଗିରି ୭୫, ନୂଆପଡା ଜିଲାର ୭୪ ଏବଂ କଳାହାଣ୍ଡିର ୧୯୨ ଜଣ ତୀର୍ଥଯାତ୍ରୀ ରହିଛନ୍ତି। ରବିବାର ଉକ୍ତ ୬ଟି ଜିଲାର ତୀର୍ଥଯାତ୍ରୀଙ୍କୁ ରାୟଗଡାରେ ରହଣି ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସୋମବାର ରାୟଗଡା ରେଲୱେ ଷ୍ଟେଶନ ସମ୍ମୁଖରେ ତୀର୍ଥଯାତ୍ରୀଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିବା ବେଳେ ଷ୍ଟେଶନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚାର ସାଧାରଣ ସମ୍ପାଦକ କାଳୀରାମ ମାଝି, ପୂର୍ବତନ ଜିଲା ସଭାପତି ଶିବ ପଟ୍ଟନାୟକ, ବରିଷ୍ଠ ନେତା ଶିବଶଙ୍କର ଉଲାକା, ବସନ୍ତ ଉଲାକା, ଯୁବମୋର୍ଚ୍ଚା ସଭାପତି ଉମେଶ ଖୋସଲା, ବସନ୍ତ ଉଲ୍ଲାକା, ୟାଲା ଭେଙ୍କଟେଶ୍ୱର ରାଓ, ଦେବାଶିଷ ପଣ୍ଡା, ଅନିଲ ଜାଡ଼ି, କୃଷ୍ଣ ପଟ୍ଟନାୟକ, ନାରୀନେତ୍ରୀ ଅଶ୍ୱିନୀ କଞ୍ଜିଡା, ମଞ୍ଜୁଳା ମିଣିଆକା, ଉମାଶଙ୍କର ପାଢ଼ୀ ଓ ନଗର ସଭାପତି ରାଜେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜିଲାପାଳ ଓ ଡିଆରଏମ୍ ଜଣେ ବରିଷ୍ଠ ନାଗରିକଙ୍କୁ ଟିକେଟ୍ ପ୍ରଦାନ କରୁଛନ୍ତି।

- ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରାମେଶ୍ୱର, ମଦୁରାଇ ଯାତ୍ରା
- ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

# ଦନ୍ତା ହାତୀ ମୃତଦେହ ଠାବ

## ଶିକାରୀ ଗୁଳି କରିଥିବା ଚର୍ଚ୍ଚା


ଦନ୍ତା ହାତୀର ମୃତଦେହକୁ ଯାଞ୍ଚ କରାଯାଉଛି।

ବନ୍ତଲା,୧୫।୧୨ (ସୁଶିତ ସାହୁ)

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ପୋକୁଣ୍ଡା ସେକ୍ସନ ମାଣିକଯୋଡ଼ି ପଞ୍ଚାୟତ ବାଲିଆପଶିଠାରେ ସୋମବାର ସକାଳେ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ଖବରପାଇ ବନ ବିଭାଗ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ସକାଳୁ ବାଲିଆପଶି ଗ୍ରାମବାସୀ ଶୌଚ ହେବାକୁ ଯାଉଥିବାବେଳେ ଏକ ଦନ୍ତା ହାତୀ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ବନ ବିଭାଗର ଅବହେଳାରୁ ଶିକାରୀଙ୍କ ଗୁଳିରେ ହାତୀର ମୃତ୍ୟୁ ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ କେଉଁ ପରିସ୍ଥିତିରେ ଦନ୍ତା ହାତୀର ମୃତ୍ୟୁ ହେଲା, ତାହା ବ୍ୟବଚ୍ଛେଦ ଓ ତଦନ୍ତ ପରେ ଜଣାପଡ଼ିବ ବୋଲି ଅନୁଗୋଳ ଡିଏଫ୍‌ଓ ନୀତିଶ କୁମାର କହିଛନ୍ତି। ସୂଚନାଯୋଗ୍ୟ, ଅନୁଗୋଳ ବନଖଣ୍ଡ କରତପଟା ସେକ୍ସନ ଡିମିରିପାଳ ଗାଁରେ ଶିକାରୀଙ୍କ ଫାଶରେ ପଡ଼ି ଗତ ୯ ତାରିଖରେ ଏକ କଲରାପତରିଆ ବାଘର ମୃତ୍ୟୁ ଘଟଣାକୁ ନେଇ ବିବାଦ ଥମି ନ ଥିବାବେଳେ ଏକ ଦନ୍ତା ହାତୀର ମୃତ୍ୟୁ ଉଦ୍‌ବେଗର ବିଷୟ ହୋଇଛି। ବନ ବିଭାଗର ଅବହେଳାରୁ ଜଙ୍ଗଲରେ ଶିକାରୀ ସକ୍ରିୟ ରହିଥିବା ଅଭିଯୋଗ ହେଉଛି।

# ଗୁଜରାଟରୁ ଗିରଫ ମହିଳାଙ୍କ ଲିଙ୍କ୍‌ରେ ବଡ଼ ଅଧିକାରୀ

## ପୋଲିସ୍ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

ଭୁବନେଶ୍ୱର,୧୫।୧୨ (ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ଗୁଜରାଟରୁ ଗିରଫ କରିଥିବା ନିତୁ ଆରୋରାଙ୍କୁ ଭୁବନେଶ୍ୱର ସ୍ପେଶାଲ ସିବିଆଇ କୋର୍ଟରେ ହାଜର କରିବା ପରେ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ନିତୁ, ଶଙ୍କର ଏବଂ ମୁନାଙ୍କୁ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିବାକୁ ସିବିଆଇ ଯୋଜନା କରିଛି। ସେମାନଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ସିବିଆଇ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯେ, ନିତୁ ମୋବାଇଲ୍‌ରେ ଓଡ଼ିଶାର ବଡ଼ ବଡ଼ ପୋଲିସ ଅଧିକାରୀଙ୍କ ସହ ଲିଙ୍କ୍‌ରେ ଥିଲେ। ସେମାନଙ୍କ ସହ ନିତୁ ପ୍ରତିଦିନ କଥା ହେଉଥିଲେ। ତେଣୁ ସିବିଆଇ ନିତୁଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କଲେ ବଡ଼ ଅଧିକାରୀ ଧରାପଡ଼ିବେ। ଏହି ମାମଲାରେ ଆନ୍ତଃରାଜ୍ୟ ଲିଙ୍କ୍ ପଦାକୁ ଆସିବା ପରେ ସିବିଆଇର ୪ଟି ଟିମ୍ ରାଜ୍ୟ ବାହାରେ ଅର୍ଥାତ୍ ପଶ୍ଚିମବଙ୍ଗ, ଗୁଜରାଟ, ବିହାର ଏବଂ ମହାରାଷ୍ଟ୍ରରେ ଡେରା ପକାଇଥିବା ଜଣାପଡ଼ିଛି। ଓଡ଼ିଶା ସିବିଆଇ ପାଉଥିବା ଲିଙ୍କ୍ ଆଧାରରେ ଡେରା ପକାଇଥିବା ଅଧିକାରୀମାନଙ୍କୁ ଗିରଫ କରିବା ପାଇଁ କୁହାଯାଉଛି। ଅନ୍ୟପକ୍ଷରେ ସିବିଆଇ ଜବତ କରିଥିବା ୧୩୩ଟି ମୋବାଇଲ୍ ଫୋନ୍‌ର ଯାଞ୍ଚ ପାଇଁ ରାଜ୍ୟ ବାହାର ସଂସ୍ଥାକୁ ଦେବା ପାଇଁ ଏକ ପ୍ରକାର ନିଷ୍ପତ୍ତି ହୋଇଛି। କେବଳ କୋର୍ଟ ଅନୁମତି ଦେବା ପରେ ସିବିଆଇ ମୋବାଇଲ୍‌ଗୁଡ଼ିକୁ ଘରୋଇ ସଂସ୍ଥାକୁ ଦେବ। ତେଣୁ ସୋମବାର ସିବିଆଇ କୋର୍ଟଙ୍କୁ ଶୀଘ୍ର ଅନୁମତି ଦେବାକୁ ନିବେଦନ କରିଛି।

ସୂଚନାଯୋଗ୍ୟ, କ୍ରାଇମବ୍ରାଞ୍ଚ ହାତରୁ ମାମଲା ନେଇ ତଦନ୍ତ କରିବା ପରେ ସିବିଆଇ ୫ଜଣଙ୍କୁ ଗିରଫ କରିଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚ ୧୨୩ ଜଣଙ୍କୁ ଗିରଫ କରିଥିବା ବେଳେ ସିବିଆଇର ଗିରଫ ସଂଖ୍ୟା ମିଶିବା ପରେ ଏହା ୧୨୮ରେ ପହଞ୍ଚିଛି। ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲ ରିମାଣ୍ଡ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛନ୍ତି। ଉକ୍ତ ତଥ୍ୟ ଆଧାରରେ ସିବିଆଇ ଏକାଧିକ ବ୍ୟକ୍ତିଙ୍କୁ ନୋଟିସ୍ କରିବା ସହ ପଚରାଉଚରା କରି ଗିରଫଦାରିକୁ ବ୍ୟାପକ କରିଛି।

# ଶିଶୁ କର୍କଟ ଚିକିତ୍ସା ଅଧିକ ସୁଦୃଢ଼ ହେବ

## ସ୍ୱାସ୍ଥ୍ୟ ବିଭାଗ ଓ କ୍ୟାନକିଡ୍ସ କିଡ୍ସକ୍ୟାନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର


ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଏବଂ କ୍ୟାନକିଡ୍ସ କିଡ୍ସକ୍ୟାନ ପ୍ରତିଷ୍ଠାତା ଅଧ୍ୟକ୍ଷ ପୁନମ ବାଗାଇଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)

ଶିଶୁ କର୍କଟ ଚିକିତ୍ସାକୁ ଅଧିକ ସୁଦୃଢ କରିବା ପାଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଉଏକ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ବିଭାଗ ଓ କ୍ୟାନକିଡ୍ସ କିଡ୍ସକ୍ୟାନ ଅନୁଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ସୋମବାର ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଏବଂ କ୍ୟାନକିଡ୍ସ କିଡ୍ସକ୍ୟାନ ପ୍ରତିଷ୍ଠାତା ଅଧ୍ୟକ୍ଷ ପୁନମ ବାଗାଇ ଚୁକ୍ତି ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ରରେ ଶିଶୁ କର୍କଟ ରୋଗ ଯତ୍ନର ସମ୍ପୂର୍ଣ୍ଣ ରୂପରେଖ ଯଥା ପ୍ରାରମ୍ଭିକ ଚିହ୍ନଟ ଓ ରେଫରାଲ, ନିର୍ଣ୍ଣୟ ଓ ଚିକିତ୍ସା ସୁବିଧା, ଶିଶୁ ଓ ତା'ର ପରିବାର ପାଇଁ ଆର୍ଥିକ ସୁରକ୍ଷା, ଯତ୍ନ, ସଚେତନତା ଏବଂ ରୋଗୀ-କେନ୍ଦ୍ରିକ ଗବେଷଣା ଆଦି ଅନ୍ତର୍ଭୁକ୍ତ ରହିଛି। ତେବେ ଏହାର ସଫଳ ରୂପାୟନ ପରେ ଓଡ଼ିଶା ପୂର୍ବ ଭାରତରେ ଶିଶୁ କର୍କଟ ଚିକିତ୍ସା ପାଇଁ ଏକ ଆଞ୍ଚଳିକ କେନ୍ଦ୍ର ରୂପେ ସ୍ଥାନ ପାଇବ ବୋଲି ପୁନମ ମତ ଦେଇଛନ୍ତି। କାର୍ଯ୍ୟକ୍ରମକୁ ଅତିରିକ୍ତ ନିର୍ଦ୍ଦେଶକ ଡା. ସୁଶାନ୍ତ ସାଇଁ ପରିଚାଳନା କରିଥିବାବେଳେ ନ୍ୟାଶ୍‌ନାଲ ସୋସାଇଟି ଫର୍ ଚେଞ୍ଜ୍ ଫର୍ ଚାଇଲ୍ଡହୁଡ୍ କ୍ୟାନସର ଇନ୍ ଇଣ୍ଡିଆ, ବରିଷ୍ଠ ସରକାରୀ ଅଧିକାରୀ, ଚିକିତ୍ସା ପ୍ରତିଷ୍ଠାନର ପ୍ରତିନିଧି, ଶିଶୁ ଅଙ୍କୋଲୋଜିଷ୍ଟ, ଶୈଶବ କର୍କଟ ରୋଗରୁ ବଞ୍ଚିଥିବା ବ୍ୟକ୍ତି, କ୍ୟାନ୍‌କିଡ୍ସ ଏବଂ ଏହାର ସ୍ଥାନୀୟ ନାଗରିକ ସମାଜ ଅଂଶୀଦାର ଉମିଦେଁ ଉପସ୍ଥିତ ଥିଲେ।

# ଆଜି 'ବିଜୟ ଦିବସ'

ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)

୧୯୭୧ ଯୁଦ୍ଧରେ ପାକିସ୍ତାନ ଉପରେ ଭାରତର ବିଜୟ ବାର୍ତ୍ତା ବହନ କରୁଛି 'ବିଜୟ ଦିବସ'। ଏହି ଯୁଦ୍ଧରେ ୯୩ହଜାର ପାକିସ୍ତାନୀ ସୈନିକ ଆତ୍ମସମର୍ପଣ କରିଥିବାବେଳେ ପ୍ରାୟ ୩ହଜାର ୯ଶହ ଭାରତୀୟ ସୈନିକ ବୀରଗତି ଲାଭ କରିଥିଲେ ଏବଂ ୯ହଜାର ୮୫୧ ଆହତ ହୋଇଥିଲେ। ଏହାକୁ ଭାରତର ସବୁଠାରୁ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି। ଏଥିସହ ଭାରତ ପାଇଁ ଏକ ଏକ ଐତିହାସିକ ଯୁଦ୍ଧ ଭାବେ ପରିଗଣିତ ହେବା ସହିତ ଭାରତୀୟଙ୍କ ହୃଦୟରେ ଦେଶଭକ୍ତିର ବହ୍ନି ଜାଗ୍ରତ କରିଥାଏ। ତେଣୁ ପ୍ରତିବର୍ଷ ଡିସେମ୍ବର ୧୬କୁ 'ବିଜୟ ଦିବସ' ଭାବେ ପାଳନ କରାଯାଉଛି। ସୂଚନାଯୋଗ୍ୟ, ୧୯୭୧ ଡିସେମ୍ବର ୩ରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇ ୧୩ଦିନ ପର୍ଯ୍ୟନ୍ତ ଚାଲିଥିଲା। ଭାରତ ଏବଂ ବଙ୍ଗଳାଦେଶର ସଂଯୁକ୍ତ ସେନା ପାକିସ୍ତାନକୁ ପରାଜିତ କରିଥିବାବେଳେ ଡିସେମ୍ବର ୧୬ରେ ଯୁଦ୍ଧ ଶେଷ ହୋଇଥିଲା। ଶେଷରେ ପାକିସ୍ତାନ ଭାରତ ଆଗରେ ଆତ୍ମସମର୍ପଣ କରିଥିଲା। ଏହାପରେ ପୂର୍ବ ପାକିସ୍ତାନ ସ୍ୱତନ୍ତ୍ର ହୋଇଥିଲା ଏବଂ ବର୍ତ୍ତମାନର ବଙ୍ଗଳାଦେଶ ନାମରେ ପରିଚିତ ଲାଭ କରିଥିଲା।

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

## ଭ୍ୟାନିଟ ଲୁଟ୍ ବେଳେ ସ୍କୁଟିରୁ ପଡି ମହିଳାଙ୍କ ମୃତ୍ୟୁ ମାମଲା

ଭୁବନେଶ୍ୱର,୧୫।୧୨
(ସତ୍ୟଜିତ ରାଉତ)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ଭ୍ୟାନିଟି ଝାମ୍ପିନେବା ବେଳେ ସ୍କୁଟିରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ମାମଲାରେ ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ ବନ୍ଦନା କର ସୋମବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ରବିନାରାୟଣ ସାହୁଙ୍କୁ ୧୦ବର୍ଷ ଜେଲଦଣ୍ଡ ହୋଇଛି। ଆଇପିସି ଦଫା ୩୯୪ ଓ ୩୦୪(୨)ରେ ତାଙ୍କୁ ବିଚାରପତି ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରିଣୀ ଉଷାରାଣୀ ଛୋଟରାୟ ଖୋର୍ଦ୍ଧା ଟାଉନ ଗାନ୍ଧିପଡ଼ିଆ ଅଞ୍ଚଳରେ ପରିବାର ସହ ରୁହନ୍ତି। ୨୦୧୮ ନଭେମ୍ବର ୨୨ ସନ୍ଧ୍ୟା ପ୍ରାୟ ୬ଟା ୩୦ ବେଳେ ସେ ମା' ଶାନ୍ତିଲତାଙ୍କୁ ସ୍କୁଟିରେ ବସାଇ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ଯାଁଳା ଡାକଘର ନିକଟରେ ଅଭିଯୁକ୍ତ ରବିନାରାୟଣ ଏବଂ ତାଙ୍କର ଜଣେ ସହଯୋଗୀ ଏକ ବାଇକରେ ସେମାନଙ୍କ ସ୍କୁଟିକୁ ପିଛା କରିଥିଲେ। ସୁଯୋଗ ଦେଖି ଶାନ୍ତିଲତାଙ୍କ ହାତରୁ ଭ୍ୟାନିଟି ବ୍ୟାଗକୁ ରବି ନାରାୟଣ ଝାମ୍ପି ନେଇଯାଇଥିଲେ। ଏହି ସମୟରେ ଶାନ୍ତିଲତା ସ୍କୁଟିରୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ବିବେକାନନ୍ଦ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଶାନ୍ତିଲତାଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ନଭେମ୍ବର ୨୪ରେ ଉଷାରାଣୀଙ୍କ ଏତଲାକ୍ରମେ ଜଟଣୀ ଥାନା ମାମଲା (ନଂ.୪୦୦/୨୦୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ରବିନାରାୟଣଙ୍କୁ ପୋଲିସ ଗିରଫ କରିଥିଲା। ସରକାରୀ ଓକିଲ ରଞ୍ଜନ ମହାନନ୍ଦିଆ ଓ ବିଶ୍ୱରଞ୍ଜନ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଶକ୍ତି ସଂରକ୍ଷଣକୁ ଜାତୀୟ କର୍ତ୍ତବ୍ୟ ଭାବେ ଗ୍ରହଣ କର: ଉପମୁଖ୍ୟମନ୍ତ୍ରୀ


ଜାତୀୟ ଶକ୍ତି ସଂରକ୍ଷଣ ଦିବସ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୫।୧୨
(ବନ୍ଦନା ସେଠୀ)

ଶକ୍ତି ସଂରକ୍ଷଣକୁ କେବଳ ଏକ ଅଭ୍ୟାସ ଭାବରେ ନୁହେଁ, ଏକ ଜାତୀୟ କର୍ତ୍ତବ୍ୟ ଭାବେ ଗ୍ରହଣ କରିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଘରେ ଅର୍ଥିଂ କରିବା ଏବଂ ସ୍ମାର୍ଟ ମିଟରର ବ୍ୟାପକ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରାଯିବା ଦରକାର। ଏହା ଶକ୍ତି କ୍ଷତି ହ୍ରାସ ହେବାର ସମ୍ଭାବନା ରଖେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ରବିବାର ଲୋକସେବା ଭବନଠାରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ସରକାର ଜଳବାୟୁ ସ୍ଥିରତା ଏବଂ ସ୍ଥାୟୀ ବିକାଶ ଉପରେ ଜାତୀୟ ମିଶନ ସହିତ ସମନ୍ୱୟ ରଖି ଶକ୍ତି ଦକ୍ଷତା ଏବଂ ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବଦା ପ୍ରତିବଦ୍ଧ ଅଛନ୍ତି। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ କହିଲେ, ଆମେ ଶକ୍ତି ସଂରକ୍ଷଣ ଉପରେ ଧ୍ୟାନ ଦେବା ଉଚିତ, ଯାହା ସବୁଠାରୁ ଶସ୍ତା, ସ୍ୱଚ୍ଛ ଉତ୍ସରୁ ଉତ୍ପାଦିତ। ଶକ୍ତି କ୍ଷେତ୍ରରେ ପମ୍ପ୍‌ଡ଼ ଷ୍ଟୋରେଜ ନୀତି ପୂର୍ବରୁ କାର୍ଯ୍ୟକାରୀ ହୋଇଛି। ସମ୍ପ୍ରତି ଫ୍ଲୋଟିଂ ସୋଲାର ଗାଇଡ୍‌ଲାଇନ୍ ଜାରି କରାଯାଇଛି, ଯାହା ସୌର ପବନ, ଜଳ ଇତ୍ୟାଦି କ୍ଷେତ୍ରରେ ଓଡ଼ିଶାର ନବୀକରଣୀୟ ଶକ୍ତି କ୍ଷମତାକୁ ତ୍ୱରାନ୍ୱିତ କରିପାରିବ। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶକ ଡ. କେ. ମୁରୁଗେସନ ଶକ୍ତି ସଂରକ୍ଷଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବାକୁ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ସିପିଆରଆଇର ପୂର୍ବତନ ମହାନିର୍ଦ୍ଦେଶକ ଏ.କେ. ତ୍ରିପାଠୀ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିପିପି/ଆଇପିପି, ଇସ୍ପାତ ଏବଂ ବିଦ୍ୟୁତ୍, ଏମ୍‌ଏସ୍‌ଏମଇ, ଶିକ୍ଷାନୁଷ୍ଠାନର ବିଜେତାମାନଙ୍କୁ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର (ଓଏସଇସିଏ) ପ୍ରଦାନ କରିଥିଲେ। ପରେ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ୍‌ସ୍ତରୀୟ ଏବଂ ଜିଲାସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଅଷ୍ଟମରୁ ଦଶମ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୮ ହଜାର, ୫ ହଜାର ଏବଂ ୩ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ଅନ୍ୟ ଛାତ୍ରୀଛାତ୍ରଙ୍କୁ ସ୍ମାରକୀ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟ ଇଞ୍ଜିନିୟର ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କଳିଙ୍ଗ ଷ୍ଟାଡିୟମର ୩ ନମ୍ବର ଗେଟ୍‌ରୁ ଲୋକସେବା ଭବନ ପର୍ଯ୍ୟନ୍ତ ଶକ୍ତି ସଂରକ୍ଷଣ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଉପମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

# ଟ୍ରାକ୍ଟରରୁ ଖସି ଯୁବକଙ୍କ ମୃତ୍ୟୁ

କେନ୍ଦୁଝର,୧୫।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ନେଲୁଙ୍ଗ ରାସ୍ତାରେ ସୋମବାର ଏକ ପୋଲ ନିକଟରେ ଟ୍ରାକ୍ଟରରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତୁରୁମୁଙ୍ଗା ଥାନା ଡାବରତୁଆ ଗ୍ରାମର ରଘୁନାଥ ନାଏକଙ୍କ ପୁଅ ମନୋଜ ନାଏକ। ସେ ସକାଳେ ଗାଁରୁ ଏକ ଟ୍ରାକ୍ଟର ଯୋଗେ ବୋଦାପଲଶା ଗ୍ରାମକୁ ଆସୁଥିଲେ। ରାସ୍ତାରେ ଟ୍ରାକ୍ଟରରୁ ପଡିଯିବାରୁ ଗୁରୁତର ହୋଇଥିଲେ। ଚାଳକ ତାଙ୍କୁ ମେଡିକାଲ ନେଉଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା। ଚାଳକ ଭୟଭିତ ହୋଇ ରାସ୍ତାକଡ଼ରେ ମୃତଦେହ ରଖି ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ସଙ୍କୁଚିତ ହେଉଛି ଐତିହ୍ୟ ଶିଶୁପାଳଗଡ଼

- ଜବରଦଖଲରେ ସରକାରୀ ଜମି
- ବାଂଲାଦେଶୀଙ୍କୁ ହଟାଇବାକୁ ଦାବି

ପୁରୁଣା ଭୁବନେଶ୍ୱର,୧୫।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶରରେ ରହିଛି ପ୍ରାଚୀନ ଐତିହ୍ୟ ଶିଶୁପାଳଗଡ଼। ଏହା ହଜାର ହଜାର ବର୍ଷ ତଳର ଜୀବନ ଓ ସଭ୍ୟତାର ପରିଚୟ ଦିଏ। ତେବେ କେତେଜଣ ବିଲ୍ଡର ଏବଂ ପ୍ରଭାବଶାଳୀ ବ୍ୟକ୍ତି ଗଡ଼ କାଟି ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରିଛନ୍ତି। ଏପରିକି ବାଂଲାଦେଶୀଙ୍କ ଭଳି ଅନେକ ଅନୁପ୍ରବେଶକାରୀ ଗୃହ ନିର୍ମାଣ କରି ରହିଲେଣି। ଐତିହ ଷୋଳ ଖୁମ୍ବ ଏଠାରେ ଆଉ ନାହିଁ। କେତେକର ଭଗ୍ନାବଶେଷ କେବଳ ସାକ୍ଷୀ ରହିଥିବା ବେଳେ ଆଉ କେତେକ ଖୁମ୍ବ ଉଭାନ ହୋଇଯାଇଛି। ଫଳରେ ଶିଶୁପାଳଗଡ଼ ଏକ ବର୍ଗ କିମି ବିଶିଷ୍ଟ ଏହି ବର୍ଗାକାର ଦୁର୍ଗ ମୂଳ ପରିସୀମାଠାରୁ ସଙ୍କୁଚିତ ହୋଇଗଲାଣି। ଏହି ଗଡ଼ର ଅନେକ କୀର୍ତ୍ତିର ସ୍ମୃତି ମାଟିକୁନ୍ଦରେ ପୋତି ହୋଇ ରହିଛି। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଗଡ଼ ଖନନ କାର୍ଯ୍ୟରୁ ଘର କରଣା ସାମଗ୍ରୀ, ମୁଦ୍ରା, ପାତ୍ର ଭଳି ଧ୍ୱଂଶାବଶେଷର କିୟଂଦଶ ମିଳିଥିଲା। ତେଣୁ ନିର୍ମାଣ, ଖନନ ଓ ଜବରଦଖଲ ପାଇଁ ଏହି ଶିଶୁପାଳଗଡ଼ ଏବେ ପରିଚୟ ଖୋଜୁଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏବଂ ଜିଲା ପ୍ରଶାସନ ବାଂଲାଦେଶୀଙ୍କ ସହ ଅନ୍ୟ ଅନୁପ୍ରବେକାରୀଙ୍କୁ ବିତାଡ଼ିତ କରିବା ସହ ଜବରଦଖଲ ଉଚ୍ଛେଦ କରି ମୂଳ ପରିସୀମାରେ ତାର ବାଡ଼ କରାଇଲେ ଗଡ଼ ସୁରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ଯେ, ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବିତାଡ଼ିତ କରାଯିବ। ଗଡ଼ରେ ନିର୍ମିତ ବେଆଇନ ଗୃହ ଭଙ୍ଗାଯିବ। ସେହିପରି ଐତିହାସିକ ପ୍ରଫୁଲ୍ଲ କୁମାର ତ୍ରିପାଠୀ କହିଛନ୍ତି ଯେ, ଐତିହ୍ୟ କୀର୍ତ୍ତିରାଜି ନଷ୍ଟ ପାଇଁ ପ୍ରଶାସନ ଦାୟୀ। ଦୁର୍ଗର ଚାରିପାଖ ବନ୍ଧ କାଟି ଘର ନିର୍ମାଣ କରାଯିବା, ଅନୁପ୍ରବେଶକାରୀଙ୍କୁ ଭୋଟର ଆଇଡି କିମ୍ବା ଆଧାରକାର୍ଡ ଦେବା ପ୍ରୋତ୍ସାହନ ପାଇଁ ଏବେ ଏହି ଗଡ଼ ହଜିବାକୁ ବସିଲାଣି। ସେହିପରି ଏକାମ୍ର ଜନ ଜାଗରଣ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି ଯେ, ଶିଶୁପାଳଗଡ଼ ଜମି ମାଫିଆଙ୍କ କବ୍‌ଜାରେ ରହିଛି। ଏଠାରେ ବାଂଲାଦେଶୀଙ୍କ ଭଳି ଅନୁପ୍ରବେଶକାରୀଙ୍କୁ ପ୍ରଶାସନ ପ୍ରୋତ୍ସାହନରେ ରଖାଯାଉଛି। ଏମାନଙ୍କୁ କିଭଳି ପାଣି, ବିଦ୍ୟୁତ୍, ରାଶନ ଯୋଗାଯାଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଜ୍ୟୋତିଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ତମ ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କ ପକ୍ଷରୁ 'ଗଛ ଲଗାନ୍ତୁ-ପୃଥିବୀକୁ ବଞ୍ଚାନ୍ତୁ' ବିଷୟ ସହିତ ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମ ସାରା ଦେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳବିହାରଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ଚାରାରୋପଣର ଗୁରୁତ୍ୱ, ପରିବେଶଗତ ସ୍ଥିରତା ଏବଂ ଜୈବ ବିବିଧତାକୁ ସମର୍ଥନ କରିବା ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ପୂର୍ବତଟ ରେଳପଥର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଇଷ୍ଟେଟ୍) କେ.ସି ଗୌଡ, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରଶେଖରପୁର ଶାଖାର ଶାଖା ମୁଖ୍ୟ ବନ୍ଦନା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୯ ଷ୍ଟେଶନକୁ ପରିବେଶଗତ ପରିଚାଳନା ପ୍ରଣାଳୀ ପ୍ରମାଣପତ୍ର

ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ୯ଟି ପ୍ରମୁଖ ରେଳ ଷ୍ଟେଶନରେ ଆଇଏସ୍ଓ ୧୪୦୦୧:୨୦୧୫ ପରିବେଶଗତ ପରିଚାଳନା ପ୍ରଣାଳୀ (ଇଏମ୍ଏସ୍) ଅଡିଟ ସମାପ୍ତ ହୋଇଛି। ଆଇଏସଓ ୧୪୦୦୧:୨୦୧୫ ପ୍ରମାଣପତ୍ର ସହିତ ସମ୍ମାନିତ ରେଳ ଷ୍ଟେଶନଗୁଡ଼ିକ ହେଉଛି ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ପଲାସା, ବାଲୁଗାଁ, ଯାଜପୁର-କେନ୍ଦୁଝର ରୋଡ, ଭଦ୍ରକ, କଟକ ଏବଂ ବ୍ରହ୍ମପୁର। ଏହି ଷ୍ଟେଶନଗୁଡ଼ିକ ସମଗ୍ର ଷ୍ଟେଶନ ପରିସରରେ ଉନ୍ନତ ଏବଂ ପରିବେଶଗତ ଭାବରେ ଦକ୍ଷ ପଦକ୍ଷେପ ଗ୍ରହଣ କରିଛି,ଯେଉଁଥିରେ ଯାତ୍ରୀ ସେବା ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଯେପରିକି ଟ୍ରେନ ପରିଚାଳନା, ସିଗନାଲିଂ ଏବଂ ଟେଲିଯୋଗାଯୋଗ, ଷ୍ଟେଶନ ରକ୍ଷଣାବେକ୍ଷଣ, ଟିକେଟିଂ ସେବା,



ସାର୍ବଜନୀନ ଉପଯୋଗିତା ଏବଂ ଅନ୍ୟାନ୍ୟ ଯାତ୍ରୀ ସୁବିଧା ଅନ୍ତର୍ଭୁକ୍ତ ରହିଛି। ସମସ୍ତ ୯ ପ୍ରମାଣିତ ଷ୍ଟେଶନ ଅପଚୟ ହ୍ରାସ, ଜଳ ସଂରକ୍ଷଣ ଏବଂ ସମ୍ପଦର ଦକ୍ଷ ଉପଯୋଗ ପାଇଁ ପ୍ରଭାବଶାଳୀ ପଦକ୍ଷେପ କାର୍ଯ୍ୟକାରୀ କରି ଉନ୍ନତ ପରିବେଶଗତ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛନ୍ତି। ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ୟବସ୍ଥିତ ସଂଗ୍ରହ, ପୃଥକୀକରଣ ଏବଂ ବୈଜ୍ଞାନିକ ଭାବରେ ବର୍ଜ୍ୟବସ୍ତୁର ନିଷ୍କାସନ କଡ଼ାକଡ଼ି ଭାବରେ କରାଯାଉଛି। ପ୍ଲାଟଫର୍ମ, ପରିଚାଳନା କ୍ଷେତ୍ର, ଶୌଚାଳୟ ଏବଂ ବିଶ୍ରାମାଗାର ସମେତ ସ୍ୱଚ୍ଛତା, ପରିମଳ ଏବଂ ପରିଷ୍କାରତାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ହାସଲ କରାଯାଇଛି। ନିରାପଦ ଏବଂ ସ୍ୱଚ୍ଛ ପାନୀୟ ଜଳ ସୁନିଶ୍ଚିତ କରିବା, ଉନ୍ନତ ପରିମଳ ସୁବିଧା ଏବଂ ପାଣି ଟାଙ୍କିରେ ଭାସମାନ ଭଲ୍ଭ ସ୍ଥାପନ ଭଳି ଜଳ ସଂରକ୍ଷଣ ପଦକ୍ଷେପ ଏବଂ ପରିବେଶ ସୁରକ୍ଷାରେ ଆହୁରି ଅବଦାନ ରଖିଛି। ସୂଚନା ଥାଉକି, ଆଇଏସଓ ୧୪୦୦୧:୨୦୧୫ ହେଉଛି ପରିବେଶଗତ ପରିଚାଳନା ପ୍ରଣାଳୀ ପାଇଁ ଏକ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାନକ ଯାହା ପ୍ରଯୁଜ୍ୟ ରାଜ୍ୟ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମାବଳୀର ଅନୁପାଳନ ସୁନିଶ୍ଚିତ କରିବା ସହିତ ସଂଗଠନଗୁଡ଼ିକୁ ପରିବେଶଗତ କାର୍ଯ୍ୟଦକ୍ଷତା ଉନ୍ନତ କରିବାରେ ସାହାଯ୍ୟ କରେ। ତୃତୀୟ-ପକ୍ଷ ସ୍ୱୀକୃତିପ୍ରାପ୍ତ ଜାତୀୟ ସଂସ୍ଥା ଏନଭୋ ଗ୍ରୀନ ମ୍ୟାନେଜମେଣ୍ଟ କନ୍ସଲଟିଙ୍ଗ ସଲ୍ୟୁସନ୍ସ, କଟକ ଦ୍ୱାରା କରାଯାଇଥିବା ଏକ ବ୍ୟାପକ ସର୍ଭେ ଏବଂ ଅଡିଟ ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମେକାନିକାଲ ବିଭାଗର ପରିବେଶଗତ ହାଉସକିପିଂ ମ୍ୟାନେଜମେଣ୍ଟ ଦଳକୁ ରେଳ ଷ୍ଟେଶନଗୁଡ଼ିକୁ ଅଧିକ ପରିବେଶ ଅନୁକୂଳ କରିବାରେ ଏବଂ ପୂର୍ବତଟ ରେଳପଥର ସ୍ଥାୟୀ, ଦାୟିତ୍ୱପୂର୍ଣ୍ଣ ଏବଂ ଯାତ୍ରୀ-କେନ୍ଦ୍ରିକ ରେଳ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ଏବଂ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ୩ ଟ୍ରେନ୍ ବାତିଲ, ବିଳମ୍ବରେ ଛାଡ଼ିବ ୬ ଟ୍ରେନ୍

ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)


ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ଖନ୍ତାପଡ଼ା ଷ୍ଟେଶନର ୟାର୍ଡ ପୁନଃ ମଡେଲିଂ କାର୍ଯ୍ୟ ଜାରି ରହିଥିବାରୁ ୩ ଟ୍ରେନ୍ ବାତିଲ କରାଯାଇଥିବାବେଳେ କେତେକ ଟ୍ରେନ୍ ମାର୍ଗ ଓ ସମୟ ପରିବର୍ତ୍ତନ କରାଯାଇଛି। ୬୮୪୦୭/ ୬୮୪୦୮ ବାଲେଶ୍ୱର-ଭୁବନେଶ୍ୱର-ବାଲେଶ୍ୱର ମେମୁ ଡିସେମ୍ବର ୧୬ରୁ ୨୮ ପର୍ଯ୍ୟନ୍ତ ବାତିଲ ରହିବ। ୬୮୦୫୨/ ୬୮୦୫୧ ଭଦ୍ରକ-ବାଲେଶ୍ୱର-ଭଦ୍ରକ ମେମୁ ୨୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ସେହିପରି ୧୮୦୩୭/ ୧୮୦୩୮ ଖଡ଼ଗପୁର-ଯାଜପୁର କେଉଁଝର ରୋଡ-ଖଡ଼ଗପୁର ଏକ୍ସପ୍ରେସ ୨୪ ତାରିଖରେ ବାତିଲ ରହିବ। ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ୨୨ ତାରିଖରେ ନିର୍ଦ୍ଧାରିତ ସମୟଠାରୁ ୪ ଘଣ୍ଟା ବିଳମ୍ବରେ ଛାଡିବ। ୨୨୮୯୬ ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ୨୩ ଡିସେମ୍ବରରେ ୧ ଘଣ୍ଟା ୩୦ ମିନିଟ ଏବଂ ୨୬ ଡିସେମ୍ବର ୨୦୨୫ ଦିନ ନିର୍ଦ୍ଧାରିତ ସମୟଠାରୁ ୧ ଘଣ୍ଟା ୧୫ ମିନିଟ ବିଳମ୍ବରେ ଛାଡିବ। ୧୨୮୨୨ ପୁରୀ-ହାଓଡା ଧଉଳି ଏକ୍ସପ୍ରେସ ୨୪ ତାରିଖରେ ୫ ଘଣ୍ଟା ଏବଂ ୨୮ ତାରିଖରେ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ବିଳମ୍ବରେ ଛାଡିବ। ୧୨୮୧୫ ପୁରୀ-ଆନନ୍ଦ ବିହାର ଟର୍ମିନାଲ ନୀଳାଚଳ ଏକ୍ସପ୍ରେସ ୨୪ ତାରିଖରେ ୫ ଘଣ୍ଟା ବିଳମ୍ବରେ ଛାଡିବ। ୨୨୮୧୧ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ୨୪ ତାରିଖରେ ୪ ଘଣ୍ଟା ଏବଂ ୨୮ ତାରିଖରେ ୨ ଘଣ୍ଟା ବିଳମ୍ବରେ ଛାଡିବ। ୬୮୪୪୨ ପୁରୀ-ଜଳେଶ୍ୱର ମେମୁ ୨୫ ତାରିଖରେ ୧ ଘଣ୍ଟା ୩୦ ମିନିଟ ବିଳମ୍ବରେ ଛାଡିବ। ଅନ୍ୟପଟେ ୬୮୦୪୯ / ୬୮୦୫୦ ଖଡ଼ଗପୁର-ଭଦ୍ରକ-ଖଡ଼ଗପୁର ମେମୁ ୨୧ ରୁ ୩୦ ପର୍ଯ୍ୟନ୍ତ ବାଲେଶ୍ୱର ଏବଂ ଭଦ୍ରକ ମଧ୍ୟରେ ସେବା ବାତିଲ ରହିବ।

# ଏପ୍ରିଲ ପରଠାରୁ ବେକାରି ହାର ସର୍ବନିମ୍ନ ସ୍ତରରେ ପହଞ୍ଚିଛି

ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)

ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (ଏମ୍ଓଏସ୍ପିଆଇ) ଅଧୀନରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଦ୍ୱାରା ପରିଚାଳିତ ସାମୟିକ ଶ୍ରମ ବଳ ସର୍ଭେ (ପିଏଲ୍ଏଫ୍ଏସ୍) ତଥ୍ୟ ଅନୁସାରେ ୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ଲୋକଙ୍କ ମଧ୍ୟରେ ବେକାରୀ ହାର ୨୦୨୫ ନଭେମ୍ବରରେ ୪.୭୫%କୁ ହ୍ରାସ ପାଇଛି, ଯାହା ଏପ୍ରିଲ ମାସ ପରେ ସର୍ବନିମ୍ନ ସ୍ତର। ନଭେମ୍ବରରେ ଗ୍ରାମୀଣ ବେକାରୀ ହାର ୩.୯%ର ନୂତନ ସର୍ବନିମ୍ନ ସ୍ତରକୁ ଖସିଆସିଥିବାବେଳେ ସହରାଞ୍ଚଳ ବେକାରୀ ହାର ୬.୫%କୁ ହ୍ରାସ ପାଇଛି। ଏହା ଏପ୍ରିଲରେ ରେକର୍ଡ କରାଯାଇଥିବା ପୂର୍ବ ସର୍ବନିମ୍ନ ସ୍ତର ସହିତ ସମାନ। ସାମଗ୍ରିକ ଭାବରେ ୟୁଆର ନଭେମ୍ବରରେ ୪.୭%କୁ ହ୍ରାସ ପାଇଥିଲା, ଯାହା ଏପ୍ରିଲ ପରଠାରୁ ସର୍ବନିମ୍ନ। ପୁରୁଷ ଏବଂ ମହିଳାଙ୍କ ପାଇଁ ବେକାରୀ ହାର (ୟୁଆର) ନଭେମ୍ବରରେ ହ୍ରାସ ପାଇଛି। ମହିଳାଙ୍କ ମଧ୍ୟରେ ୟୁଆର ଅକ୍ଟୋବରରେ ୫.୪%ରୁ ନଭେମ୍ବରରେ ୪.୮%କୁ ହ୍ରାସ ପାଇଛି। ଏହି ହ୍ରାସ ଗ୍ରାମୀଣ ଏବଂ ସହରାଞ୍ଚଳ ମହିଳାମାନଙ୍କ ପାଇଁ ୟୁଆରରେ ଯଥାକ୍ରମେ ୪.୦%ରୁ ୩.୪% ଏବଂ ୯.୭%ରୁ ୯.୩%କୁ ହ୍ରାସ ଦ୍ୱାରା ହୋଇଥିଲା। ଏହା ବ୍ୟତୀତ ନଭେମ୍ବରରେ ସାମଗ୍ରିକ ପୁରୁଷ ବେକାରୀ ହାର ୪.୬%କୁ ହ୍ରାସ ପାଇଛି, ଯାହା ଅକ୍ଟୋବରରେ ୫.୧% ଥିଲା। ଅନ୍ୟପଟେ ୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ଲୋକଙ୍କ ମଧ୍ୟରେ ମୋଟ ଏଲ୍ଏଫ୍ପିଆର ନଭେମ୍ବରରେ ୫୫.୮%କୁ ବୃଦ୍ଧି ପାଇଛି, ଯାହା ଏପ୍ରିଲ ପରଠାରୁ ସର୍ବାଧିକ ସ୍ତର। ଏଲ୍ଏଫ୍ପିଆରରେ ଏହି ବୃଦ୍ଧି ମୁଖ୍ୟତଃ ଗ୍ରାମାଞ୍ଚଳ ଦ୍ୱାରା ପରିଚାଳିତ ହୋଇଥିଲା, ଯେଉଁଠାରେ ଏଲ୍ଏଫ୍ପିଆର ଏପ୍ରିଲରେ ୫୮.୦%ରୁ ନଭେମ୍ବରରେ ୫୮.୬%କୁ ବୃଦ୍ଧି ପାଇଛି। ପୂର୍ବ ମାସ ତୁଳନାରେ ଗ୍ରାମାଞ୍ଚଳ ଏଲ୍ଏଫ୍ପିଆର ୫୭.୮%ରୁ ବୃଦ୍ଧି ପାଇଛି। ସହରାଞ୍ଚଳ ଏଲ୍ଏଫପିଆର ୫୦.୫%ରୁ ୫୦.୪%କୁ ସାମାନ୍ୟ ହ୍ରାସ ପାଇଛି। ନଭେମ୍ବରରେ ସାମଗ୍ରିକ ଏଲଏଫପିଆର ୫୫.୮% ବୃଦ୍ଧି ପାଇଥିଲା। ମୋଟ ମହିଳା ଏଲଏଫପିଆର ଜୁନ୍‌ରୁ ନଭେମ୍ବର ପର୍ଯ୍ୟନ୍ତ ୩୨.୦%ରୁ ୩୫.୧% ପର୍ଯ୍ୟନ୍ତ ସ୍ଥିର ଭାବରେ ବୃଦ୍ଧି ପାଇଛି। ଗ୍ରାମୀଣ ମହିଳା ଏଲ୍ଏଫପିଆରରେ ଜୁନ୍‌ରେ ୩୫.୨%ରୁ ନଭେମ୍ବରରେ ୩୯.୭%କୁ ବୃଦ୍ଧି ପାଇଛି। ନଭେମ୍ବରରେ ଶ୍ରମିକ ଜନସଂଖ୍ୟା ଅନୁପାତ (ଡବ୍ଲୁପିଆର) ଗ୍ରାମାଞ୍ଚଳରେ ଏପ୍ରିଲରେ ୫୫.୪%ରୁ ନଭେମ୍ବରରେ ୫୬.୩%କୁ ବୃଦ୍ଧି ପାଇଛି,। ସାମଗ୍ରିକ ଡବ୍ଲୁପିଆର ସମାନ ସମୟ ମଧ୍ୟରେ ୫୨.୮%ରୁ ୫୩.୨%କୁ ବୃଦ୍ଧି ପାଇଛି। କ୍ଷେତ୍ରଗତ ଭାବରେ, ଗ୍ରାମୀଣ ଏବଂ ସହରାଞ୍ଚଳ ପୁରୁଷ ବେକାରୀ ହାର ନଭେମ୍ବରରେ ଯଥାକ୍ରମେ ୪.୧% ଏବଂ ୫.୬% ଥିଲା, ଯାହା ପୂର୍ବ ମାସରେ ୪.୬% ଏବଂ ୬.୧% ଥିଲା। ଏପ୍ରିଲ-ନଭେମ୍ବର ମଧ୍ୟରେ, ପୁରୁଷ, ମହିଳା ଏବଂ ସାମଗ୍ରିକ ଜନସଂଖ୍ୟା ପାଇଁ ବେକାରୀ ହାର ସ୍ଥିର ଏବଂ ବ୍ୟାପକ ଭାବରେ ହ୍ରାସ ପାଇଛି। ମହିଳା ଉଭୟ ବେକାରୀ ନଭେମ୍ବରରେ ସର୍ବନିମ୍ନ ସ୍ତରକୁ ପହଞ୍ଚିଥିଲେ।

# ବଢ଼ୁଛି ମୋବାଇଲ ରେଳ ଟିକେଟ ବୁକିଂ ଚାହିଦା



ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଭାରତୀୟ ରେଳଯାତ୍ରୀ ସଂରକ୍ଷଣ ପ୍ରଣାଳୀ (ପିଆରଏସ୍) ଅଧୀନରେ ଇଣ୍ଟରନେଟ ଟିକେଟ ସଂରକ୍ଷଣ (ଇ-ଟିକେଟିଂ)ର ଚାହିଦା ବଢ଼ିଛି। ଅନ୍ଲାଇନ ଟିକେଟ ବୁକିଂ ବିଶେଷ କରି ରେଲ ଓ୍ୱାନ୍ ଆପ୍ ବ୍ୟବହାର ଦ୍ୱାରା ଯାତ୍ରୀମାନଙ୍କୁ ରେଳ ଷ୍ଟେଶନ ପରିଦର୍ଶନ ନକରି ଯେକୌଣସି ସ୍ଥାନରୁ ଯଥା ଘର ହେଉ କିମ୍ବା ଅଫିସ କିମ୍ବା ମୋବାଇଲ ଡିଭାଇସ ସିଟ୍ ସଂରକ୍ଷଣ କରିବାକୁ ସାହାଯ୍ୟ କରୁଛି। ଏହାଦ୍ୱାରା ଯାତ୍ରୀମାନଙ୍କୁ ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁନାହିଁ। ଯାତ୍ରୀମାନେ ସେମାନଙ୍କ ଫୋନ୍‌ରେ କିମ୍ବା ପ୍ରିଣ୍ଟଆଉଟରେ ଏକ କମ୍ପ୍ୟୁଟର-ଜେନେରେଟେଡ ସ୍ଲିପକୁ ଯାତ୍ରା ସମୟରେ ବ୍ୟବହାର କରିପାରିବେ। ୨୦୨୫ ନଭେମ୍ବରରେ ଭାରତୀୟ ରେଳପଥରେ ଇଣ୍ଟରନେଟ-ଆଧାରିତ ଟିକେଟ ବୁକିଂ ୮୪.୧୭% ରହିଥିଲା। ସେହି ସମୟ ମଧ୍ୟରେ ପୂର୍ବତଟ ରେଳପଥରେ ୮୪.୧୧% ଅନ୍ଲାଇନ ବୁକିଂ ରେକର୍ଡ କରାଯାଇଥିବାବେଳେ ଖୋର୍ଦ୍ଧା ରୋଡ ରେଳମଣ୍ଡଳରେ ୮୨.୭୧% ରେକର୍ଡ କରାଯାଇଛି ଏବଂ ଅବଶିଷ୍ଟ ଟିକେଟ ପିଆରଏସ୍ କାଉଣ୍ଟର ମାଧ୍ୟମରେ ବୁକ ହୋଇଥିଲା। ଏପ୍ରିଲ ୧ରୁ ନଭେମ୍ବର ୩୦ ଅର୍ଥାତ୍ ୮ ମାସର ତଥ୍ୟକୁ ଦେଖିଲେ ମୋବାଇଲ ଟିକେଟ ବୁକିଂ ଚାହିଦା ବଢୁଥିବା ସ୍ପଷ୍ଟ ହୋଇଛି। ଭାରତୀୟ ରେଳ ଏହି ସମୟ ମଧ୍ୟରେ ୮୪.୫୪% ଅନଲାଇନ ଟିକେଟ ପଞ୍ଜୀକୃତ କରିଥିଲା ବେଳେ ପୂର୍ବତଟ ରେଳପଥ ୮୪.୪୦% ଏବଂ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଇଣ୍ଟରନେଟ ବୁକିଂର ଉଚ୍ଚ ଅଂଶ ୮୨.୯୪% ବଜାୟ ରଖିଛି।

# ସଡ଼କ ଭିତ୍ତିଭୂମି ପ୍ରକଳ୍ପରେ ଜିଓ ସିନ୍ଥେଟିକ୍ସ ପ୍ରୟୋଗକୁ ଗୁରୁତ୍ୱ




ଭୁବନେଶ୍ୱର,୧୫।୧୨(ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)ର ସିଭିଲ ଇଞ୍ଜିନିୟରିଂ ବିଭାଗରେ ସଡ଼କ ଭିତ୍ତିଭୂମି ପ୍ରକଳ୍ପରେ ଜିଓ ସିନ୍ଥେଟିକ୍ସର ପ୍ରୟୋଗ ବିଷୟରେ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଛି। ନୂଆଦିଲ୍ଲୀର ସିଏସ୍ଆଇଆର ସେଣ୍ଟ୍ରାଲ ରୋଡ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ (ସିଆର୍ଆରଆଇ) ଏବଂ ବସ୍ତ୍ର ମନ୍ତ୍ରଣାଳୟର ଜାତୀୟ ପ୍ରାୟୋଗିକ ବସ୍ତ୍ର ମିଶନ (ଏନ୍ଟିଟିଏମ୍)ର ମିଳିତ ଉଦ୍ୟମ ତଥା ଓୟୁଟିଆର୍ ସହଯୋଗରେ କରାଯାଉଛି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦକ୍ଷତା ଉନ୍ନୟନ ଓ ପ୍ରାୟୋଗିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୁପେନ୍ଦ୍ର ସିଂ ପୁନିଆ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଦକ୍ଷତା ବୃଦ୍ଧି, ବହୁବିଧ ବିଷୟ ଜ୍ଞାନ ଅର୍ଜନ ଓ ବୃତ୍ତିଗତ ସାର୍ଟିଫିକେସନ ମାଧ୍ୟମରେ ଆଗାମୀ ପ୍ରାୟୋଗିକ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାକୁ ପରାମର୍ଶ ଦେଇଥିଲେ। ସିଏସ୍ଆଇଆର୍-ସିଆର୍ଆର୍ଆଇର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ପରିଡ଼ା ସଡ଼କ ଢାଞ୍ଚାରେ ଜିଓସିନ୍ଥେଟିକ୍ସର ଭବିଷ୍ୟତ ସମ୍ଭାବନା, ଜଳବାୟୁ ସହନଶୀଳତା ଏବଂ ପ୍ରାକୃତିକ ସମ୍ପଦ ବ୍ୟବହାର ହ୍ରାସ ବିଷୟରେ ଗୁରୁତ୍ୱ ଦେଇଥିଲେ। ଓୟୁଟିଆର୍ର ସହକାରୀ ପ୍ରଫେସର ପ୍ରମୋଦ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସିଏସ୍ଆଇଆର-ସିଆରଆରଆଇର ମୁଖ୍ୟ ବୈଜ୍ଞାନିକ ଡ. ପି.ଏସ. ପ୍ରସାଦ ପ୍ରକଳ୍ପର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ଡ. ଜି. ଭାରତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓୟୁଟିଆର୍ର ସ୍କୁଲ ଅଫ୍ ଇନ୍ଫ୍ରାଷ୍ଟ୍ରକ୍ଚର ଆଣ୍ଡ ପ୍ଲାନିଂର ମୁଖ୍ୟ ଡ. ସବିତା ଦାଶ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଉପସ୍ଥିତ ଥିଲେ। ସିଏସ୍ଆଇଆର-ସିଆରଆରଆଇର ବରିଷ୍ଠ ବୈଜ୍ଞାନିକ ଡ. ରବି ଶଙ୍କର ଧନ୍ୟବାଦ ଦେଇଥିଲେ।

# ଭୀମ୍ ପକ୍ଷରୁ 'ଗର୍ବ ସେ ସ୍ୱଦେଶୀ' ଅଭିଯାନ

ଭୁବନେଶ୍ୱର,୧୫।୧୨




ଏନ୍‌ପିସିଆଇ ଭୀମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିଏସ୍ଏଲ୍) ଦ୍ୱାରା ବିକଶିତ ଘରୋଇ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ଭୀମ୍ ପେମେଣ୍ଟ ଆପ୍ ପକ୍ଷରୁ 'ଗର୍ବ ସେ ସ୍ୱଦେଶୀ' ଅଭିଯାନ ଶୁଭାରମ୍ଭ କରାଯାଇଛି। ସମଗ୍ର ଭାରତରେ ନୂତନ ଉପଭୋକ୍ତାମାନଙ୍କୁ ଡିଜିଟାଲ୍ ପେମେଣ୍ଟରେ ସାମିଲ୍ କରିବାକୁ ଏହି ଅଭିଯାନର ଉଦ୍ଦେଶ୍ୟ ରହିଛି। ଭୀମ୍ ଚଳିତ ମାସର ଶେଷ ଭାଗରେ ଏହାର ପ୍ରତିଷ୍ଠା ୧୦ମ ବର୍ଷରେ ପ୍ରବେଶ କରୁଛି। ଏହି ଅବସରରେ ଏହା ନୂତନ ଉପଭୋକ୍ତାମାନଙ୍କ ପାଇଁ ୨୦ ଟଙ୍କା କିମ୍ବା ତା' ଠାରୁ ଅଧିକ ମୂଲ୍ୟର ଯେକୌଣସି କାରବାରରେ ଏକ ଫ୍ଲାଟ୍ ୨୦ଟଙ୍କା କ୍ୟାଶବ୍ୟାକ ଅଫର୍ ପ୍ରଦାନ କରିଛି। ଭାରତରେ ନିର୍ମିତ ପେମେଣ୍ଟ ପ୍ଲାଟଫର୍ମ ଭୀମ୍ ଭାରତୀୟ ଉପଭୋକ୍ତା ଓ ସେମାନଙ୍କର ଦୈନନ୍ଦିନ ପେମେଣ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ଏନ୍‌ବିଏସ୍ଏଲ୍‌ର ଏମ୍‌ଡି ଓ ସିଇଓ ଲଳିତା ନଟରାଜ କହିଛନ୍ତି, ଭୀମ୍ ଏକ ଡିଜିଟାଲ, ଆତ୍ମନିର୍ଭରଶୀଳ ଭାରତର ଆତ୍ମବିଶ୍ୱାସ ଓ ଭାରତୀୟମାନେ ପ୍ରତିଦିନ ନେଣଦେଣ ପାଇଁ ପ୍ରାଥମିକତା ଦେଉଥିବା ମାଧ୍ୟମକୁ ପ୍ରତିଫଳିତ କରେ। ଉପଭୋକ୍ତାମାନେ ସେମାନଙ୍କର ଦୈନନ୍ଦିନ ଖର୍ଚ୍ଚ, ବସ୍ କିମ୍ବା ମେଟ୍ରୋ ଟିକେଟ୍, ପ୍ରିପେଡ୍ ରିଚାର୍ଜ, ବିଦ୍ୟୁତ୍, ଗ୍ୟାସ୍ ବିଲ୍ ପେମେଣ୍ଟ ଏବଂ କ୍ୟାଶବ୍ୟାକ ଶୁଳ୍କ ପାଇଁ ଆପ୍ ବ୍ୟବହାର କରିବା ଆରମ୍ଭ କରିବା ପରେ ସେମାନେ ଯୋଗ୍ୟ କାରବାର ଉପରେ ଏକ ମାସରେ ୩୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ପାଇପାରିବେ। ଏହି ବର୍ଷ ଆରମ୍ଭରେ ଲଞ୍ଚ ହୋଇଥିବା ରିଫ୍ରେଶ୍ ଭୀମ୍ ଆପ୍ ୧୫+ ଭାରତୀୟ ଭାଷାରେ ଉପଲବ୍ଧ।


# Classified Everyday
0674-2580101, 9692975378




ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912.D-14




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, hitherto known as Susanta Kumar Biswal alias Sushant Kumar Biswal, S/o. Ghanashyam Biswal, R/o. At- Patra Pur, Kendrapara, Odisha -754215 have changed my name and shall hereafter be known as Sushant Kumar Biswal for all future purposes. D-2834

By virtue of an affidavit sworn before the EXECUTIVE MAGISTRATE, Bhubaneswar, dated 15.12.2025, I, RASMITA PANDA, W/o.- Maheswar Panda, permanent resident of At- Kadua, P.O.- Biraramachandrapur, P.S.- Satyabadi, Dist.- Puri, Odisha, PIN- 752014 declare that I have changed my daughter's name from ARICHATA PANDA to ARCHITA PANDA. Henceforth, my daughter shall be known as ARCHITA PANDA for all purposes.
RASMITA PANDA
D-2835

By Virtue of an affidavit Sworn before EXECUTIVE MAGISTRATE, BHADRAK, on Dated 09-12-25, I, Sarat Kumar Nayak, At- Bagadakasipur, P.O.- Chhayalsingh, P.S.- Bonth, Dist.- Bhadrak-756114, Odisha have changed my daughter's name from SAI SHREE NAYAK to SAISHREE NAYAK for all purposes.
D-2836




ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଧରିତ୍ରୀ DHARITRI
Scan & Pay
BHIM UPI
classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LEGAL NOTICE**

IN THE COURT OF CIVIL JUDGE (Jr. Dvn.) CHANDBALI
C.S NO-85/2021
Suresh Mahalik & others ..........Plaintiffs
Vrs.
State Representing by Collector Bhadrak & others...Defendants

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବୃତ୍ତିକୁ ନିଜ ନାମରେ ସ୍ୱତ୍ୱ ସାବ୍ୟସ୍ତ ଦଖଲ କାଏମ ଓ ଚିରସ୍ଥାୟୀ ନିଷେଧାଜ୍ଞା ଚାହିଁବାଲିକ ଉକିଲାସରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଏଣୁ ଉକ୍ତ ବୃତ୍ତି ପକ୍ଷେ ଯଦି ଅବସାଧାରଣରେ କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଉକ୍ତ ମୋକଦ୍ଦମାର ଧାର୍ଯ୍ୟ ତା.19.01.26ରିଖ ଦିବା 10 ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ଆପତ୍ତି ଅଭିଯୋଗମାନ ଜଣାଇବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ତଫସିଲ ବୃତ୍ତି


ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ମୌଜା- ଓଳଗ, MS ଖାତା ନଂ.- ୫୧୮, ଖଡା- ୧୧୧୧ ଏ୦.୦୬ଡି(କିସମ- ପତିତ)

ଅଦ୍ୟ ତା.28.11.25ରିଖ ଅଦାଲତଙ୍କ ସହିମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।

C.J.J.D, Chandabali

# ପ୍ରଫେସନାଲ ହେବାକୁ ହେଲେ...

**ନିଜ ପ୍ରଫେସନରେ ସକ୍‌ସେସ୍‌ଫୁଲ ହେବାକୁ ହେଲେ ନିଜ କାମ ପ୍ରତି ଅଧିକ ଫୋକସ୍ କରିବା ଜରୁରୀ। ସମୟ ଥାଉ ଥାଉ ଟାର୍ଗେଟ୍ ଆଚିଭ୍ କରିବା ସହ ଅପ୍‌ଟୁଡେଟ୍ ହେବା ବି ଦରକାର। କିନ୍ତୁ ସମସ୍ତଙ୍କ ପକ୍ଷରେ ଏହା ସମ୍ଭବ ହୁଏନା। ଏଥିପାଇଁ ନିଜ କାମକୁ ସଠିକ ରୂପେ ମ୍ୟାନେଜ୍ କରିବା ପାଇଁ ନିମ୍ନୋକ୍ତ ଟିପ୍ସକୁ ଆପଣାଇ ପାରନ୍ତି....**



ଦିନେ ସବିତା ନିଜ କଲିଗ୍ ଦାମିନୀକୁ କହିଲା– 'ୟାର, ସମସ୍ତେ କହୁଛନ୍ତି ,ବଡ ସ୍ୱପ୍ନ ଦେଖ ,ବଡ ଭାବ ଏବଂ ନିଜ ଟାର୍ଗେଟ୍ ସବୁବେଳେ ବଡ ରଖ। ତେବେ ଯାଇ ତୁମକୁ ବଡ ସକ୍‌ସେସ୍ ମିଳିବ। କିନ୍ତୁ ମୁଁ ତ ସବୁ କରି ଦେଖି ଦେଇଛି । ପ୍ରତିଦିନ ନିଜ କାମର ଲିଷ୍ଟ ପ୍ରସ୍ତୁତ କରେ। ଏହାକୁ ନେଇ ଫ୍ୟାମିଲି ଫ୍ରେଣ୍ଡସ୍‌କୁ ସମୟ ଦେଇପାରୁ ନାହିଁ। କିନ୍ତୁ ଫଳସ୍ୱରୂପ କିଛି ମୋତେ ମିଳୁନି। ନିଜ କଥା କହି ସବିତା ଦାମିନୀକୁ କହିଲା– ତା'ଠାରୁ ଏହା ବି ଜାଣିବାକୁ ଚେଷ୍ଟା କଲା ଯେ ତୁ କିପରି ସବୁ କିଛି ମ୍ୟାନେଜ୍ କରୁଛୁ । ଯେମିତି ଫ୍ୟାମିଲିକୁ ବି ସମୟ ଦେଉଛୁ ନିଜ ପ୍ରୋଜେକ୍ଟ ବି ସମୟଥାଇ ସାରି ଦେଉଛୁ ଏବଂ ଏହା ସହିତ ତୁମର ପ୍ରମୋସନ ବି ହେଉଛି। ଦାମିନୀ ହସିକି କହିଲା– ସବିତା, ଏହା କୌଣସି କଠିନ ,ନା ଅସମ୍ଭବ। ବାସ୍, ତୋତେ ନିଜ କାମର ଟାର୍ଗେଟ ଲିଷ୍ଟ ବନାଇ ନିଜର ଟିମ୍ , ଟାଇମ୍ ଏବଂ ଟେକ୍ନୋଲୋଜି ସହିତ କୋଡିନେଟ୍ କରିବା ଆବଶ୍ୟକ। ଏଠାରେ ଗୋଟିଏ କଥା ବୁଝିବା ଆବଶ୍ୟକ ବ୍ୟକ୍ତି ନିଜ ଜୀବନରେ ସବୁ ଲକ୍ଷ୍ୟ ସେତେବେଳେ ହାସଲ କରିପାରେ , ଯେତେବେଳେ ସବୁ ଇଚ୍ଛାକୁ ସେ ଛାଡି ଦିଏ। ଯାହା ତା ମିଶନ୍‌ର ଅପୋଜିଟ୍ ହୋଇଥାଏ। ଆଜ୍ଞା ହଁ, ଯଦି ଆପଣ କିଛି ଛୋଟ ଛୋଟ କଥାକୁ ଧ୍ୟାନ ରଖିବେ ନିଜର ସବୁ କାମ ଟାଇମ୍ ମ୍ୟାନେଜ୍ କରିପାରିବେ। ସହଜରେ ନିଜ ଲକ୍ଷ୍ୟ ପୂରା କରିପାରିବେ।

ନିଜର ସବୁ ଦାୟିତ୍ୱକୁ ସମୀକ୍ଷା କରିବା ଆବଶ୍ୟକ। ଏଥିପାଇଁ ତୁମକୁ ନିର୍ଦ୍ଧାରଣ କରିବାକୁ ହେବ ଯେ ଏମିତି କେଉଁ କାମ ଅଛି ଯାହାକୁ ନିଜେ କରିବାକୁ ହେବ, ଆଉ କୌଣସି କାମ ରହିଛି ଟିମ୍‌କୁ ଦେବା ଆବଶ୍ୟକ ଏବଂ ଆଉ କୌଣସି କାମର ଦାୟିତ୍ୱ ଅନ୍ୟକୁ ଦେବା ଦ୍ୱାରା କୌଣସି ଅସୁବିଧା ହେବନି ଏବଂ କେଉଁ କାମ ନିଜେ କରିବା ଆବଶ୍ୟକ ସେ ବିଷୟରେ ବୁଝିବା ଆବଶ୍ୟକ।

**ଖାଲିଟାରେ ବ୍ୟସ୍ତ ରୁହନି :** ଆପଣ ଅନ୍ୟମାନଙ୍କ କାମରେ ନିଜକୁ ବୁଡାଇ ରଖନ୍ତୁ ନାହିଁ। ଖାଲିଟାରେ କିଛି କାମ ନ ଥାଇ ଅନ୍ୟମାନଙ୍କ ସହ ମିଳାମିଶା ବନ୍ଦ କର। ଦରକାରନାହିଁ ଯେଉଁଠି ସେଠି ମିଟିଂ ଠାରୁ ଦୂରେଇ ରୁହ। ଫଳରେ ଏହାଦ୍ୱାରା ସମୟ ବର୍ବାଦ ହେବ ନାହିଁ। ଯେଉଁ ମିଟିଂ ଆଟେଣ୍ଡ କରିବାର କିଛି ଆବଶ୍ୟକତା ନାହିଁ ସେଠାକୁ ଯିବା ଦରକାର ନାହିଁ। ଏପରି କରିବା ଦ୍ୱାରା ଆପଣଙ୍କ ଉପରେ ଥିବା ଅତିରିକ୍ତ ବୋଝ ହାଲ୍‌କା ହୋଇଯିବ। ଆପଣ ନିଜର ମୁଖ୍ୟ କାମ ଉପରେ ଧ୍ୟାନ ଦେଇ ପାରିବେ।

**ସ୍ମାର୍ଟ ହୁଅନ୍ତୁ**

ଆଜିର ସମୟରେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ଦୂରତାକୁ କମାଇ ଦେଲାଣି। ଟେକ୍ ସେଭି ବ୍ୟକ୍ତିଙ୍କର କାର୍ଯ୍ୟ କ୍ଷମତା ବଢ଼ାଇ ଦେଇଛି। ପ୍ରଥମେ କୌଣସି ବ୍ୟକ୍ତି ସହ ମିଶି ସବୁ କଥା ହେବାକୁ ଦେଖାକରି ବାକୁ ପଡୁଥିଲା। ମିଟିଂ ପାଇଁ ଦୂରକୁ ଯିବାକୁ ପଡୁଥିଲା। ପେମେଣ୍ଟ ପାଇଁ ବ୍ୟାଙ୍କ ଯିବାକୁ ପଡୁଥିଲା ଏଥିପାଇଁ ଅଧିକ ସମୟ ଲାଗୁଥିଲା। ଏବେ ଆପଣ ନିଜ ଡେସ୍କରେ ବସି ଏନଇଏଫଟି ,ଆର୍‌ଟିଜିଏସ୍ କିମ୍ବା ୟୁପିଆଇ ଦ୍ୱାରା ପେମେଣ୍ଟ କରିପାରିବେ। ଭିଡିଓ କଲ ,ଗୁଗୁଲ୍ ମିଟ୍ ଏବଂ ଜୁମ୍ ଦ୍ୱାରା ମିଟିଂ କରି ଏକସଙ୍ଗେ ଅନେକ ଲୋକ ସହିତ କଥାବାର୍ତ୍ତା ହୋଇ ପାରିବେ। ଇ–ମେଲ୍, ହ୍ୱାଟ୍ସଆପ୍ ଦ୍ୱାରା ଡକ୍ୟୁମେଣ୍ଟ,ଫଟୋ ଆଦି ପଠାଇ ପାରିବେ। ଯେଉଁଠି ଫିଜିକାଲ୍ ସାମ୍ପଲ ପଠାଇବାର ଥିବ , ସେଠାରେ ପୋର୍ଟର ଆପ୍ ମାଧ୍ୟମରେ ପଠାଇ ପାରିବେ। ଏଥିପାଇଁ ଟେକନିକାଲ୍ ସ୍ମାର୍ଟ ହୁଅନ୍ତୁ ଏବଂ ସମୟ ସହିତ ଚାଲନ୍ତୁ।





**ବିଭିନ୍ନ ଲକ୍ଷ୍ୟରେ ସାମଞ୍ଜସ୍ୟ ରହିବା ଜରୁରୀ :** ବିଭିନ୍ନ ଲକ୍ଷ୍ୟ ମଧ୍ୟରେ ସାମଞ୍ଜସ୍ୟ ଦେବାକୁ ହେଲେ ନିଜର ମହତ୍ୱପୂର୍ଣ୍ଣ ଲକ୍ଷ୍ୟ ଏବଂ ତାକୁ ହାସିଲ୍ କରୁଥିବା ଗତିବିଧି ଉପରେ ଯାହା ଚିନ୍ତା କିମ୍ବା ପ୍ଲାନିଂ କରୁଛନ୍ତି ଏକ ଡାଏରୀ ଲେଖନ୍ତୁ। ଏହାପରେ ବୁଝିବାକୁ ଚେଷ୍ଟା କରନ୍ତୁ ଯେ ଏମିତି କ'ଣ ଲକ୍ଷ୍ୟ ରହିଛି ଯାହା ଆପଣଙ୍କ ସହିତ ଜଡିତ ରହିପାରିବ। ଉଦାହରଣ ସ୍ୱରୂପ ଯଦି ଆପଣଙ୍କ ଲକ୍ଷ୍ୟ ଫିଟ୍ ରହିବା ତେବେ ନିୟମିତ ବ୍ୟାୟାମ କରିବା ଆବଶ୍ୟକ। ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ଭଲ ବନାଇବାରେ ସାହାଯ୍ୟ କରିବ।

ନିଜକୁ ଅଳ୍ପ ଆରାମ ଦେବା ଲାଗି ସମୟ ବାହାର କରନ୍ତୁ। କାମ ମଧ୍ୟରୁ ଟିକେ ବ୍ରେକ୍ ନେବା ପରିବାର ଏବଂ ସାଙ୍ଗସାଥିଙ୍କ ସମୟ ବିତାଇବା ଏବଂ ନିଜ ସଉକ୍ ପୂରା କରିବା ବି ନିହାତି ଜରୁରୀ। ଏହାଦ୍ୱାରା ଆପଣ ସ୍ୱଷ୍ଟ ରୂପେ ଭାବିପାରିବାର , ଭବିଷ୍ୟତ ପାଇଁ ଭଲ ନିର୍ଣ୍ଣୟ ମଧ ନେଇପାରିବେ।

**ଇଚ୍ଛାର ମାୟାରେ ନ ପଡନ୍ତୁ**

ସବୁ ଇଚ୍ଛା ଲକ୍ଷ୍ୟ ହୋଇ ନ ଥାଏ। କେବେ କେବେ ମନରେ ଆସୁଥିବା ବିଚାର କେବଳ ପ୍ରଲୋଭନ ଦେଇଥାଏ। ଯାହା ଆପଣଙ୍କ ପରିଶ୍ରମକୁ ବର୍ବାଦ କରିଥାଏ। ଏଥିପାଇଁ ଆତ୍ମନିୟନ୍ତ୍ରଣ କରିବା ନିହାତି ଜରୁରୀ। ଏପରି ନିରର୍ଥକ ଅନୁତ୍ପାଦକ ଇଚ୍ଛାକୁ ସମୟ ଥାଉଥାଉ ଚିହ୍ନିବା ଆବଶ୍ୟକ ଏବଂ ତା'ଠାରୁ ନିଜକୁ ଦୂରେଇ ରଖିବା ଭଲ।

ଯେବେ ଆପଣ କୌଣସି ଲକ୍ଷ୍ୟ ନିର୍ଦ୍ଧାରଣ କରୁଛନ୍ତି ତେବେ ତା ରାସ୍ତାରେ ଆସୁଥିବା ସମ୍ଭାବ୍ୟ ବାଧାକୁ ପ୍ରଥମରୁ ଅନୁମାନ କରିଦିଅନ୍ତୁ। ଏପରି କରିବା ଦ୍ୱାରା ବିଚଳିତ ହେବା ବଦଳରେ ,ନିଜର ମୁଖ୍ୟ ଉଦ୍ଦେଶ୍ୟ ଉପରେ ହିଁ ଧ୍ୟାନ ଦିଅନ୍ତୁ । କୌଣସି କାର୍ଯ୍ୟ ହାସଲ କରିବାକୁ ହେଲେ ସଂଘର୍ଷ କରିବା ଲାଗି କେବେ ମନରେ କୁଣ୍ଠାବୋଧ ଭାବନା ରଖନ୍ତୁ ନାହିଁ। ଏହାଦ୍ୱାରା ଆପଣ ଚାହୁଁଥିବା ଟାର୍ଗେଟ୍ ସହଜରେ ପାଇଯିବେ।





## ଶୀତଦିନେ ଗାର୍ଡେନିଂ

**ଆଜିକାଲି ଗାର୍ଡେନିଂ କରିବାକୁ ସମସ୍ତେ ଇଚ୍ଛା କରୁଛନ୍ତି । ହେଲେ ଏହି ଶୀତଦିନରେ ମନ୍ଦାର ଫୁଲ ବେଶି ଫୁଟି ନ ଥାଏ । ଏହି ଫୁଲଟି ସୁନ୍ଦର ଦେଖାଯିବା ସହିତ ଗାର୍ଡେନକୁ ଆକର୍ଷଣୀୟ କରିଥାଏ । ଏହାର ବେଶି ଯତ୍ନ ନେବାକୁ ପଡି ନ ଥାଏ । ଯଦି ଗଛର ଠିକ୍ ଦେଖାଶୁଣା କରାଯାଏ, ତେବେ ବର୍ଷସାରା ଭଲ ଫୁଲ ପାଇପାରିବେ ଜାଣନ୍ତୁ ଏ ସମ୍ପର୍କରେ ଟିପ୍ସ..**

ମନ୍ଦାର ଗଛର ଯଦି ଠିକ୍ ଦେଖାଶୁଣା କରାଯିବ ତେବେ ଏଥିରୁ ଭଲ ଫୁଲ ଫୁଟିବ। ଏହା ସାଧାରଣତଃ ଗ୍ରୀଷ୍ମ ମଣ୍ଡଳ ସମ୍ବନ୍ଧୀୟ ବୃକ୍ଷ। ଏହାର ଅର୍ଥ ଏହାକୁ ଖରା ଏବଂ ଉଷୁମ ପସନ୍ଦ। ଯେତେଯେତେ ଗଛ ମୂଳ ମୋଟା ହୁଏ ଗଛ ପୂରା ସୁପ୍ତ ଅବସ୍ଥାକୁ ଚାଲିଆସେ।



➔ଶୀତଦିନରେ ଗଛର ପତ୍ରଗୁଡିକ ହଳଦିଆ ରଙ୍ଗ ହୋଇଯାଏ। ଏହାର କେତେକ କାରଣ ହୋଇପାରେ । ଥଣ୍ଡା ତାପମାତ୍ରା ମୂଳକୁ କ୍ଷତି ପହଞ୍ଚାଇପାରେ। ଯାହାଫଳରେ ପୋଷକ ତତ୍ତ୍ୱ ଶୋଷିପାରେ ନାହିଁ। କମ୍ ଖରାଯୋଗୁ କ୍ଲୋରଫିଲ୍‌ର ଉତ୍ପାଦନ କମ୍ ହୋଇଯାଏ, ଯାହା ଫଳରେ ପତ୍ର ହଳଦିଆ ହେବାକୁ ଲାଗେ।

➔ଏହିଦିନରେ ମାଟି ଧୀରେ ଧୀରେ ଶୁଖେ, ଅଧିକ ପାଣି ଦେବା ଦ୍ୱାରା ଫଙ୍ଗାଲ ଇନ୍‌ଫେକ୍ସନ ହେବାର ଆଶଙ୍କା ରହିଛି। ଏଥିପାଇଁ ଗଛରୁ କଢ଼ ଆସିବା ବନ୍ଦ ହୋଇଯାଏ। ଅଳ୍ପ ଦେଖାଶୁଣା ଦ୍ୱାରା ଗଛ ପୁଣି ମଜଭୁତ ହୋଇଯିବ।

➔ମନ୍ଦାରଗଛକୁ ସବୁବେଳେ ପ୍ରଚୁର ଖରା ପସନ୍ଦ।

➔ଶୀତଦିନରେ ମନ୍ଦାର ଗଛଗୁଡ଼ିକୁ ଦକ୍ଷିଣ ଦିଗ ନ ହେଲେ ଦକ୍ଷିଣ–ପୂର୍ବ ରଖିବାକୁ ଚେଷ୍ଟା କରନ୍ତୁ। ଗଛକୁ ଏପରି ସ୍ଥାନରେ ରଖନ୍ତୁ ଯେଉଁଠି ବେଶି ଖରା ହେଉଛି। ମନ୍ଦାର ଗଛକୁ ସପ୍ତାହରେ ୨–୩ ଥର ୨–୩ଘଣ୍ଟା ଖରାରେ ରଖନ୍ତୁ।

ଫ୍ୟାଶନ୍

## ଷ୍ଟାଇଲିଶ୍ ୱାଚ୍



ଆଜିର ସମୟରେ ରିଷ୍ଟ ୱାଚ୍ କେବଳ ସମୟ ଦେଖିବା ପାଇଁ ନୁହେଁ , ଏହା ଲୁକ୍‌କୁ ଇମ୍ପ୍ରେସିଭ୍ ବନାଇବା ପାଇଁ ମଧ ପିନ୍ଧା ଯାଇଥାଏ। ଯଦି ଆପଣ ବି ୱାର୍କିଂ ଓମେନ୍ ତେବେ ଆପଣଙ୍କୁ ନିଜ ପାଇଁ ପରଫେକ୍ଟ ରିଷ୍ଟ ୱାଚ୍ ଚୟନ କରିବା ନିହାତି ଆବଶ୍ୟକ। କାହିଁକି ନା ଅଫିସ୍ ମିଟିଂ ହେଉ କି କଲିଗ୍ସ ସହିତ ଆଉଟିଂ, ଏକ ଷ୍ଟାଇଲିଶ୍ ୱାଚ୍ ଆପଣଙ୍କ ପର୍ସନାଲିଟିକୁ ଆହୁରି ବଢ଼ାଇ ଦେଇଥାଏ। ଯଦି ଆପଣ ଏହାକୁ ସିଲେକ୍ଟ କରିବା ସମୟରେ ନିଜର ଡ୍ରେସ ଏବଂ ପର୍ସନାଲିଟିକୁ ଧ୍ୟାନ ରଖିବେନି ତେବେ ଆପଣ ଆଉଟ୍ ଅଫ୍ ଟ୍ରେଣ୍ଡ ଦେଖାଯିବେ। କେତୋଟି ଷ୍ଟାଇଲିଶ ୱାଚ୍ ସମ୍ପର୍କରେ ସୂଚନା...

**କ୍ଲାସିକ୍ ଲେଦର ଷ୍ଟ୍ରାପ୍ ୱାଚ୍**

ଲେଦର ଷ୍ଟ୍ରାପ୍ ଥିବା ୱାଚ୍ ସବୁପ୍ରକାର ପ୍ରଫେସନାଲ ଓମେନ୍‌ଙ୍କ ପ୍ରଥମ ପସନ୍ଦ। ବ୍ଲାକ୍, ବ୍ରାଉନ୍ କିମ୍ବା ଟ୍ୟାନ୍ କଲରର ୱାଚ୍ ଆପଣଙ୍କ ଫର୍ମାଲ ଡ୍ରେସ ସହିତ ବହୁତ ଏଲିଗାଣ୍ଟ ଲୁକ୍ ଦେଇଥାଏ। ଏହି ୱାଚ୍ ଆପଣଙ୍କୁ ସ୍ମାର୍ଟ ଏବଂ କନ୍‌ଫିଡେଣ୍ଟ ଲୁକ୍ ଦେବାରେ ସାହାଯ୍ୟ କରିଥାଏ।

**ରୋଜ୍ ଗୋଲ୍ଡ – ଗୋଲ୍ଡ ମେଟାଲ ୱାଚ୍**

ଯଦି ଆପଣ ନିଜକୁ ଟିକେ ଗ୍ଲାମରସ୍ ଦେଖିବାକୁ ଚାହାଁନ୍ତି ତେବେ ଆପଣଙ୍କ ପାଇଁ ରୋଜ ଗୋଲ୍ଡ କିମ୍ବା ମେଟାଲ ଗୋଲ୍ଡ ଥିବା ଷ୍ଟ୍ରାପ୍ ୱାଚ୍ ପରଫେକ୍ଟ ରହିବ। ଏହା କେବଳ ଅଫିସ୍ ଲୁକ୍‌ରେ ଚମକ ଆଣି ନ ଥାଏ, ଏହା କୌଣସି ପାର୍ଟି କିମ୍ବା ଫଙ୍କଶନ୍‌ରେ ବି ସୁଟ୍ କରିଥାଏ।

**ସ୍ମାର୍ଟ ୱାଚ୍**

ଆଜିର ମଡର୍ନ ଲାଇଫ୍ ଷ୍ଟାଇଲ୍‌ରେ ବହୁତ ୱାର୍କିଂ ଓମେନ୍ ସ୍ମାର୍ଟ ୱାଚ୍ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହା ହେଲ୍‌ଥ ଟ୍ରାକିଂ, ନୋଟିଫିକେଶନ୍ ଏବଂ ଫିଟ୍‌ନେସ ଗୋଲ୍‌ର ସୂଚନା ଦେଇଥାଏ।

**ମିନିମଲ ଡିଜାଇନ୍ ୱାଚ୍**

ଯଦି ଆପଣ ଅଲଗା ଲୁକ୍ ପାଇବାକୁ ଚାହାଁନ୍ତି ତେବେ ମିନିମଲ୍ ଡିଜାଇନ୍ ଥିବା ରିଷ୍ଟ ୱାଚ୍ ଟ୍ରାଏ କରିପାରିବେ। ପତଳା ଷ୍ଟ୍ରାପ୍, ଛୋଟ ଡାଏଲ ଏବଂ ସିମ୍ପଲ କଲର ୱାଚ୍ ଆପଣଙ୍କୁ ଖାସ୍ ଲୁକ୍ ଦେଇଥାଏ

ସୌନ୍ଦର୍ଯ୍ୟ

## ଶୀତଦିନେ କେଶର ଯତ୍ନ

**ଶୀତଦିନରେ କେଶ ଜନିତ କେତେକ ସମସ୍ୟା ଦେଖାଯାଇଥାଏ। ଯେମିତିକି ଏଦିନେ ଅଧିକ କେଶ ଝଡିବା ସହିତ ଏବଂ କେଶ ମୂଳ ଦୁର୍ବଳ ହେବା ଆଦି ...**

ଆଲୋଭେରା ଶୀତଦିନରେ ତ୍ୱଚା ଏବଂ କେଶ ପାଇଁ ବରଦାନ ପରି କାମ କରିଥାଏ। ଏହା ପ୍ରାକୃତିକ ମଶ୍ଚରାଇଜର ପରି କାମ କରିଥାଏ। ଏହା କୌଣସି ସାଇଡ୍ ଇଫେକ୍ଟ ବିନା କାମ କରିଥାଏ। ଯଦି ଆପଣ ଶୀତଦିନରେ ଗ୍ଲୋଇଙ୍ଗ ସ୍କିନ୍ ଏବଂ ଷ୍ଟ୍ରଙ୍ଗ୍ କେଶ ପାଇବାକୁ ଚାହୁଁଥାନ୍ତି ତେବେ ଆଲୋଭେରା ଜେଲ୍ ବ୍ୟବହାର କରନ୍ତୁ। ଶୀତଦିନରେ ମୁଣ୍ଡ କୁଣ୍ଡାଇ ହେଉଥାଏ ତେବେ ଆଲୋଭେରା ତୁରନ୍ତ ଆରାମ ଦେଇଥାଏ।

**କେଶରେ ଆଲୋଭେରା କିପରି ଲଗାଇବେ**

ଆଲୋଭେରା ଜେଲ୍‌କୁ ହେୟାର ମାସ୍କ ପରି ବ୍ୟବହାର କରନ୍ତୁ। ପ୍ରଥମେ ଆଲୋଭେରା ଜେଲ୍‌ରେ ଏକ ଚାମଚ ନଡିଆ ତେଲ ଏବଂ ଏକ ଚାମଚ ମେଥି ପାଉଡର ମିଶାଇ କେଶ ମୂଳରେ ଲଗାଇ ଅଧଘଣ୍ଟା ପାଇଁ ଛାଡି ଦିଅନ୍ତୁ। ଏହାପରେ କେଶକୁ ଧୋଇ ଦିଅନ୍ତୁ। ଆଲୋଭେରାକୁ ସାମ୍ପୋରେ ମିଶାଇ ଲଗାଇ ପାରିବେ । ଏହା କେଶକୁ ଡ୍ରାଏ ହେବାଠାରୁ ରକ୍ଷା କରିଥାଏ। ସବୁବେଳେ କେଶ ମୂଳରେ ଆଲୋଭେରା ଜେଲ୍ ମସାଜ୍ କରନ୍ତୁ । ଏହାଦ୍ୱାରା ସ୍କଲ୍ପ ଥଣ୍ଡା ରହିବା ସହିତ କେଶ ମଜଭୁତ ହୋଇଥାଏ।



**ରୂପିରୁ ମୁକ୍ତି ମିଳେ**

ଏହା ସ୍କଲ୍ପରୁ ଡ୍ରାଏନେସ୍ କମ୍ କରି ରୂପିକୁ ରୋକିଥାଏ। କେଶରେ ଆସିଥାଏ ଚମକ। ଏହାକୁ ଲଗାଇବା ଦ୍ୱାରା କେଶ ସ୍ମୁଥ୍, ସିଲ୍କ୍ ଏବଂ ହେଲ୍‌ଦି ଦେଖାଯାଇଥାଏ।

–ଏକ ଚାମଚ ଆଲୋଭେରା ଜେଲ୍‌ରେ ୧/୨ ଚାମଚ ନଡିଆ ତେଲ, ବାଦାମ ତେଲ ପକାଇ ଭଲଭାବେ ମିଶାଇ ମୁହଁ ଏବଂ ହାତ ଉପରେ ଲଗାନ୍ତୁ। ଏହା ସ୍କିନ୍‌କୁ ଅଧିକ ସମୟ ପର୍ଯ୍ୟନ୍ତ ନରମ ରଖିଥାଏ। ଏହା ମଶ୍ଚରାଇଜର ପରି କାମ କରିଥାଏ।

–ଏହା ବ୍ୟତୀତ ଆପଣ ଆଲୋଭେରା ଜେଲ୍ ସାହାଯ୍ୟରେ ସହଜରେ ଫେସ୍‌ପ୍ୟାକ୍ ବନାଇ ମୁହଁରେ ଲଗାଇ ପାରିବେ।

– ଏହା ହେୟାର ଫଲ୍‌କୁ କମ୍ କରିଥାଏ।

– ଏହାକୁ ନିୟମିତ ଲଗାଇବା ଦ୍ୱାରା ସ୍କିନ୍ ଟାଇଟ୍ ରହିଥାଏ ଏବଂ ଆଣ୍ଟି – ଏଜିଙ୍ଗର ପ୍ରଭାବ ଏତେଟା ଦେଖାଯାଇଥାଏ।

## ସୁଜି କଷ୍ଟାର୍ଡ କେକ୍

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ :** ଅଧାକପ୍ ସୁଜି, ବେକିଂ ପାଉଡର, ବେକିଂ ସୋଡ଼ା, ଏକ ଚତୁର୍ଥାଂଶ ଚିନି ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିନି ଏବଂ ସୁଜିକୁ ଭଲଭାବେ ଗ୍ରାଇଣ୍ଡକରି ଦିଅନ୍ତୁ। ବର୍ତ୍ତମାନ ଏହାକୁ ଏକ ପାତ୍ରରେ କାଢ଼ି ଦିଅନ୍ତୁ। ଏବେ ଏଥିରେ ତିନି ଚାମଚ ତେଲ ଦିଅନ୍ତୁ। ଏହାପରେ ଏକ କପ୍ କ୍ଷୀର ପକାନ୍ତୁ। ଏହାକୁ ଏବେ ଭଲଭାବେ ଗୋଳାଇ ଦିଅନ୍ତୁ। ଏହାକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ରଖି ଦିଅନ୍ତୁ। ଏବେ ଡାଙ୍ଗୁଣି କାଢ଼ି ତା' ଉପରେ ଏକ ଛଣା ଜାଲି ଉପରେ ଦୁଇ ଚାମଚ କଷ୍ଟାର୍ଡ ପାଉଡର, ବେକିଂ ପାଉଡର ଅଧା ଚାମଚ, ବେକିଂ ସୋଡ଼ାକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଏକ କପ କ୍ଷୀର ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ୧–୨ଡ୍ରପ୍ ହଳଦିଆ ଫୁଡ୍ କଲର ପକାଇ ଏହାକୁ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ ଏଥିରେ ଟୁଟିଫ୍ରୁଟି ପକାଇ ଭଲ ଭାବେ ମିଶାନ୍ତୁ। ଏବେ ଏକ ଇଡ୍‌ଲି ଛାଞ୍ଚରେ ତେଲ ଲଗାଇ ଏହିସବୁ ମିଶ୍ରଣକୁ ଗୋଟିଏ ଗୋଟିଏ ଥାକରେ ପକାନ୍ତୁ। ଏବେ ଏହାକୁ କିଛି ସମୟ ଛାଡ଼ି ଦିଅନ୍ତୁ।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୬/୨୦୨୫ Bhubaneswar, Tuesday, December 16/ 2025

# ମେସିଙ୍କ ଭାରତ ଟୁର ଶେଷ



ଆଇସିସି ଚେୟାରମ୍ୟାନ୍ ଜୟ ଶାହା ମେସିଙ୍କୁ ଟିମ୍ ଇଣ୍ଡିଆ ଜର୍ସି ପ୍ରଦାନ କରୁଛନ୍ତି।

**ନୂଆଦିଲ୍ଲୀ,୧୫।୧୨(ପି.ଟି.)**

କୋଲକାତାରେ ପ୍ରବଳ ବିଶୃଙ୍ଖଳା ମଧ୍ୟରେ ଆରମ୍ଭ ହୋଇଥିବା ବହୁ ଚର୍ଚ୍ଚିତ ଓ ବହୁ ପ୍ରତୀକ୍ଷିତ ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲାୟୋନେଲ ମେସିଙ୍କ ଜିଓଏଟି ଇଣ୍ଡିଆ ଟୁର ସୋମବାର ଦିଲ୍ଲୀରେ ଶେଷ ହୋଇଛି। ମେସି ତାଙ୍କର ୩ ଦିନିଆ ଭାରତ ଗସ୍ତର ଅନ୍ତିମ ତଥା ତୃତୀୟ ଦିନ ଦିଲ୍ଲୀରେ ବିଳମ୍ବରେ ପହଞ୍ଚିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ, ସକାଳ ୧୦ଟା ୪୫ରେ ତାଙ୍କୁ ଦିଲ୍ଲୀରେ ପହଞ୍ଚିବାର ଥିଲା। କିନ୍ତୁ ଅତ୍ୟଧିକ କୁହୁଡ଼ି ଯୋଗୁ ତାଙ୍କ ଚାର୍ଟର ବିମାନ ପାଖାପାଖି ଅପରାହ୍ନ ୨ଟା ୩୦ରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ପହଞ୍ଚିଥିଲା। ସେଠାରୁ ସେ ସିଧାସଳଖ ଲିଲା ପ୍ୟାଲେସ ହୋଟେଲରେ ଏକ 'ମିଟ୍ ଆଣ୍ଡ ଗ୍ରୀଟ୍' ସେସନରେ ଯୋଗଦେଇଥିଲେ। ଏହାପରେ ତାଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନକୁ ଯିବାର ଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ବୈଠକକୁ ବାତିଲ କରାଯାଇଥିଲା। କାରଣ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ଆଲୋଚନା ପାଇଁ ସୋମବାରଠାରୁ ୪ ଦିନିଆ ଓମାନ, ଇଥିଓପିଆ ଓ ଜର୍ଡାନ ଗସ୍ତ ଆରମ୍ଭ କରିଛନ୍ତି। ଶେଷରେ ମେସି ଓ ତାଙ୍କର କ୍ଲବ ଇଣ୍ଟର ମିଆମି ସାଥୀ ଖେଳାଳି ଲୁଇସ ସୁଆରେଜ ଓ ରୋଡ୍ରିଗୋ ଡି ପଲଙ୍କ ସହ କୋଟଲା ଗ୍ରାଉଣ୍ଡରେ ପହଞ୍ଚିଥିଲେ। ସେଠାରେ ଚାଲିଥିବା ଏକ ୭X୭ ସେଲିବ୍ରିଟି ମ୍ୟାଚ୍ ଦେଖିଥିଲେ। ଏହି ସମୟରେ ପୂରା ଷ୍ଟାଡିୟମ ତାଙ୍କ ନାମରେ ଗୁଞ୍ଜି ଉଠିଥିଲା। ଏହାପରେ ସେ ପୂରା ଷ୍ଟାଡିୟମ ବୁଲି ବୁଲି ପ୍ରଶଂସକଙ୍କ ଲାଗି ହାତ ହଲାଇଥିଲେ। ଏହି ଅବସରରେ ମେସି ମିନର୍ଭା ଏକାଡେମୀ ଫୁଟବଲ ଦଳକୁ ସମ୍ବର୍ଦ୍ଧିତ କରିଥିଲେ।

### ମେସିଙ୍କୁ ଶାହାଙ୍କ ଉପହାର

ମେସି କୋଟଲାରେ ଅରୁନ ଜେଟଲ କୋଟାଲ ଗ୍ରାଉଣ୍ଡରେ ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କୁ ଭେଟିଥିଲେ। ଏହି ଅବସରରେ ମେସିଙ୍କୁ ଉପହାରରେ ଶାହା ଆସନ୍ତା ବର୍ଷ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଟିକେଟ୍ସ, ଟିମ ଇଣ୍ଡିଆ ଜର୍ସି ଓ ବ୍ୟାଟ ଉପହାରରେ ଦେଇଥିଲେ। ଏହି ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଡିଡିସିଏ ସଭାପତି ରୋହନ ଜେଟଲୀ ଓ ପୂର୍ବତନ ଭାରତୀୟ ଫୁଟବଲର ଦଳର ଅଧିନାୟକ ବାଇଚୁଙ୍ଗ ଭୁଟିଆ ଉପସ୍ଥିତ ଥିଲେ।

## ରାଣାତୁଙ୍ଗା ଗିରଫ

**କଲମ୍ବୋ,୧୫।୧୨(ପି.ଟି.):** ଶ୍ରୀଲଙ୍କାର ପୂର୍ବତନ ଟେଷ୍ଟ କ୍ରିକେଟର ଓ ବିଶ୍ୱକପ୍ ବିଜୟୀ ଦଳର ଅଧିନାୟକ ଅର୍ଜୁନ ରାଣାତୁଙ୍ଗାଙ୍କ ବଡ଼ ଭାଇ ଦାମିକାଙ୍କୁ ଦେଶର ଦୁର୍ନୀତି ବିରୋଧୀ କମିଶନ ଦ୍ୱାରା ଗିରଫ କରାଯାଇଛି। ଗିରଫ କରାଯିବା ପରେ ତାଙ୍କୁ ଜାମିନରେ ଛାଡ଼ି ଦିଆଯାଇଛି। କମିଶନ ଟୁ ଇନ୍‌ଭେଷ୍ଟିଗେଟ ବ୍ରାଇବେରୀ ଅର କରପଶନ (ସିଆଇଏବିଓସି) ପକ୍ଷରୁ କୁହାଯାଇଛି ଯେ, ସିଲନ ପେଟ୍ରୋଲିୟନ କର୍ପୋରେଶନ (ସିପିସି) ଦ୍ୱାରା ୨୦୧୭ କ୍ରୁଡ ଅଏଲ କିଣିବାରେ ଭୁଲ୍ ଟେଣ୍ଡରିଂ ପ୍ରକ୍ରିୟା ଯୋଗୁ ୬୩ ବର୍ଷୀୟ ଦାମିକାଙ୍କୁ ଗିରଫ କରାଯାଇଛି।

## ବିଜୟ ହଜାରେ ଖେଳିବା ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୧୫।୧୨(ପି.ଟି.)**

ଆସନ୍ତା ୨୪ ତାରିଖରୁ ଆରମ୍ଭ ହେଉଥିବା ବିଜୟ ହଜାରେ ଘରୋଇ ଦିନିକିଆ ଟୁର୍ନାମେଣ୍ଟରେ ବର୍ତ୍ତମାନ ଭାରତୀୟ ଦଳର ଖେଳାଳିଙ୍କ ଲାଗି ଖେଳିବା ବିସିସିଆଇ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ସେମାନଙ୍କୁ ଅତିକମ୍‌ରେ ୨ ମ୍ୟାଚ୍ ଖେଳିବାକୁ ପଡ଼ିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଡିସେମ୍ବର ୧୯ ତାରିଖରେ ଖେଳାଯିବାକୁ ଥିବା ବେଳେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଜାନୁଆରୀ ୧୧ ତାରିଖରେ ଆରମ୍ଭ ହେବ। ଏଣୁ ଦୁଇ ସିରିଜ୍ ମଧ୍ୟରେ ୩ ସପ୍ତାହର ବ୍ୟବଧାନ ରହିଥିବାରୁ ବିସିସିଆଇ ଚାହୁଁଛି ଭାରତୀୟ ଦଳର ସମସ୍ତ ଖେଳାଳି ଘରୋଇ କ୍ରିକେଟ ଖେଳନ୍ତୁ। ଏ ସମ୍ପର୍କରେ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ପକ୍ଷରୁ ଖେଳାଳିଙ୍କୁ ଜଣାଇ ଦିଆଯାଇଛି। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି ଭେଟେରାନ ଖେଳାଳି ଟୁର୍ନାମେଣ୍ଟ ଲାଗି ଉପଲବ୍ଧ ଥିବା ସୂଚନା ଦେଇଥିବା ବେଳେ ଶୁବମନ ଗିଲ, ଯଶପ୍ରୀତ ବୁମରା, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବଙ୍କ ଭଳି ଖେଳାଳିଙ୍କୁ ଅତିକମ୍‌ରେ ଦୁଇ ମ୍ୟାଚ୍ ଖେଳିବାକୁ କୁହାଯାଇଛି।

ବୁମ୍‌ରା ବ୍ୟକ୍ତିଗତ କାରଣ ଯୋଗୁ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍ ପୂର୍ବରୁ ଘରକୁ ଫେରି ଯାଇଥିଲେ। ମିଳିଥିବା ସୂଚନା ମୁତାବକ ତାଙ୍କ ପରିବାରର ଜଣେ ସଦସ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଯଦି ସବୁକିଛି ଠିକ୍ ରୁହେ ତେବେ ସେ ଚତୁର୍ଥ କିମ୍ବା ୫ମ ମ୍ୟାଚ୍ ଲାଗି ଉପଲବ୍ଧ ହୋଇପାରନ୍ତି।

## ଅଚ୍ୟୁତ ଏଫ୍‌ଆଇଭିବି ଫାଉଣ୍ଡେଶନ ସଦସ୍ୟ

**ଭୁବନେଶ୍ୱର, ୧୫।୧୨ (ବିଜୟ ରଣା)**



ଶିକ୍ଷାବିତ୍ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫ୍‌ଆଇଭିବି) ଫାଉଣ୍ଡେଶନର ସଦସ୍ୟ ଘୋଷଣା କରାଯାଇଛି। ଏଫ୍‌ଆଇଭିବି ସଭାପତି ଫାବିଓ ଆଜେଭେଦୋ ରବିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହା ଘୋଷଣା କରିଛନ୍ତି। ବିଶ୍ୱର ସର୍ବବୃହତ୍ ଭଲିବଲ ସଂଘ ହେଉଛି ଅନ୍ତର୍ଜାତୀୟ ଭଲିବଲ ସଂଘ। ଏଥିରେ ୨୨୨ ଦେଶ ସଦସ୍ୟ ରହିଛନ୍ତି। ବିଶେଷ କରି ଭଲିବଲ୍‌ର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ବିଗତ ୮ ବର୍ଷ ଧରି ଏଫ୍‌ଆଇଭିବି ସହ କିଟ୍, କିସ୍ ଓ ସାମନ୍ତଙ୍କ ବ୍ୟକ୍ତିଗତ ସୁସମ୍ପର୍କ ରହିଆସିଛି। ଏଫ୍‌ଆଇଭିବି ଫାଉଣ୍ଡେଶନ ସଦସ୍ୟ ହେବା ପରେ ସାମନ୍ତ ସମଗ୍ର ବିଶ୍ୱରେ ଭଲିବଲର ପ୍ରସାର ସହ ସାମାଜିକ ଦାୟିତ୍ୱବୋଧ ଉପରେ କାର୍ଯ୍ୟ କରିବେ। ଅଚ୍ୟୁତ ସାମନ୍ତ ପ୍ରଥମ ଭାରତୀୟ ଭାବେ ଏଫ୍‌ଆଇଭିବି ଫାଉଣ୍ଡେଶନ ସଦସ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି। ଏଥିରେ ସନ୍ତୋଷ ବ୍ୟକ୍ତ କରି ସାମନ୍ତ ଏଫ୍‌ଆଇଭିବିକୁ କୃତଜ୍ଞତା ଜଣାଇବା ସହ ଫାବିଓଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଭାରତରେ ଭଲିବଲର ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଏଫ୍‌ଆଇଭିବି ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ଗତବର୍ଷ ଭଲିବଲ୍‌ର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ୍' ପର୍ତ୍ତୁଗାଲରେ ପ୍ରଦାନ କରାଯାଇଥିଲା।

# ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତା

**ଭୁବନେଶ୍ୱର, ୧୫।୧୨ (ବିଜୟ ରଣା)**

### ଇଷ୍ଟର୍ନ ଜୋନ ପାୱାର ଲିଫ୍ଟିଙ୍ଗ

ଚଳିତ ବର୍ଷ ଇଷ୍ଟର୍ନ ଜୋନ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍ ୨୦୨୫ ହାୱଡ଼ାସ୍ଥିତ ପୁରୁଲିଆ ବ୍ୟାୟାମ ସମିତିଠାରେ ଗତ ୯ତାରିଖ ଠାରୁ ତା ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ମୋଟ ୧୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।



ପୋଡିୟମ୍‌ରେ ସମ୍ମାନିତ ହେବା ଅବସରରେ କୃତୀ ପ୍ରତିଯୋଗୀ।

ସେମାନଙ୍କ ମଧ୍ୟରୁ ପୁରୁଷ ୭୪ କି.ଗ୍ରା ବର୍ଗରେ ଅଖିଳ ନାଗ ପ୍ରଥମ ଓ ରାକେଶ କୁମାର ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପୁରୁଷ ୮୪ କି.ଗ୍ରା ଇକ୍ୱିପଡରେ ଶକ୍ତି ରଞ୍ଜନ ବାରିକ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ୮୪ କିଲୋ ବର୍ଗରେ ତନାଲି ମିଶ୍ର ତୃତୀୟ ସ୍ଥାନ ଓ ୮୪ କି.ଗ୍ରାରୁ ଉର୍ଦ୍ଧ୍ୱ ବର୍ଗରେ ଅନିତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ପ୍ରତିଯୋଗୀଗମାନଙ୍କୁ ଓଡ଼ିଶା ପାୱାର ଲିଫ୍ଟିଂ ଆସୋସିଏସନ ଅଧକ୍ଷ ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ଓ ସଂପାଦକ ଡଃ ହରି ପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି ଏବଂ ସମିତି ର ଅନ୍ୟ କର୍ମକର୍ତା ମାନେ ପ୍ରତିଯୋଗୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ଶେଫାଳି ବର୍ମା ପ୍ଲେୟର ଅଫ୍ ଦି ମନ୍ଥ୍

**ଦୁବାଇ, ୧୫।୧୨ (ପି.ଟି.)**



ଗତ ମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ବିଜୟୀ ପ୍ରଦର୍ଶନ ପାଇଁ ଭାରତ ଓପନର ଶେଫାଳି ବର୍ମା ନଭେମ୍ବର ମାସ ଲାଗି ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଆଘାତପ୍ରାପ୍ତ ପ୍ରତୀକା ରାୱଲଙ୍କ ବଦଳରେ ଶେଫାଳିଙ୍କୁ ଭାରତୀୟ ଦଳରେ ନିଆଯାଇଥିଲା। ସେ ୭୮ ବଲ୍‌ରେ ୮୭ ରନ କରିଥିଲେ, ଯାହାକି ଏକ ମହିଳା ବିଶ୍ୱକପ୍ ଫାଇନାଲରେ ଜଣେ ଭାରତୀୟ ଓପନର ହିସାବରେ ଏହା ସର୍ବାଧିକ। ନବି ମୁମ୍ବାଇରେ ଶେଫାଳିଙ୍କ ଏହି ଇନିଂସ ବଳରେ ଭାରତ ୭ ଉଇକେଟରେ ୨୯୮ ରନ କରି ମ୍ୟାଚ୍‌କୁ ୫୨ ରନରେ ଜିତି ପ୍ରଥମ ଥର ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା। ଶେଫାଳି ଓ ଓପନର ସ୍ମୃତି ମନ୍ଧାନା ଓପନିଂ ପାର୍ଟନରଶିପ୍‌ରେ ୧୦୪ ରନ ଯୋଗ କରିବା ଦ୍ୱାରା ଭାରତ ଏକ ବଡ଼ ସ୍କୋର ଛିଡ଼ା କରିପାରିଥିଲା। ୨୧ ବର୍ଷୀୟ ଏହି କ୍ରିକେଟର ଥାଇଲାଣ୍ଡର ଥିପାଚା ପୁଥାଓଙ୍ଗ୍ ଏବଂ ୟୁଏଇର ଇଶା ଓଜାଙ୍କୁ ପଛରେ ପକାଇ ପ୍ରଥମ ଥର ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ଜିତିପାରିଛନ୍ତି। ଶେଫାଳି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଏକ ରିଲିଜ୍‌ରେ କହିଛନ୍ତି ଯେ, ତାଙ୍କ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ଅଭିଜ୍ଞତା ଏପରି ହେବ ବୋଲି ତାହା ତାଙ୍କ କଳ୍ପନା ବାହାରେ ଥିଲା। କିନ୍ତୁ ସେ ଯାହା ଭାବିଥିଲେ ତା'ଠାରୁ ବହୁତ ଭଲ ଥିଲା। ଫାଇନାଲରେ ଦଳର ସଫଳତାରେ ଯୋଗଦାନ ଥିବାରୁ ଏବଂ ଘରୋଇ ଦର୍ଶକଙ୍କ ସମ୍ମୁଖରେ ବିଶ୍ୱକପ୍ ଜିତି ଇତିହାସ ରଚିବାରେ ସଫଳ ହୋଇଥିବାରୁ ସେ କୃତଜ୍ଞ।

## ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍‌ରୁ ବାଦ୍ ପଡ଼ିଲେ ଅକ୍ଷର

**ନୂଆଦିଲ୍ଲୀ,୧୫।୧୨(ପି.ଟି.):** ଭାରତୀୟ ଅଲରାଉଣ୍ଡର ଅକ୍ଷର ପଟେଲ ଅସୁସ୍ଥତା କାରଣରୁ ସୋମବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ଟି୨୦ ସିରିଜ୍‌ର ବଳକା ଦୁଇ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ବିସିସିଆଇ ସିଲେକ୍ସନ କମିଟି ଶାହବାଜ ଅହମଦଙ୍କୁ ଦଳରେ ସାମିଲ କରିଛି। ଅକ୍ଷର ସିରିଜ୍‌ର ତୃତୀୟ ମ୍ୟାଚ୍ ମଧ୍ୟ ମିସ୍ କରିଥିଲେ। ତାଙ୍କ ବଦଳରେ କୁଲଦୀପ ଯାଦବଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ସିରିଜ୍‌ର ଅନ୍ତିମ ଦୁଇ ମ୍ୟାଚ୍ ବୁଧବାର ଓ ଶୁକ୍ରବାର ଯଥାକ୍ରମେ ଲକ୍ଷ୍ନୌ ଓ ଅହମଦାବାଦରେ ଖେଳାଯିବ। ଟିମ ଇଣ୍ଡିଆ ଅଲରାଉଣ୍ଡର ଅକ୍ଷର ଅସୁସ୍ଥତା କାରଣରୁ ସିରିଜ୍‌ର ବଳକା ଦୁଇ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେ ଏବେ ଦଳର ଅନ୍ୟ ଖେଳାଳିଙ୍କ ସହ ଲକ୍ଷ୍ନୌରେ ଅଛନ୍ତି, ସେଠାରେ ଡାକ୍ତରୀ ଦଳ ତାଙ୍କର ସ୍ୱାସ୍ଥ୍ୟାବସ୍ଥାର ମୂଲ୍ୟାଙ୍କନ କରିବେ। ତାଙ୍କ ବଦଳରେ ଶହବାଜ ନଦିମଙ୍କୁ ଦଳରେ ସାମିଲ କରାଯାଇଥିବା ବିସିସିଆଇ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ୩୧ ବର୍ଷୀୟ ଶହବାଜ ଏପର୍ଯ୍ୟନ୍ତ ଭାରତ ପାଇଁ ୨ଟି ଟି୨୦ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳି ମୋଟ ୫ ଉଇକେଟ ନେଇଛନ୍ତି।

## ସ୍ପୋର୍ଟ୍ସ ଓଡ଼ିଶା ବିଜୟୀ



ସୁମିତ୍ରା ସିଂ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର,୧୫।୧୨(ଅନାଦି କର)**

### ଭୁବନେଶ୍ୱର ଓମେନ ଫୁଟବଲ ଲିଗ୍

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବିଏଏ) ପକ୍ଷରୁ ୟୁନିଟ୍-୧ସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ଭୁବନେଶ୍ୱର ଓମେନ ଫୁଟବଲ ଲିଗ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ୪-୦ ଗୋଲରେ କିସ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ସୁମିତ୍ରା ସିଂ (୧୮ତମ ଓ ୪୬ତମ ମିନିଟ୍) ଦୁଇଟି ଗୋଲ କରିଥିବା ବେଳେ ସାଲଗେ ମାଝୀ (୨୧ତମ) ଓ ସୁହାସିନି ମହାକୁଲ (୫୩ତମ) ଗୋଟିଏ ଲେଖାଏ ଗୋଲ କରିଥିଲେ। ଅତିଥି ଭାବେ ଯୋଗ ଦେଇଥିବା ସୁଦିପ୍ତା ଦାଶ ବିଜୟୀ ଦଳ ପକ୍ଷରୁ ଦୁଇ ଗୋଲ ସ୍କୋର କରିଥିବା ସୁମିତ୍ରା ସିଂଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ।

# 'ବିସିସିଆଇକୁ ଏନ୍‌ଏସ୍‌ଏଫ୍ ମାନ୍ୟତା ମିଳିନାହିଁ'

**ନୂଆଦିଲ୍ଲୀ,୧୫।୧୨(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍) ନୁହେଁ। ସୋମବାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏହା କହିଛନ୍ତି।

ତୃଣମୂଳ କଂଗ୍ରେସର କୋଲକାତା ଦକ୍ଷିଣ ଏମ୍‌ପି ମାଲା ରୟ ପ୍ରଶ୍ନ କରିଥିଲେ ଯେ, ବିସିସିଆଇ ଓ ଆର୍ଥିକ ଅଭାବ ଦେଇ ଗତି କରୁଥିବା ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଭଳି ବଡ଼ କ୍ରୀଡ଼ା ସଂସ୍ଥାର ଉଚିତ ଓ ସୁଚାରୁରୂପେ ପରିଚାଳନା ପାଇଁ ସରକାର ସେମାନଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନେବାକୁ ଇଚ୍ଛୁକ କି। ଏହାର ଉତ୍ତରରେ ମାଣ୍ଡବ୍ୟ ପ୍ରକାଶ କରିଥିଲେ ଯେ, ଏନ୍‌ଏସ୍‌ଏଫ୍ ଏକ ସ୍ୱେଚ୍ଛାକୃତ ସଂସ୍ଥା ଏବଂ ବିସିସିଆଇ ଏକ ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡ଼ା ମହାସଂଘ ନୁହେଁ। ଚଳିତବର୍ଷ ଅଗଷ୍ଟରେ ଜାତୀୟ କ୍ରୀଡ଼ା ଶାସନ ଆଇନ ସଂସଦରେ ପାସ୍ ହୋଇଥିବା ବେଳେ ଏହାର ନିୟମ ସମ୍ପର୍କରେ ଖୁବଶୀଘ୍ର ସୂଚନା ଦିଆଯିବ। ଆସନ୍ତା ବର୍ଷ ଆରମ୍ଭରୁ ନୂଆ ଆଇନକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯିବ ବୋଲି ମାଣ୍ଡବ୍ୟ ଆଶ୍ୱାସନା ଦେଇଛନ୍ତି।

ସମସ୍ତ ଏନ୍‌ଏସ୍‌ଏଫ୍‌ରେ ଉତ୍ତରଦାୟିତ୍ୱ ଲାଗି କଡ଼ା ବ୍ୟବସ୍ଥା ସୃଷ୍ଟି କରିବାର ଦାୟିତ୍ୱ ହେଉଛି ଜାତୀୟ କ୍ରୀଡ଼ା ବୋର୍ଡ (ଏନ୍‌ଏସ୍‌ବି), ଯାହାକି ଜାତୀୟ କ୍ରୀଡ଼ା ଶାସନ ଆଇନର ଗୁରୁତ୍ୱପୂର୍ଣ୍ଣ ଅଂଶ। ସରକାରଙ୍କଠାରୁ ପାଣ୍ଠି ପାଇବା ପାଇଁ ଏନ୍‌ଏସ୍‌ବିଠାରୁ ପ୍ରତ୍ୟେକ ଏନ୍‌ଏସ୍‌ଏଫ୍‌କୁ ସ୍ୱୀକୃତି ନେବାକୁ ପଡ଼ିବ। ଅନ୍ୟପକ୍ଷରେ ବିସିସିଆଇ ସରକାରୀ ପାଣ୍ଠି ଉପରେ ନିର୍ଭର କରେ ନାହିଁ। ଏଣୁ ବିସିସିଆଇକୁ ଏନ୍‌ଏସ୍‌ଏଫ୍ ମାନ୍ୟତା ଦିଆଯାଇ ନାହିଁ। ତେବେ ନୂଆ କ୍ରୀଡ଼ା ଶାସନ ଆଇନ କାର୍ଯ୍ୟକାରୀ ହେବା ପରେ ବିସିସିଆଇକୁ ଏକ ଏନ୍‌ଏସ୍‌ଏଫ୍ ଭାବେ ପଞ୍ଜୀକୃତ କରାଇବାକୁ ପଡ଼ିବ। କାରଣ କ୍ରିକେଟ ଆଗକୁ ଏକ ଅଲିମ୍ପିକ୍ ଗେମ୍ ହେବାକୁ ଯାଉଛି।

## ଦିଲ୍ଲୀ ଆସେସ୍‌କୁ ଟିପିଏଲ୍ ଟାଇଟଲ


ଟ୍ରଫି ସହ ଚାମ୍ପିୟନ ଦିଲ୍ଲୀ ଆସେସ ଦଳ।

**ଅହମଦାବାଦ, ୧୫।୧୨ (ପି.ଟି.)**

ୟଶ ମୁମ୍ବାଇ ଇଗଲ୍ସ ବିପକ୍ଷରେ ୫୧-୩୬ରେ ବିଜୟ ସହ ଜିଏସ୍ ଦିଲ୍ଲୀ ଆସେସ୍ ଦଳ ପ୍ରଥମ ଥର ଏଠାରେ ଅନୁଷ୍ଠିତ ଟେନିସ ପ୍ରିମିୟର ଲିଗ୍ (ଟିପିଏଲ୍) ଟାଇଟଲ ହାସଲ କରିଛି। ବେଲଜିଆନ ଖେଳାଳି ସୋଫିଆ କଷ୍ଟୋଲାସ ଆଉ ଥରେ ପ୍ରଭାବୀ ପ୍ରଦର୍ଶନ ସହ ୧୮-୭ରେ ରିୟା ଭାଟିଆଙ୍କୁ ପରାସ୍ତ କରି ମହିଳା ସିଙ୍ଗଲ୍ସରେ ତାଙ୍କର ଅପରାଜେୟ ରେକର୍ଡକୁ ବଜାୟ ରଖିଛନ୍ତି। ଦିଲ୍ଲୀ ଆସେସ୍ ଦଳ ମିକ୍ସ ଡବଲ୍ସରେ ମଧ୍ୟ ଏହାର ଭଲ ପ୍ରଦର୍ଶନ ଜାରି ରଖିଥିଲା। କଷ୍ଟୋଲାସ ଓ ଜୀବନ ନେଦୁନଚେଝିଆନ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୧୬-୯ରେ ଭାଟିଆ ଓ ନିକି ପୁନାଚାଙ୍କୁ ପରାସ୍ତ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ମୁମ୍ବାଇ ଇଗଲ୍ସର ବିଶ୍ୱର ୫୭ତମ ନମ୍ବର ଖେଳାଳି ଦମିର ଦିଜୁମହୁର ୧୬-୯ରେ ବିଲି ହାରିସଙ୍କୁ ପରାସ୍ତ କରିଥିଲେ। ଏହି ଫଳାଫଳ ସତ୍ତ୍ୱେ ଜିଏସ୍ ଦିଲ୍ଲୀ ଆସେସ ୧୧ ପଏଣ୍ଟ ଅଗ୍ରଣୀ ରହିଥିଲା। ପୁରୁଷ ଡବଲ୍ସରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ହାରିସ ଓ ନେଦୁନଚେଝିଆନ ନିୟନ୍ତ୍ରିତ ପ୍ରଦର୍ଶନ ସହ ନିକି ପୁନାଚା ଓ ଦିଜୁମହୁର୍‌ଙ୍କୁ ପରାଜିତ କରିଥିଲେ।

# ନଜରରେ ଗ୍ରୀନ୍, ଭେଙ୍କଟେଶ, ଲିଭିଂଷ୍ଟୋନ୍

**ଆବୁଧାବି, ୧୫।୧୨ (ପି.ଟି.)**

### ଆଇପିଏଲ୍ ନିଲାମି ଆଜି




ମଙ୍ଗଳବାର ଏଠାରେ ହେବାକୁଥିବା ମିନି ନିଲାମିରେ ସିମ୍ ବୋଲର ଅଲରାଉଣ୍ଡର କାମେରନ ଗ୍ରୀନ୍‌ଙ୍କର ଚାହିଦା ସବୁଠାରୁ ଅଧିକ ରହିବ ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆର ଏହି ଖେଳାଳିଙ୍କୁ ନେବା ଲାଗି କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଧିକ ଅର୍ଥ ବ୍ୟୟ କରିବା ଲାଗି ପଛାଇ ନ ପାରନ୍ତି। ୧୦ଟି ଦଳକୁ ୭୭ ସ୍ଥାନ ପୂରଣ ପାଇଁ ମୋଟ ୨୩୭.୫୫ କୋଟି ଟଙ୍କା ବ୍ୟୟ କରିବେ। ମୁମ୍ବାଇ ଇଣ୍ଡିଆନ୍ସ (୨.୭୫ କୋଟି ଟଙ୍କା)ର କୌଣସି ଭୂମିକା ରହିବ ନାହିଁ। ଏହି ଦଳ କେତେଜଣ ଅନ୍ କ୍ୟାପ୍ ଖେଳାଳିଙ୍କୁ ନେଇ ସେମାନଙ୍କ ବେସ୍ ପ୍ରାଇସ୍‌ରେ ନେଇପାରେ। ଗ୍ରୀନ୍‌ଙ୍କ ବ୍ୟତୀତ ବର୍ତ୍ତମାନ ଭାରତ ଦଳ ବାହାରେ ଥିବା ଭେଙ୍କଟେଶ ଆୟାର ଓ ଇଂଲଣ୍ଡର ଲିଆମ ଲିଭିଂଷ୍ଟୋନ୍ ମଧ୍ୟ ଅଧିକ ମୂଲ୍ୟରେ ବିକ୍ରି ହୋଇପାରନ୍ତି ବୋଲି ଆଶା କରାଯାଉଛି। କେକେଆର ପାଖରେ ବର୍ତ୍ତମାନ ୬୪.୩୦ କୋଟି ଟଙ୍କା ବଳକା ରହିଛି। ଏହି ଫ୍ରାଞ୍ଚାଇଜ୍ ୧୩ଟି ଖାଲି ସ୍ଥାନ ପୂରଣ କରି ଦଳର ପୁନର୍ଗଠନ ଲକ୍ଷ୍ୟରେ ରହିଛି। ଏହି ଦଳକୁ କେବଳ ଚେନ୍ନାଇ ସୁପରକିଙ୍ଗ୍ସ ଚ୍ୟାଲେଞ୍ଜ ଦେଇପାରିବ। ମିନି ନିଲାମି ପାଇଁ ଏହି ଦଳ ନିକଟରେ ୪୩.୪୦ କୋଟି ଟଙ୍କା ରହିଛି। ଗ୍ରୀନ୍, ଭେଙ୍କଟେଶ ଆୟର ଓ ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡରଙ୍କ ବେସ୍ ପ୍ରାଇସ ୨ କୋଟି ଟଙ୍କା ରଖାଯାଇଛି। ଆଇପିଏଲ୍‌ରେ ଗ୍ରୀନ୍‌ଙ୍କ ପରିସଂଖ୍ୟାନ ଦେଖିଲେ, ସେ ୨୯ ମ୍ୟାଚ ଖେଳି ୭୦୪ ରନ ସଂଗ୍ରହ କରିଥିବା ବେଳେ ୧୬ ଉଇକେଟ ଅକ୍ତିଆର କରିଛନ୍ତି।

### ପଞ୍ଜୀକୃତ ଖେଳାଳିଙ୍କ ତାଲିକାରେ ଈଶ୍ୱରନ

**ନୂଆଦିଲ୍ଲୀ,୧୫।୧୨(ପି.ଟି.)**

ଅନେକ ଥର ୧୫ ଜଣିଆ ଭାରତୀୟ ଦଳରେ ସ୍ଥାନ ପାଇବା ସତ୍ତ୍ୱେ ଅଭିମନ୍ୟୁ ଈଶ୍ୱର ଏବେ ବି ପଦାର୍ପଣ କ୍ୟାପ୍ ଅପେକ୍ଷା ରହିଛନ୍ତି। ଭାରତ ଏ' ପାଇଁ ଓ ଘରୋଇ କ୍ରିକେଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଅଭିମନ୍ୟୁଙ୍କୁ ମଙ୍ଗଳବାର ଅନ୍ତିମ ଖେଳାଳି ଭାବେ ଆବୁ ଧାବିଠାରେ ହେବାକୁ ଆଇପିଲ ମିନି ଅକ୍ସନ ଲାଗି ପଞ୍ଜୀକୃତ ଖେଳାଳିଙ୍କ ତାଲିକାରେ ସାମିଲ କରାଯାଇଛି। ଚଳିତ ବର୍ଷ ୩୫୦ ଖେଳାଳି ମିନି ଅକ୍ସନ ଲାଗି ନାମ ପଞ୍ଜୀକୃତ କରାଇଛନ୍ତି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ